
# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୨/୨୦୨୫ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 12/2025 | Page 20 | ₹ 7.00 | BERHAMPUR

୫୧ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 137 | ମୂଲ୍ୟ ₹୭/-




KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୨/୨୦୨୫ | Bhubaneswar, Saturday, April 12/2025 | ପୃଷ୍ଠା-୧



## ନାରିନଙ୍କ ପ୍ରଭାବୀ ବୋଲିଂ

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି କୋଲକାତା ନାଇଟ ରାଇଡର୍ସର ସୁନିଲ ନାରିନ।

୧୬ ୦୬

## ଶ୍ରଦ୍ଧାଙ୍କ ପ୍ରିୟ ପୁରୁଷ

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ବାପା ଭେଟେରାନ ଅଭିନେତା ଶକ୍ତି କପୁରଙ୍କୁ ନିଜର ସବୁଠୁ ପ୍ରିୟ ପୁରୁଷ ବୋଲି କହିଛନ୍ତି।



# ପ୍ରଭାବିତ ହେବ ବିଶ୍ୱ ଅର୍ଥନୀତି

ଆମେରିକାର ଟ୍ରମ୍ପ ପ୍ରଶାସନ ସହ ଟାରିଫ୍ ବୃଦ୍ଧି ଉପରେ 'ଯେସାକୁ ତେସା' ନୀତିକୁ ଆଉ ପାଦେ ଆଗକୁ ନେଇଯାଇଛି ଚାଇନା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ନିଜ ଦେଶକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ୧୪୫% ଟାରିଫ୍ ଘୋଷଣା କରିଥିବାବେଳେ ବେଜିଂ ଏହାର କଡ଼ା ଜବାବ ଦେଇଛି। ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୧୨୫% ପାଲଟା ଶୁଳ୍କ ଲାଗୁ ହେବ ବୋଲି ଚାଇନା ଘୋଷଣା କରିଛି। ଏପ୍ରିଲ ୧୨ ଶନିବାରଠାରୁ ଚାଇନାର ଏହି ନୂଆ ଟାରିଫ୍ ଆମେରିକୀୟ କୃଷି ଓ କାରିଗରି ସମେତ ଅନେକ କ୍ଷେତ୍ରରେ ଲାଗୁହେବ। ପରସ୍ପର ଉପରେ ଅତ୍ୟୁଚ୍ଚ ଟାରିଫ୍ ଘୋଷଣା କରି ବିଶ୍ୱର ୨ ମହାଶକ୍ତି କେବଳ ମୁହାଁମୁହିଁ ହୋଇଛନ୍ତି ତାହା ନୁହେଁ, ବରଂ ଏହାଦ୍ୱାରା ବୈଶ୍ୱିକ ଆର୍ଥିକ ସଙ୍କଟର ସୂତ୍ରଧର ପାଲଟିଛନ୍ତି। କାରଣ ପ୍ରଭାବ ଏହି ଦୁଇ ଦେଶ ଭିତରେ ସୀମିତ ନ ରହି ବୈଶ୍ୱିକ ବଜାର ଉପରେ ପଡ଼ିବ ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏପରି କି ସୁନା ବଜାରରେ ଚାରିଆଡ଼େ ହଇଚଇ ସୃଷ୍ଟି କରିଛି। ଭାରତରେ ଶୁକ୍ରବାର ୧୦ ଗ୍ରାମ ପ୍ରତି ସୁନା ସର୍ବାଧିକ ୬, ୨୫୦ ଟଙ୍କା ବୃଦ୍ଧି ପାଇ ଦିଲ୍ଲୀରେ ୯୬,୪୫୦ ଟଙ୍କା ହୋଇଛି। ତେବେ ରାଷ୍ଟ୍ରପତି ଟ୍ରମ୍ପ ଆରମ୍ଭ କରିଥିବା ଟାରିଫ୍‌ର ଏହି ସଂଖ୍ୟାଖେଳ ଯୋଗୁ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ପରିଣାମ ପାଇଁ ଆମେରିକା ନିଜକୁ ହିଁ ଦାୟୀ କରିବା ଉଚିତ ବୋଲି ବେଜିଂ କହିଛି।

### ଯେସାକୁ ତେସା: ଶୀର୍ଷରେ ଆମେରିକା-ଚାଇନା ଟାରିଫ୍ ଯୁଦ୍ଧ

ବେଜିଂ/ୱାଶିଂଟନ୍,୧୧।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକତରଫା ଭାବେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ୧୪୫% ଟାରିଫ୍ ବୃଦ୍ଧି ଘୋଷଣା କରିଥିବା ଶୁକ୍ରବାର ବେଜିଂ ଦର୍ଶାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏହାର ମୁକାବିଲା ପାଇଁ ୟୁରୋପୀୟ ସଂଘ (ଇୟୁ)କୁ ବେଜିଂ ସହ ହାତ ମିଳାଇବା ପାଇଁ ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା-୨

# ସୁନା ୯୬ ହଜାର ଟପିଲା

ନୂଆଦିଲ୍ଲୀ,୧୧।୪(ପି.ଟି.)

ସୁନା ଦର ଶୁକ୍ରବାର ୧୦ ଗ୍ରାମ୍ ପ୍ରତି ସର୍ବାଧିକ ୬,୨୫୦ ଟଙ୍କା ବୃଦ୍ଧି ପାଇ ଜାତୀୟ ରାଜଧାନୀରେ ୯୬,୪୫୦ ଟଙ୍କା ହୋଇଛି। ସ୍ଥାନୀୟ ଜୁଏଲର ଏବଂ ରିଟେଲରଙ୍କଠାରୁ ଚାହିଦା ବଢ଼ୁଥିବାରୁ ଦର ଅତ୍ୟଧିକ ବୃଦ୍ଧି ପାଉଥିବା ଅଲ୍ ଇଣ୍ଡିଆ ସରାଫା ଆସୋସିଏଶନ କହିଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଆମେରିକା ଏବଂ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଜୋର୍‌ଦାର ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ସବୁଠୁ ସୁରକ୍ଷିତ ନିବେଶ ମନେ କରାଯାଉଥିବା ସୁନା ଚାହିଦା ବୃଦ୍ଧି ପାଇଛି। ଫଳରେ ଏହି ମୂଲ୍ୟବାନ୍ ଧାତୁ ଦାମ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ବୁଧବାର ୯୯.୯ ପ୍ରତିଶତ ଶୁଦ୍ଧ ସୁନା ଦର ୧୦ ଗ୍ରାମ ପ୍ରତି ୯୦,୨୦୦ ଟଙ୍କା ରହିଥିଲା। ସେହିପରି ୯୯.୫% ☞ପୃଷ୍ଠା-୨



କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରସାଦ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

DSPL - 29
ଓଡ଼ିଶା ସରକାର
ଓଡ଼ିଆ ପକ୍ଷ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ପାଳନ
ବନ୍ଦନୀୟ ବରପୁତ୍ର
୧୨ ଏପ୍ରିଲ୍ ୨୦୨୫
"ପୁଣ୍ୟ ଏ ମାଟିର
ଯଶସ୍ୱୀ ସନ୍ତାନ
ଦେଶ କରେ ଆଜି
ତାଙ୍କ ଜୟଗାନ"
OIPR-03029/13/0043/2526
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଆୟୁଷ୍ମାନ ଇନ୍‌ସ୍ୟୁରାନ୍ସ ନୁହେଁ, ଆସ୍ୟୁରାନ୍ସ: ନଡ୍ଡା

- ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା
- ପୂର୍ବ ସରକାର ଏହି ଯୋଜନା ଲାଗୁ ନ କରିବା ପାଇଁ ଚକ୍ରାନ୍ତ କରିଥିଲେ
- ଓଡ଼ିଶାରେ ଆଉ ୨ନୂଆ ମେଡିକାଲ କଲେଜ ଉଦ୍‌ଘାଟନ ହେବ: ମୁଖ୍ୟମନ୍ତ୍ରୀ
- ବିଜେଡିକୁ ବନାଇବାରେ ମୋର ହାତ ରହିଛି: ଜୁଏଲ ଓରାମ

କଟକ,୧୧।୪
(ଶିଳ୍ପା ପ୍ରିୟଦର୍ଶିନୀ)

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ହେଉଛି ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟ ଯୋଜନା। ବର୍ତ୍ତମାନ ସୁଦ୍ଧା ୬୧ କୋଟି ଲୋକ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଏହା ଇନ୍‌ସ୍ୟୁରାନ୍ସ (ବୀମା) ନୁହେଁ, ବରଂ ଆସ୍ୟୁରାନ୍ସ (ଆଶ୍ୱାସନା) ଯୋଜନା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି। ଶୁକ୍ରବାର କଟକ ବାଲିଯାତ୍ରା ତଳପଡ଼ିଆରେ ଆୟୋଜିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ), ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ) ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)ର ଶୁଭାରମ୍ଭ ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି ନଡ୍ଡା କହିଛନ୍ତି, ଏହି ଯୋଜନା ଓଡ଼ିଶାରେ ଲାଗୁ କରିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଅନୁରୋଧ କରିଥିଲେ। ହେଲେ ନବୀନ ଏହାକୁ କାର୍ଯ୍ୟକାରୀ କରି ନ ଥିବାରୁ ଲୋକେ ତାଙ୍କୁ ଘରେ ବସାଇଦେଲେ ବୋଲି ନଡ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନଡ୍ଡା ଆହୁରି କହିଛନ୍ତି, ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଆରମ୍ଭ ହେବା ହିଁ ଡବଲ ଇଞ୍ଜିନ ସରକାର ସଫଳ ଭାବେ କାର୍ଯ୍ୟ କରିବାର ଏକ ବଡ଼ ଉଦାହରଣ। ଓଡ଼ିଶାର ବହୁ ଲୋକ ମୁମ୍ବାଇ, ତାମିଲନାଡ଼ୁ, କେରଳ ଓ ଦିଲ୍ଲୀ ସମେତ ଅନ୍ୟ ସହରଗୁଡ଼ିକରେ ବସବାସ କରୁଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଲୋକେ ସମସ୍ତ ସ୍ଥାନରେ ଏହାର ସୁବିଧା ପାଇପାରିବେ। ମୋହନ ମାଝୀ ସରକାରଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ଟିମ୍‌ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପୂର୍ବ ସରକାର ଏହି ଯୋଜନା ଲାଗୁ ନ କରିବା ପାଇଁ ଯେଉଁ କୁଚକ୍ରାନ୍ତ କରିଥିଲେ, ଓଡ଼ିଶାବାସୀ ତା'ର ଜବାବ ଦେଇଛନ୍ତି। ଓଡ଼ିଶାବାସୀ ବହୁ ଭଲ ନିଷ୍ପତ୍ତି ନେଇଥିବାରୁ ଆଜି ଏଭଳି ସୁବିଧା ପାଇପାରୁଛନ୍ତି। ତିନୋଟି ରାଜ୍ୟ କେନ୍ଦ୍ରର କୌଣସି ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିନାହାନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ମଧ୍ୟ ଖୁବ୍‌ଶୀଘ୍ର ପଦ୍ମ ଫୁଟିବ। ମାତ୍ର ୧୦ ମାସର ସରକାର କ୍ଷମତାରେ ଆସିବା ପରେ ଏହିସବୁ ☞ପୃଷ୍ଠା-୨

# ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବଢ଼ିଲା

ଭୁବନେଶ୍ୱର, ୧୧।୪
(ସୁନିତ୍ ମିଶ୍ର)

ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ରୁ ୫୫%କୁ ବୃଦ୍ଧି ପାଇଛି। ଏହା ଜାନୁଆରୀ ପହିଲା ୨୦୨୫ରୁ ପିଛିଲା ଭାବେ ଲାଗୁହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହ ପେନ୍‌ସନଭୋଗୀମାନଙ୍କ ଟିଆଇ (ଟେମ୍ପରାରି ଇନ୍‌କ୍ରିମେଣ୍ଟ)ରେ ମଧ୍ୟ ୨ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

ଆଜିର ସମ୍ପାଦକୀୟ
ଟାରିଫ୍ ଝଡ଼

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୟ ଓଡ଼ିଶା ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର, ସ୍ଥାନ: ସୂଚନା ଭବନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଭିଲ ସୋସାଇଟି ଫୋରମ ଅନ୍ ହ୍ୟୁମାନ ରାଇଟ୍ସର ମାସିକ ଆଲୋଚନା ଚକ୍ର, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ଦ୍ୱାଦଶ ବାର୍ଷିକ ସମାରୋହ, ସ୍ଥାନ: ରୋଟାରୀ ଭବନ, ପ୍ରଥମ ମହଲା, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା
- ସିଦ୍ଧମହାବୀର ଦେବଙ୍କ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଜଳଯାତ୍ରା, ସ୍ଥାନ: ଗୋପବନ୍ଧୁ ବଜାର, କଲେଜ ରୋଡ୍, ଜଟଣୀ, ସମୟ: ସକାଳ ୭ଟା।
- ୟୁଆଇଇଟିର ବାର୍ଷିକ ଉତ୍ସବ 'ଉତ୍କର୍ଷ -୨୦୨୫', ସ୍ଥାନ: ଜ୍ଞାନ ବିହାର, ରଥିପୁର, ଜଟଣୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- କବିବର ରାଧାନାଥଙ୍କ ୧୧୭ତମ ଶ୍ରାଦ୍ଧ ଓ ୮୦ତମ ସାଂସ୍କୃତିକ ସମାରୋହ, ସ୍ଥାନ: ରାଧାନାଥ ସ୍ମୃତିମଣ୍ଡପ, ସୋର, ସମୟ: ସକାଳ ୭ଟା।
- କବିବରଙ୍କ ଜନ୍ମପୀଠ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: କେଦାରପୁର, ସୋର, ସମୟ: ସକାଳ ୭ଟା।
- ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ଷଷ୍ଠ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସନ୍ଧ୍ୟା ଅଧିବେଶନ ଓ ସାଂସ୍କୃତିକ ସମାରୋହ, ସ୍ଥାନ: ରାଧାନାଥ ସ୍ମୃତିମଣ୍ଡପ, ସୋର, ସମୟ: ସନ୍ଧ୍ୟା ୭ଟା।
- ନନ୍ଦୁର ଆଞ୍ଚଳିକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଅସୁରିଆ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୌରଙ୍ଗପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମହୁସୁଧା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହୁସୁଧା ସ୍କୁଲ ପରିସର, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୋଧପଡ଼ା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ହନୁମାନ ଚାଳିଶା ପାଠ, ଯଜ୍ଞ ପୂର୍ଣ୍ଣାହୁତି, ଭଜନ ସନ୍ଧ୍ୟା, ସ୍ଥାନ: ବାଲିମେଦ ପାଇକସାହି, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଓଡ଼ିଆ ପକ୍ଷ ପାଳନ ସମାରୋହ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଇଏମ୍‌ସି ସାଧାରଣ ବୈଠକ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ,ସମୟ: ମଧ୍ୟାହ୍ନ ୧୨ଟା।
- ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏନଜିଓ ହଲ, ସମୟ: ଅପରାହ୍ନ ୪ଟା।
- ଦେବରାଜ୍ୟ ସାହିତ୍ୟ ଅନୁଷ୍ଠାନ ଓ ଲେଖିକା ସାହିତ୍ୟ ସଂସଦ ପକ୍ଷରୁ ମାସିକ କବିତା ଆସର, ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ
- ୭ମ କାରୁବାକୀ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ପିପିଏଲ୍ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ସ୍କୁଲ ପରିସର, ପିପିଏଲ୍, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଶ୍ରୀପଞ୍ଚଶଖା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ବାରିମୂଳ ପଞ୍ଚାୟତ ପଡିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ହନୁମାନ ମନ୍ଦିର ପରିସର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଶ୍ରୀମଦ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଡ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା' ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଳେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ରାଜ୍ୟସ୍ତରୀୟ ଡିଫା କପ୍‌ର ୪ର୍ଥ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ମା' ଜେମାଶୁଣୀ ପୀଠ, ସମୟ: ପ୍ରାତଃ ୪ଟା।
- ସେଣ୍ଟ୍ ଜାଭିୟର୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଶାନ୍ତିବଜାର ନିକଟ ସ୍କୁଲ ପରିସର, ସମୟ: ଅପରାହ୍ନ ସାଢ଼େ ୪ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ରମାନଙ୍କ ସଂକ୍ରାନ୍ତରେ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ କବି ସମ୍ମିଳନୀ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ। ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡ ଶ୍ରୀସୁନ୍ଦରକାଣ୍ଡ ଭକ୍ତ ମଣ୍ଡଳ ପକ୍ଷରୁ ଶ୍ରୀହନୁମାନ ଜନ୍ମୋତ୍ସବ ଧ୍ୱଜା ଯାତ୍ରା, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବଟିକା, ସମୟ: ସକାଳ ୭ଟା।

## ନୟାଗଡ଼
- ଚଇତି ପର୍ବ, ସ୍ଥାନ: କଣ୍ଟିଲୋ ଅତିବୁଦ୍ଧିପାଟଣା, ସମୟ: ସକାଳ ୭ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ, ସ୍ଥାନ: କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା, ସମୟ: ସକାଳ ୭ଟା।
- ଚଇତି ପର୍ବ, ସ୍ଥାନ: କଣ୍ଟିଲୋ କଂସାରିସାହି ପାଟଣା, ସମୟ: ସକାଳ ୭ଟା।
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ଗିରି ହନୁମାନ ପୀଠ ସମୟ: ସକାଳ ୭ଟା।
- ମା' ହେଙ୍ଗୁଳାଇଙ୍କ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିଲୋ ହାତମୁଣ୍ଡପାଟଣା, ସମୟ: ସକାଳ ୭ଟା।
- ହାଣ୍ଡି ଭଙ୍ଗା ପର୍ବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦର ମହିଷାସୁଣୀ ପୀଠ, ସମୟ: ସକାଳ ୭ଟା।
- ୭ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା ଚକ୍ର, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସଭାଗୃହ, ସମୟ: ସକାଳ ୯ଟା।
- ୧୫ ଦିନିଆ ଦଣ୍ଡପର୍ବର ୧୪ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୧୪ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୧୪ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୧୪ତମ ଦିବସ, ସ୍ଥାନ: ଗୋଡ଼ିପଡ଼ା କାମନା ମନ୍ଦିର ସାହି, ସମୟ: ଅପରାହ୍ନ ୨ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ସପ୍ତମ ଦିବସରେ ବନବାସ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ସପ୍ତମ ଦିବସରେ ଗଣ୍ଡାବନ୍ଧ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ରାମନବମୀ ଯାତ୍ରା ଅବସରରେ ରାମ ଚରିତ ମାନସ ପାରାୟଣର ସପ୍ତମ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବରପୁତ୍ରମାନଙ୍କ ସ୍ମୃତି ଚାରଣ କାର୍ଯ୍ୟକ୍ରମ, ସ୍ଥାନ: ନୋଡାଲ କେନ୍ଦ୍ର ରାୟଗଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମ ସମୀକରଣ ଏବଂ ଏହାର ପ୍ରୟୋଗ ଉପରେ ଶିକ୍ଷକଙ୍କ ସମୃଦ୍ଧ କର୍ମଶାଳା, ସ୍ଥାନ : ଜିଆଇଇଟି, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ନବରଙ୍ଗପୁର
- ଅଲେଖ ମହିମା ଧୂନି ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଜାମଗୁଡ଼ା, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ୩୭ତମ ଚବିଶ ପ୍ରହରୀ ଅଖଣ୍ଡ ନାମଯଜ୍ଞ, ସ୍ଥାନ:ଚାଉଁରପୁର ଗ୍ରାମ, ସମୟ:ସକାଳ ୮ଟା।
- ଜିଲାପ୍ରଶାସନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଆୟୋଜନରେ ବରପୁତ୍ରଙ୍କ ବିଷୟରେ ଆଲୋଚନା ଚକ୍ର, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଚୈତ୍ର ପୂର୍ଣ୍ଣିମା ତିଥିରେ କୁଲତା ଦିବସ କାର୍ଯ୍ୟକ୍ରମ, ସ୍ଥାନ:ଦାନୀସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ପୂର୍ବାହ୍ନ ୧୨ଟା।
- ରୋଟାରୀ କ୍ଲବ ଆୟୋଜିତ ଆନ୍ତଃର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚଡି ପଡିଆ, ସମୟ : ଅପରାହ୍ନ ୩ଟା।
- କୈବର୍ତ୍ତ ସମାଜ ଆୟୋଜନରେ ମା' ଚୌରାଶିଙ୍କ ପୂଜାର୍ଚ୍ଚନା, ସ୍ଥାନ: ବଡବଜାର ମହାନଦୀ ଘାଟ, ସମୟ : ଅପରାହ୍ନ ୩ଟା।
- ହାଟପଡା ବୀର ବଜରଙ୍ଗ ସଂଘ ଆୟୋଜନରେ ରାଜ୍ୟ ସ୍ତରୀୟ ମିନକେତନ ଦେହୁରୀ ନୌକା ଚାଳନ ପ୍ରତିଯୋଗୀତା, ସ୍ଥାନ: ହଟପଡା ମହାନଦୀ ଘାଟ, ସମୟ ଅପରାହ୍ନ ୪ଟା।
- ଯୁବ କଳାକାର ଆୟୋଜନରେ ନାଟକ ଶ୍ରୀରାମ କୈବର୍ତ୍ତ ମଞ୍ଚନ, ସ୍ଥାନ : ହାଟପଡା ଛକ ରିରୋଡ, ସମୟ : ଅପରାହ୍ନ ୪ଟା ୩୦।
- ବିରାଟ ରାମଲିଲା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ରାତି ୭ଟା।
- ରାମଲିଲା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୭ ଟା।

## ରାଉରକେଲା
- ମ୍ୟୁନିସିପାଲ କଲେଜ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଲେଦର ଶୋ ରୁମ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦିତନଗର ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମକଥା ଓ ସୁନ୍ଦରାକାଣ୍ଡ ପ୍ରବଚନ, ସ୍ଥାନ: ମେ ଫେୟାର ହକି ଭିଲେଜ୍, ସମୟ: ଅପରାହ୍ନ ୪ଟା ୩୦।
- ପଞ୍ଚତତ୍ତ୍ୱ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ନ୍ୟାଶନାଲ ଷ୍ଟ୍ରିଟ ଥିଏଟର ଡେ ପାଳନ, ସ୍ଥାନ: ସେକ୍ଟର-୨ ଖାରିବାହାଲ ବସ୍ତି, ସମୟ: ଅପରାହ୍ନ ୫ଟା।
- ବାସନ୍ତିକ ପରିଷଦ ପକ୍ଷରୁ ପାଲା ମହୋତ୍ସବ, ସ୍ଥାନ: ସେକ୍ଟର-୩ ପୂଜା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ଓ ଗବେଷଣା କେନ୍ଦ୍ରର ଭାଷା ସାହିତ୍ୟ ସଭା, ସ୍ଥାନ: ସେକ୍ଟର-୭ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର, ସ୍ଥାନ:ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ୧୦ଟା।

## ବରଗଡ଼
- ସମଲେଶ୍ୱରୀଙ୍କ ମହାଜଳାଭିଷେକ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ପ୍ରାତଃ ୪ଟା।
- ସି.ଏମ୍‌ଟ୍ରଫି ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ସକାଳ ୮ଟା।
- ଗୋ-ବିଜ୍ଞାନ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ:ତପୋବନ ଆଶ୍ରମ, ବରଗଡ଼,ସମୟ: ଅପରାହ୍ନ ୩ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗୋଡଭଗା, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ଓଡ଼ିଆପକ୍ଷ ପାଳନ ଉପଲକ୍ଷେ ବରପୁତ୍ରମାନଙ୍କ ଆଦର୍ଶ ଜୀବନୀ ଉପରେ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ବିକାଶ ଉଇଜ୍‌ଡ଼ମ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଅଷ୍ଟଶମ୍ଭୁ ମହାମିଳନ, ସ୍ଥାନ: ହନୁମାନ ମଠ ଖାଙ୍କରପଡା, ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ସପ୍ତମ ଦିନ ନାଟକ ବାଳୀବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ସପ୍ତମ ଦିବସ ନାଟକ ସୀତାଚୋରି, ସ୍ଥାନ: ବହିରା ରାମଲିଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼
- ଶ୍ରୀ ରାମନବମୀ ମହୋତ୍ସବ ପୂଜା, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଚୈତ୍ର ପୂର୍ଣ୍ଣିମା ଯାତ୍ରା, ସ୍ଥାନ: ବିଜୟନଗର, ବାରକୋଟ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭୈରବୀ ପୂଜା, ସ୍ଥାନ: ଗୋବିନ୍ଦପୁର ଖାଡ଼େଶ୍ୱର ମନ୍ଦିର, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟ ପ୍ରହର, ସ୍ଥାନ: ତିମୁର ଗ୍ରାମ, ରିଆମାଳ ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ରାହାସ ଯାତ୍ରା, ସ୍ଥାନ: ଡାରଙ୍ଗ ଗ୍ରାମ, ରିଆମାଳ ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମନବମୀ ମହୋତ୍ସବ ଅବସରରେ ପ୍ରବଚନ, ଆଳତି ଓ ସମୂହ ହନୁମାନ ଚାଳିଶାପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଓଡ଼ିଆ ପକ୍ଷ ଅବସରରେ ବରପୁତ୍ରମାନଙ୍କର ସ୍ମୃତିଚାରଣ ଓ ସାରସ୍ୱତ କାର୍ଯ୍ୟକ୍ରମ, ସ୍ଥାନ:ଜିଲା ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଅନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ପଞ୍ଚମ ଦିବସ, ସ୍ଥାନ:ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ:ଅପରାହ୍ନ ୪ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ସପ୍ତମ ଦିବସରେ ତୁଳସୀ ରାମାୟଣ ପଠନ ଓ ନାଟକ ଇନ୍ଦ୍ରଜିତ ବଧ ପରିବେଷଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ:ରାତି ୮ଟା।
- ତରଭା ବ୍ଲକ ସରଗଜରେ ରାମନବମୀର ସପ୍ତମ ଦିବସ ଓ ନାଟକ ଇନ୍ଦ୍ରଜିତ ବଧ ପରିବେଷଣ, ସ୍ଥାନ: ଗ୍ରାମ ସ୍ଥିତ ମଣ୍ଡପ, ସମୟ:ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଗାମୀ ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଗାଡ଼ି, ମୋଟର, ପରିବହନ, ସଭାସମିତି, ସତ୍‌ସଙ୍ଗ କ୍ଷେତ୍ରରୁ ସଫଳତା ପାଇବେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ଘରେ ମୂଲ୍ୟବାନ ଦ୍ରବ୍ୟ ନଷ୍ଟଜନିତ ଉଚ୍ଚବାଚ ଘଟିପାରେ । ଅଯାଚିତ ଭାବରେ ପଡ଼ୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କଳା, କାରିଗରି, ଶିଳ୍ପ, ବାଣିଜ୍ୟ ତଥା ସାହିତ୍ୟ ଓ ସଙ୍ଗୀତାଦିରେ ସୁନାମ ଅର୍ଜନ କରିପାରନ୍ତି। ଆପଣଙ୍କ ରଚନାତ୍ମକ କାର୍ଯ୍ୟ ବହୁଜନ ପ୍ରଶଂସିତ ହେବାର ଯୋଗ ରହିଛି।

**ମିଥୁନ** ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ବନ୍ଧୁମିଳନ ସାଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଖୋରାକ ପାଇବେ। ସ୍ଥଗିତ କାମ କରିବା ପାଇଁ ନିଷ୍ପତ୍ତି ନେବେ। ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ବେଶ୍ ଫଳପ୍ରଦ ହେବ।

**କର୍କଟ** କର୍ମଜଞ୍ଜାଳର ବହୁଳତା ଆପଣଙ୍କୁ କୌଣସି ସ୍ଥାନରେ ସ୍ଥିରଭାବରେ ରଖାଇ ଦେବନାହିଁ। ଯେଉଁ ଆଶା ନେଇ ଅନ୍ୟମାନଙ୍କ ପାଇଁ କିଛି କରିବେ ପ୍ରତିବଦଳରେ କିଛି ପାଇବା କଷ୍ଟକର ହେବ। ବନ୍ଧୁଙ୍କ ମାଧ୍ୟମରେ ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**ସିଂହ** ବିଶିଷ୍ଟବ୍ୟକ୍ତିଙ୍କ ସହୃଦୟତା ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବ। ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ଯାତ୍ରା,ନୂତନ କର୍ମାରମ୍ଭ, ଶିଳ୍ପ, ବାଣିଜ୍ୟ ପରିବହନ, ବ୍ୟବସାୟ ସକାଶେ ଦିନଟି ମନ୍ଦ ନୁହେଁ। ନୂତନ ବନ୍ଧୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହେବାର ସୂଚନା ରହିଛି।

**କନ୍ୟା** ଆଜି ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନପାରେ। ପରିବାରରେ ବିତର୍କ କିମ୍ବା ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆସନ୍ତାକାଲି ଖୋଜୁଥିବା ଜିନିଷଟି ଆଜି ଅପରାହ୍ନରେ ପାଇଯିବେ। ପ୍ରଶାସନ, ଅର୍ଥ ସମ୍ପର୍କ, ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ଉଠାପକା ମଧ୍ୟଦେଇ ଚାଲିପାରେ।

**ତୁଳା** ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ସାଧାରଣ କଥାକୁ ନେଇ ତର୍କବିତର୍କ ଲାଗିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗ କାରଣରୁ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ବିଛା** ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ସତର୍କତା ଅବଲମ୍ବନ କରିବା ଭଲ। ପ୍ରତିଟି ପଦକ୍ଷେପରେ ଆଖିରେ ନ ଦେଖିଥିବା କିମ୍ବା କାନରେ ଶୁଣି ନ ଥିବା କଥାକୁ ବିଶ୍ୱାସ କଲେ କ୍ଷତିରେ ପଡ଼ିବେ। ସାହାଯ୍ୟ ମନୋବୃତ୍ତିରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ । ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିବେ।

**ଧନୁ** ଶୁଭଯୋଗ ପ୍ରଭାବରୁ କର୍ମକ୍ଷେତ୍ର ସାଙ୍ଗକୁ ପାରିବାରିକ କ୍ଷେତ୍ରରେ ସମସ୍ୟା ରହିବନାହିଁ। ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପରିସ୍ଥିତିର ତାଡ଼ନାରେ ମନକୁ ନ ପାଇଲେ ମଧ୍ୟ ପରିବାର ସଦସ୍ୟଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରଶାସନ, ଆଇନ ତଥା ବାଣିଜ୍ୟ ଓ ପରିବହନରେ ସୁଫଳ ପାଇବେ।

**ମକର** ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଜିର ଯାତ୍ରା ବ୍ୟୟବହୁଳ ହେବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଗୁଜବ ଶୁଣି ମନରେ ଦୁଶ୍ଚିନ୍ତା ସୃଷ୍ଟିହେବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକରି ଠିକଣା ସମୟରେ ଉଚିତ ପଦକ୍ଷେପ ନିଅନ୍ତୁ। ମନୋରଞ୍ଜନ କାର୍ଯ୍ୟକ୍ରମ, ଭ୍ରମଣ, ବନ୍ଧୁମିଳନ ଓ ନୂତନ ଯୋଜନାରମ୍ଭ କ୍ଷେତ୍ରରେ ଆଶା ପୂରଣ ହୋଇପାରିବ।

**କୁମ୍ଭ** ଆଜି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ଆଜି ମଧ୍ୟାହ୍ନରେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବା ସହ ଆଶା ଓ ଅଭିଳାଷ ପୂରଣ ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ପାରିବାରିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଏପ୍ରିଲ ୧୨ତାରିଖ, ଚୈତ୍ରପୂର୍ଣ୍ଣିମା, ଶନିବାର, ଶ୍ରୀମନ୍ଦିରରେ ଲଙ୍କାପୋଡ଼ି, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶି/ନକ୍ଷତ୍ର-ହସ୍ତା/କନ୍ୟା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ.୧୦।୧୪ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୮।୪୧ ଗତେ ଘ.୧୦।୧୪ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଆୟୁଷ୍ମାନ ଇନ୍‌ସ୍ୟୁରାନ୍ସ ...

କାର୍ଯ୍ୟକୁ ସମ୍ଭବ କରିବା ଏକ ଗର୍ବର ବିଷୟ। ସେହିପରି ଏହି ସରକାର ଦ୍ୱାରା ୧୦୦ ଦିନରେ ସାଢ଼େ ୧୬ ହଜାର ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇପାରିଛି। ଏମ୍‌ପି ଏବଂ ବିଧାୟକମାନେ ଗାଁ ଗାଁ ଯାଇ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ଯୋଗ୍ୟ ଲୋକଙ୍କୁ ଏହାର ସୁବିଧା ଯୋଗାଇବାକୁ ଅନୁରୋଧ କରୁଛନ୍ତି ବୋଲି ନଡ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ। ରାଜ୍ୟର ବିକାଶ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେଲା। ରାଜନୈତିକ ଉଦ୍ଦେଶ୍ୟ ରଖି ପୂର୍ବ ସରକାର ଏହାକୁ ଲାଗୁ କରି ନ ଥିଲେ। ନୂଆ ସରକାର ଆସିବା ପରେ ଆୟୁଷ୍ମାନ ଲାଗୁ କରାଗଲା। ଫଳରେ ଓଡ଼ିଶା ବାହାରେ ରହୁଥିବା ହିତାଧିକାରୀ ମଧ୍ୟ ଉପକୃତ ହେବେ। ଡବଲ ଇଞ୍ଜିନ ସରକାର ଆସିବା ପରେ ବିକାଶର ଗତି ଦୁଇଗୁଣ ହୋଇଛି। ଗୋଟିଏ ପରିବାରର ଲୋକ ଦେଶର ବିଭିନ୍ନ ସ୍ଥାନରେ ରହିଲେ ବି ସମସ୍ତ ସଦସ୍ୟ ଏହାର ସୁବିଧା ପାଇପାରିବେ। ସମସ୍ତଙ୍କୁ ଏକକ କାର୍ଡ ପ୍ରଦାନ କରାଯିବ। ତେଣୁ ଯିଏ ଯେଉଁଠି ରହିଲେ ମଧ୍ୟ ଏହି ଯୋଜନାର ସୁଫଳ ପାଇପାରିବେ। ସଶକ୍ତ ସହର ଓ ଦେଶ ଗଠନ ପାଇଁ ସୁସ୍ଥ ନାଗରିକର ଆବଶ୍ୟକତା ରହିଛି। ସୁସ୍ଥ ନାଗରିକ ଗଠନ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ଆୟୁଷ୍ମାନ ଯୋଜନା 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବାକ୍ୟର ଏକ ସ୍ପଷ୍ଟ ଦୃଷ୍ଟାନ୍ତ ପାଲଟିବ। ପୂର୍ବରୁ ଚିକିତ୍ସା ପାଇଁ ଲୋକେ ନିଜ ଜିନିଷ ବନ୍ଧକ ପକାଉଥିଲେ, ହେଲେ ଏବେ ସ୍ୱାସ୍ଥ୍ୟ ସେବା ଘରେ ଘରେ ପହଞ୍ଚିବ। ୨୯ ହଜାରରୁ ଅଧିକ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଓଡ଼ିଶାରେ ଏବେ ୧୨ଟି ହସ୍ପିଟାଲରେ ଏହା କାର୍ଯ୍ୟକାରୀ ହେଉଛି ଏବଂ ଆଗାମୀ ଦିନରେ ଆଉ ୨ଟି ନୂତନ ମେଡିକାଲ କଲେଜର ଉଦ୍‌ଘାଟନ କରାଯିବ। ଏଥିସହ ଚଳିତବର୍ଷ ବଜେଟରେ ଭଦ୍ରକ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁରରେ ୪ଟି ମେଡିକାଲ କଲେଜ ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ ପାଇଁ ବହୁତ କାମ ହାତକୁ ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ କହିଛନ୍ତି, ପୂର୍ବରୁ ଜନତା ପାର୍ଟି ଓ ଭାରତୀୟ ଜନତା ପାର୍ଟିର ମେଣ୍ଟ ହୋଇଥିଲା। ପରେ ବିଜୁ ଜନତା ଦଳ ଗଠନ ହେଲା। ଏହି ଦଳକୁ ଗଢ଼ିବାରେ ତାଙ୍କ ହାତ ରହିଛି। ସେହିପରି କଟକର ନେତା ସ୍ୱର୍ଗତ ସମୀର ଦେଙ୍କ ହାତ ମଧ୍ୟ ଥିଲା। ବିଜେଡି ଶାସନ ତ କରିବା ଆରମ୍ଭ କଲା, କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ପାଣ୍ଡିଆନ ସରକାର ଚଳାଇଲେ। ସେ ସମୟରେ ଯାହା ଟଙ୍କା ସ୍ୱାସ୍ଥ୍ୟ ପାଇଁ ଆସୁଥିଲା, ତାହାକୁ ତାମିଲନାଡୁ ଠିକାଦାର ଭଡ଼ାରେ ନେଇ କାମ କଲେ। ଏପରି କି ଓଡ଼ିଶାକୁ ଭଡ଼ାରେ ଦିଆଗଲା ପରି କାର୍ଯ୍ୟ କରାଗଲା। ଲୋକଙ୍କ ପାଇଁ କଂଗ୍ରେସ ଓ ବିଜେଡି କେବେ କାମ କରିନାହାନ୍ତି। ଆଦିବାସୀ ଲୋକ ଯେଉଁମାନେ କେବେ ସୁବିଧା ପାଇପାରି ନ ଥିଲେ, ସେମାନେ ଏବେ ସୁବିଧା ପାଇବେ। ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ଗିରିଧର ଗମାଙ୍ଗ ଓ ହେମାନନ୍ଦ ବିଶ୍ୱାଳ ଦାୟିତ୍ୱ ନେଇଥିଲେ, ହେଲେ ସେମାନେ ଅଢ଼େଇ ମାସର ବଢ଼େଇ ସାଥୀ ପାଲଟିଲେ। କିନ୍ତୁ ଆଦିବାସୀ ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାର ଗଠନ ପରେ ବହୁ କାର୍ଯ୍ୟ କରୁଛନ୍ତି, ଯାହା ଲୋକଙ୍କ ହିତରେ ରହିଛି। ହୁଏତ ବିଜେଡି ଓ କଂଗ୍ରେସ ଭାବୁଥିଲେ ସରକାର ଗଠନ କରିବା ପାଇଁ। କିନ୍ତୁ ସେମାନେ ମନେରଖିବା ଉଚିତ ଯେ, ଏଥିପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜୁଏଲ କହିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ପୂର୍ବ ସରକାର ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରି ନ ଥିଲେ। ମୋଦି ଶ୍ରେୟ ନେଇଯିବା ଭୟରେ ଜାଣିଶୁଣି ଲାଗୁ କଲେନାହିଁ। ଫଳରେ ୫ ବର୍ଷରେ ଓଡ଼ିଶା ସରକାର ୩ ହଜାର କୋଟି ଟଙ୍କାର କ୍ଷତି ସହିଲା। କିନ୍ତୁ ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା, ଏବେ ତାହାକୁ କାମରେ କରି ଦେଖେଇଛି ବୋଲି ମହାଲିଙ୍ଗ କହିଛନ୍ତି। ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଆୟୁଷ୍ମାନ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ବିଧାୟକ ବିଜୟ ଦଳବେହେରା, ଇଂ. ପ୍ରକାଶ ସେଠୀ, ଛବି ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟସଚିବ ଅଶ୍ୱଥୀ ଏସ୍, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନ ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବଡ଼ମ୍ବା ଅଞ୍ଚଳର ମଦନମୋହନ ସାହୁ, ନିଆଳି ଅଞ୍ଚଳର ଫାଲୁ ବିବି, କଟକ ସଦର ଅଞ୍ଚଳର ରାଧା ଦେଈ, ମାହାଙ୍ଗା ଅଞ୍ଚଳର ବାବାଜୀ ସିଂ ଓ ସାଲେପୁର ଅଞ୍ଚଳର ମାଳତୀ ସାହୁଙ୍କୁ ଆୟୁଷ୍ମାନ ବୟୋବନ୍ଦନା କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ସିଏମ୍‌ସି ୱାର୍ଡ ନଂ- ୪୨ ଅଞ୍ଚଳର ଆକସ୍ମିକା ପଟେଲ, ୱାର୍ଡ ନଂ- ୪୫ ଅଞ୍ଚଳର ଅଭିରାମ ଚୌଧୁରୀ, ୱାର୍ଡ ନଂ-୧୦ ଅଞ୍ଚଳର ଅମ୍ବିକା ପଣ୍ଡା, ୱାର୍ଡ ନଂ-୩୨ ଅଞ୍ଚଳର ଅଲେଖ ଚନ୍ଦ୍ର ଏବଂ ୱାର୍ଡ ନଂ-୨୯ ଅଞ୍ଚଳର ଏ. ବାସୁ ରେଡ୍ଡୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ପ୍ରଭାବିତ ହେବ ...

ଜିନ୍‌ପିଙ୍ଗଙ୍କ ଏହି ଅପିଲ୍‌ର କିଛି ଘଣ୍ଟା ପରେ ବେଜିଂ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୨ ଦିନ ତଳେ ଘୋଷଣା କରିଥିବା ୮୪% ଟାରିଫ୍‌କୁ ୧୨୫% ପର୍ଯ୍ୟନ୍ତ ବଢ଼ାଇଦେଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି, ଆମେରିକା ପକ୍ଷରୁ ଅଧିକ ଟାରିଫ୍ ବୃଦ୍ଧି କରାଗଲେ ବେଜିଂ ତାକୁ ଅଣଦେଖା କରିବ। କାରଣ ବର୍ତ୍ତମାନର ଟାରିଫ୍ ସ୍ତରରେ ଆମେରିକାରୁ ଚାଇନାକୁ କୌଣସି ସାମଗ୍ରୀ ରପ୍ତାନି କରାଗଲେ ତାହା ଆଉ ଗ୍ରହଣୀୟ ହେବା ଅବସ୍ଥାରେ ନାହିଁ। ୱାଶିଂଟନ୍ ପଟୁ ଦିନକୁ ଦିନ ପର୍ଯ୍ୟାୟକ୍ରମେ ଟାରିଫ୍ ଲଦାଯିବା ଅସ୍ୱାଭାବିକ ପରିସ୍ଥିତି ଉପୁଜାଇଛି। ବ୍ୟବହାରିକ ଦୃଷ୍ଟିରୁ ଦେଖିଲେ ଆମେରିକାର ଏହି ପଦକ୍ଷେପ ଏକ ସଂଖ୍ୟାଖେଳରେ ପରିଣତ ହୋଇଛି। ଆମେରିକା ଆଗକୁ ଟାରିଫ୍ ନମ୍ବର ଗେମ୍ ଜାରି ରଖିଲେ ଆମେ ଏହା ଉପରେ ଆଉ କୌଣସି ଜବାବୀ ପଦକ୍ଷେପ ନେବୁ ନାହିଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି। ବେଜିଂ ଆହୁରି କହିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ଟାରିଫ୍ ବୃଦ୍ଧିର ଏହି ସଂଖ୍ୟାଖେଳ ଆରମ୍ଭ କରିଛନ୍ତି। ଏହାର ପ୍ରଭାବରେ ଅନ୍ୟ ଦେଶଗୁଡ଼ିକ ଯେଉଁ ପ୍ରଭାବ ପଡ଼ିବ, ସେଥିଲାଗି ଆମେରିକା ନିଜକୁ ଉତ୍ତରଦାୟୀ କରିବା ଉଚିତ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବୁଧବାର ୭୫ ଦେଶ ଉପରେ ପୂର୍ବ ଘୋଷିତ ରେସିପ୍ରୋକାଲ ଟାରିଫ୍‌କୁ ୯୦ ଦିନ ପାଇଁ ସ୍ଥଗିତ ରଖିଥିଲେ। କିନ୍ତୁ ଚାଇନାରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ବୁଧବାରଠାରୁ ଲାଗୁ ୧୦୪% ଟିକସକୁ ପୁଣି ୧୨୫% ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ଅନ୍ୟପକ୍ଷେ ଚାଇନା ସବୁ ପ୍ରକାର ଆମେରିକୀୟ ସାମଗ୍ରୀ ଉପରେ ଟାରିଫ୍‌କୁ ୩୪%ରୁ ୮୪% ବଢ଼ାଇଦେଇଥିଲା। ଏହା ଏପ୍ରିଲ ୧୦ ଗୁରୁବାରଠାରୁ ଲାଗୁହେବ ଏବଂ ଏହି ଲଢ଼େଇ ଶେଷ ପର୍ଯ୍ୟନ୍ତ ଲଢ଼ାଯିବ ବୋଲି ଚାଇନା ଅଧିକାରୀମାନେ ପଣ କରିଥିଲେ। ଏହାର ପ୍ରତିକ୍ରିୟାରେ ଟ୍ରମ୍ପ ଚାଇନା ଉପରେ ଟାରିଫ୍‌କୁ ୧୪୫% ପର୍ଯ୍ୟନ୍ତ ବଢ଼ାଇଦେଇଥିଲେ। ଚାଇନାର ସରକାରୀ ନ୍ୟୁଜ୍ ଏଜେନ୍ସି ଶିନ୍‌ହୁଆ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଇୟୁ ରାଷ୍ଟ୍ରଗୁଡ଼ିକୁ ଆମେରିକାର ଏହି ପଦକ୍ଷେପ ଉପରେ ସତର୍କ କରାଇଛନ୍ତି। ଏଥିସହ ୱାଶିଂଟନ୍ ସହିତ ଚାଲିଥିବା ଟ୍ରେଡ୍ ୱାର୍‌ରୁ ମୁକୁଳି ଚାଇନାକୁ ସହଯୋଗ କରିବା ସମୟ ଆସିଯାଇଛି ବୋଲି ଜିନ୍‌ପିଙ୍ଗ୍ ଅପିଲ୍ କରିଥିବା ଶିନ୍‌ହୁଆରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଆମେରିକାର ଟାରିଫ୍ ବୃଦ୍ଧିକୁ ନେଇ ଚାଇନା ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ରେ ଏକ ଲ'ସ୍ୟୁଟ୍ ଫାଇଲ୍ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଦୁଇଦେଶ ମଧ୍ୟରେ ଲାଗିରହିଥିବା ଟାରିଫ୍ ଯୁଦ୍ଧ ସାରା ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ପ୍ରଭାବିତ କରି ବୈଶ୍ୱିକ ଅଭିବୃଦ୍ଧିରେ ଅନ୍ତରାୟ ସାଜିପାରେ ବୋଲି ଅନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର (ଆଇଟିସି) ଏକଜିକ୍ୟୁଟିଭ୍ ଡାଇରେକ୍ଟର ପାମେଲା କୋକ୍ ହାମିଲ୍‌ଟନ୍ ଚେତାଇ ଦେଇଛନ୍ତି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ଜାରି ରହିଲେ ଦୁଇଦେଶର ବାଣିଜ୍ୟ ୮୦% ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ସେ କହିଛନ୍ତି।

## ସୁନା ୯୬ ହଜାର ...

ଶୁଦ୍ଧ ସୁନା ଦର ମଧ୍ୟ ୧୦ ଗ୍ରାମ୍ ପ୍ରତି ୬,୨୫୦ ଟଙ୍କା ବଢ଼ି ୯୬,୦୦୦ ଟଙ୍କା ହୋଇଛି। ବୁଧବାର ଏହି ସୁନା ଦର ୮୯,୭୫୦ ଟଙ୍କା ରହିଥିଲା। ରୁପା ଦର ମଧ୍ୟ କିଲୋଗ୍ରାମ ପ୍ରତି ୨,୩୦୦ ଟଙ୍କା ବଢ଼ି ୯୫,୫୦୦ ଟଙ୍କା ହୋଇଛି। ବୁଧବାର ଦର ୯୩,୨୦୦ ଟଙ୍କା ରହିଥିଲା। ମହାବୀର ଜୟନ୍ତୀ ପାଇଁ ଗୁରୁବାର ବୁଲିଅନ୍ ମାର୍କେଟ ବନ୍ଦ ରହିଥିଲା। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପ୍ରତି ୩,୨୩୭.୩୯ ଡଲାରକୁ ବଢ଼ିଥିବାବେଳେ ପରେ ଏହା ୩,୨୨୨.୦୪ ଡଲାରକୁ ଖସିଆସିଛି। ଆମେରିକା ଟାରିଫ୍‌କୁ ନେଇ ଏକ ଦୀର୍ଘମିଆଦୀ ବାଣିଜ୍ୟ ଯୁଦ୍ଧ ଆଶଙ୍କା କରାଯାଉଥିବାରୁ ସୁନା ଦର ଆହୁରି ବଢ଼ିପାରେ ବୋଲି କୁହାଯାଉଛି।




# ବାୟୋଡିଗ୍ରେଡେବଲ୍ ସାମୁଦ୍ରିକ ଖାଦ୍ୟ ପ୍ୟାକେଜିଂ ଉଦ୍ଭାବନ

**ରାଉରକେଲା, ୧୧।୪ (ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଏକ ଗବେଷକ ଦଳ ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ସହାୟକ ପ୍ରଫେସର ପ୍ରିତମ ସରକାରଙ୍କ ନେତୃତ୍ୱରେ ପ୍ରାକୃତିକ ଓ ବାୟୋଡିଗ୍ରେଡେବଲ୍ ସାମଗ୍ରୀ ବ୍ୟବହାର କରି ଇଣ୍ଟେଲିଜେଣ୍ଟ ଖାଦ୍ୟ ପ୍ୟାକେଜିଂ ଫିଲ୍ମ (ଝିଲ୍ଲୀ) ପ୍ରସ୍ତୁତ କରିଛନ୍ତି। ଅମ୍ଳତା ପ୍ରତିଶତ (ପିଏଚ୍ ଲେଭଲ୍) ପରିବର୍ତ୍ତନର ପ୍ରତିକ୍ରିୟା ଦେଇ ରିୟଲ୍ ଟାଇମ୍‌ରେ ସାମୁଦ୍ରିକ ଖାଦ୍ୟର ସତେଜତା ଉପରେ ନଜର ରଖିବା ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ଫିଲ୍ମ ଖାଦ୍ୟ ନିରାପତ୍ତାରେ ଉନ୍ନତି ଆଣିବ। ଏହାସହ ବର୍ଜ୍ୟବସ୍ତୁ ହ୍ରାସ କରିବା ପାଇଁ ଏକ ବ୍ୟବହାରିକ ସମାଧାନ ପ୍ରଦାନ କରିବ। ପ୍ରଥମ ଥର ପାଇଁ ଗବେଷକ ଦଳ କୋଦୋ ମିଲେଟ୍ ଷ୍ଟାର୍ଚରେ ବିଟ୍ ରୁଟ୍‌କୁ ସମ୍ମିଶ୍ରଣ କରି ପ୍ରସ୍ତୁତ କରିଥିବା ଝିଲ୍ଲୀ ଖାଦ୍ୟରେ ଖରାପ ଆମିନ୍ସକୁ ଚିହ୍ନଟ କରି ଦୃଶ୍ୟମାନ ରଙ୍ଗ ପରିବର୍ତ୍ତନ କରି ଖାଦ୍ୟର ଗୁଣବତ୍ତା ସୂଚିତ କରିଥାଏ। ଉକ୍ତ ଝିଲ୍ଲୀ ମିଲେଟ୍ ଷ୍ଟାର୍ଚ, ଗମ୍ ଟ୍ରାଗାକାନ୍ଥ (ଏକ ପ୍ରାକୃତିକ ଉଦ୍ଭିଦ ଗୁଣ୍ଡ) ଏବଂ ବିଟ୍‌ର ଷ୍ଟାର୍ଚକୁ ନେଇ ଗଠିତ। ଏହି ଗବେଷଣାର ଫଳାଫଳ ପ୍ରଫେସର ସରକାରଙ୍କ ସହ ଲିଖିତ ଏକ ଗବେଷଣାପତ୍ର ଫୁଡ୍ ପ୍ୟାକେଜିଂ ଆଣ୍ଡ ସେଲ୍ଫ ଲାଇଫ୍‌ରେ ପ୍ରକାଶିତ ହୋଇଛି। ତାଙ୍କ ସହ ରିସର୍ଚ୍ଚ ସ୍କଲାର ରାହୁଲ ଠାକୁର, ହର୍ଷ ସିଂହ, ବେଦସାଗର ରାଜେଶ ସୂର୍ଯ୍ୟବଂଶୀ ଏବଂ ଡ. ରବିଚନ୍ଦ୍ରନ ସନ୍ତୋଷ ପ୍ରମୁଖ ରହିଛନ୍ତି। ଏହି ଗବେଷଣାରେ ଏନ୍‌ଆଇଟିର ଡ. ଖାଲିଦ୍ ଗୁଲ୍, ଲଭଲି ପ୍ରଫେସନାଲ ୟୁନିଭର୍ସିଟିର ଡ. ସ୍ୱରୁପ ରାୟ, ଆମେରିକାର ବ୍ରୁକିଙ୍ଗ୍‌ସ ସ୍ଥିତ ସାଉଥ୍ ଡାକୋଟା ଷ୍ଟେଟ୍ ୟୁନିଭର୍ସିଟିର ଡ. ଶ୍ରୀନିବାସ ଜନସ୍ୱାମୀ ଏବଂ ରୁର୍କି ଆଇଆଇଟିର ଡ. କୀର୍ତ୍ତିରାଜ କେ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

## ରାଉରକେଲା ଏନ୍‌ଆଇଟିର ଗବେଷଣା



ରାଉରକେଲା ଏନ୍‌ଆଇଟିର ଗବେଷକ ଦଳ।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଦେଶ। ଯାହା ବିଶ୍ୱରେ ୮ ପ୍ରତିଶତ ଯୋଗଦାନ ଦେଇଥାଏ। ବିଶ୍ୱର ୫ଟି ଚିଙ୍ଗୁଡି ଉତ୍ପାଦନକାରୀ ଦେଶ ମଧ୍ୟରେ ଭାରତ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ସେଗୁଡ଼ିକ ମଧ୍ୟରୁ ଫ୍ରୋଜେନ୍ ଚିଙ୍ଗୁଡ଼ି ହେଉଛି ସର୍ବୋଚ୍ଚ ରପ୍ତାନୀ ସାମଗ୍ରୀ। ଏହି ପରିପ୍ରେକ୍ଷୀରେ ଖାଦ୍ୟର ଗୁଣବତ୍ତା ଉପରେ ନଜର ରଖି ଏନ୍‌ଆଇଟି ବିଶ୍ୱସ୍ତରୀୟ ପ୍ୟାକେଜିଂ କରିବା ଗୌରବ ହାସଲ କରିଛି। ପାରମ୍ପରିକ ପ୍ୟାକେଜିଂ ସୁରକ୍ଷା ପ୍ରତିବନ୍ଧକ ଭାବେ କାର୍ଯ୍ୟ କରେ। ମାତ୍ର ଏହି ନୂତନ ଗବେଷଣା ଦ୍ୱାରା ପ୍ୟାକେଜିଂର ଗୁଣବତ୍ତା ମଧ୍ୟ ବୃଦ୍ଧି ହୋଇଛି। ଏହି ଗବେଷଣା ସମ୍ପର୍କରେ ସୂଚନା ପ୍ରଦାନ କରି ପ୍ରଫେସର ସରକାର କହିଛନ୍ତି, କୋଦୋ ମିଲେଟ୍‌କୁ ଧୋଇ, ପେଶିବା ପରେ ଏହି ଝିଲ୍ଲୀ ବାହାର କରାଯାଇଥିଲା। ସାମୁଦ୍ରିକ ଖାଦ୍ୟର ସତେଜତା ନିରୀକ୍ଷଣ କରିବାରେ ନିୟମିତ ଫଳପ୍ରଦ ପରୀକ୍ଷା କରାଯାଇଥିଲା। ସେହିପରି ବିଟ୍ ରୁଟ୍‌ରେ ବେଟାଲିନ୍ ଥାଏ। ସେଗୁଡ଼ିକର ଉଜ୍ଜ୍ୱଳ ରଙ୍ଗରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ମାଇକ୍ରୋବାୟାଲ ଲାଭ ପ୍ରଦାନ କରିଥାନ୍ତି। କୋଦୋ ମିଲେଟ୍ ହେଉଛି ଏକ ଅବ୍ୟବହୃତ ଶସ୍ୟ। ସେଥିରେ ଉତ୍କୃଷ୍ଟ ଝିଲ୍ଲୀ ଗଠନର ଗୁଣ ରହିଛି ବୋଲି ସରକାର କହିଥିଲେ। ସୂଚନାଯୋଗ୍ୟ, ପରବର୍ତ୍ତୀ ପଦକ୍ଷେପରେ ଉକ୍ତ ଗବେଷଣାରେ ସାମୁଦ୍ରିକ ଶିଳ୍ପର ଅଂଶୀଦାରଙ୍କ ସହ ଯୋଗାଯୋଗ କରାଯାଉଛି। ଲାବୋରେଟୋରିରେ ଏହାକୁ ତିଆରି କରିବା ପାଇଁ କେଜି ପିଛା ୯ଶହ ଟଙ୍କା ଖର୍ଚ୍ଚ ହେଉଛି। ଉତ୍ପାଦନ ବୃଦ୍ଧି ହେଲେ ଏହାକୁ କେଜି ପିଛା ୪ଶହରୁ ୬ଶହ ଟଙ୍କା ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ଯାହା ବାଣିଜ୍ୟକ ବ୍ୟବହାର ପାଇଁ ଏକ ସମ୍ଭାବ୍ୟ ବିକଳ୍ପ ହେବ।






ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଚୈତ୍ର ପୂର୍ଣ୍ଣିମା, ହିଙ୍ଗୁଳା ଯାତ୍ରା



# ଟାରିଫ୍ ଝଡ଼



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଟାରିଫ୍ ଝଡ଼କୁ ନିୟନ୍ତ୍ରଣକରିବା ପାଇଁ ବାବୁମାନେ ନିଆରା ତରିକା ଆପଣାଇଛନ୍ତି ଏବଂ ନିକଟରେ ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଏହାର ଏକ ସ୍ପଷ୍ଟ ଦୃଷ୍ଟାନ୍ତ। ଟ୍ରମ୍ପ ପ୍ରଶାସନର ଟାରିଫ୍ ଧମକ ଯୋଗୁ ବାଣିଜ୍ୟ ମନ୍ତ୍ରଣାଳୟ ଚଳଚଞ୍ଚଳ ହୋଇ ଉଠିଥିଲା। ପରେ ଔପଚାରିକ ଭାବେ ଟାରିଫ୍ ଘୋଷଣା ହେଲା। ତା' ପରେ ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ପଡ଼ିଗଲା। କେହି ଘବଡ଼େଇବା ଦେଖାଗଲା ନାହିଁ, ବରଂ ସହଜରେ ଗ୍ରହଣ କରିନିଆଗଲା। ପର୍ଯ୍ୟବେକ୍ଷକମାନେ ଦର୍ଶାଇଛନ୍ତି, ଏହା ସେମାନଙ୍କ ଶାରୀରିକ ଭାଷାରୁ ସ୍ପଷ୍ଟ ହେଉଥିଲା। ଏପରିକି ସହକାରୀ କର୍ମଚାରୀମାନଙ୍କ ଗତି ଅଧିକ ମନ୍ଥର ହୋଇଯାଇଥିଲା। ଜଣେ ପୂରା କ୍ଳାନ୍ତ ବରିଷ୍ଠ ବାବୁ କହୁଥିଲେ, ଶେଷ ମୁହୂର୍ତ୍ତ ଯାଏ ଆମେ କାମ କଲୁ, କିନ୍ତୁ ଆମେରିକୀୟମାନେ ସେମାନଙ୍କ ରଣନୀତି ଓ କୌଶଳରେ ଆମଠାରୁ ଆଗକୁ ଚାଲିଗଲେ। ପ୍ରତିକ୍ରିୟାରେ ଉଭୟ ଥକ୍କାପଣ ଓ ଉଦାସୀନତା ରହିଥିଲା। ଅନେକ ମାସ ଧରି ତରବରିଆ ଭାବେ ଡ୍ରାଫ୍ଟିଂ, ସମ୍ପୂର୍ଣ୍ଣ କୂଟନୀତି ଏବଂ ଗୁପ୍ତ ଆଲୋଚନା ପରେ ଆଉ କିଛି କରିବାର ନ ଥିଲା। ବର୍ତ୍ତମାନ ପାଇଁ ବ୍ୟବସ୍ଥାଗତ ପ୍ରକ୍ରିୟାଗୁଡ଼ିକ ଶାନ୍ତ ପଡ଼ିଯାଇଛି। ତେବେ ବାଣିଜ୍ୟ ମନ୍ତ୍ରଣାଳୟର ସାଧାରଣ ଦୃଷ୍ଟିକୋଣ ହେଉଛି, ଭାରତୀୟ ରପ୍ତାନିକାରୀମାନେ ଏହି ସ୍ଥିତିରେ ବିଚାରକରି ପଦକ୍ଷେପ ନେବାର ଉପଯୁକ୍ତ ସମୟ। କିନ୍ତୁ ଏହା ହାସଲ କରିବା ସହଜ ନୁହେଁ। ନୂଆ ବଜାର କହିଲେ ନୂଆ ନୀତି , ନୂତନ ବିପଦ ରହିଛି ଏବଂ ଭାରତୀୟ ବ୍ୟବସାୟୀମାନଙ୍କ ପାଇଁ ଏଥିଲାଗି ଅଧିକ ସହଯୋଗ ଦରକାର। ବିଶେଷକରି ଆମ ବାବୁମାନେ ପଥପ୍ରଦର୍ଶକ ଓ ପ୍ରୋତ୍ସାହନକାରୀ ଭାବେ ଭୂମିକା ନିଭାଇବା ଲାଗି ପ୍ରସ୍ତୁତ ହେଉଛନ୍ତି। ଏହାସହ କେବଳ କେନ୍ଦ୍ର ସକ୍ରିୟତା ଦେଖାଇନାହିଁ, ବରଂ ଏଥିରେ ରାଜ୍ୟ ସରକାରଗୁଡ଼ିକ ଯୋଗଦେଉଛନ୍ତି। ଗୁଜରାଟ ଏହାର ଆକର୍ଷଣୀୟ ଭାଇବ୍ରାଣ୍ଟ ଶୋ ସହ ନେତୃତ୍ୱ ନେବାର ସମ୍ଭାବନା ରହିଛି। ଏ କ୍ଷେତ୍ରରେ ତାମିଲନାଡୁ, କର୍ନାଟକ ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟ ପଛରେ ନାହାନ୍ତି ।

### କୂଟନୈତିକ ଅଦଳବଦଳ

ଭାରତୀୟ କୂଟନୈତିକ ସଂସ୍ଥାର ସର୍ବୋଚ୍ଚ ସ୍ତରରେ ଏକ ସୂକ୍ଷ୍ମ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି। ନିଧି ତିୱାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି। ତେବେ ତାଙ୍କ ପୂର୍ବରୁ ଥିବା ଅଧିକାରୀ ବିବେକ କୁମାରଙ୍କୁ ସମ୍ଭବତଃ ଡେପୁଟି ହାଇ କମିଶନର ଭାବେ ଲଣ୍ଡନସ୍ଥିତ ଭାରତୀୟ ହାଇ କମିଶନରେ ନିଯୁକ୍ତ କରାଯିବ ବୋଲି ଅମଲାତାନ୍ତ୍ରିକ ପରିସରରେ ଗୁଞ୍ଜରଣ ଉଠୁଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ) ସହ ନିବିଡ଼ ଭାବେ ଜଡ଼ିତ ଥିବା ଅଭିଜ୍ଞ କୂଟନୀତିଜ୍ଞ କୁମାରଙ୍କ ପାଇଁ ଏଭଳି ନିଯୁକ୍ତି ଏକ ସ୍ୱାଭାବିକ ପଦକ୍ଷେପ। ସେ ପିଏମ୍ଓରେ ଉପ ସଚିବ ଭାବେ ୨୦୧୪ରେ ପ୍ରଥମେ ନିଯୁକ୍ତ ହୋଇଥିଲେ ଏବଂ ଏହି ବର୍ଷ ତିୱାରୀ ବି ବୈଦେଶିକ ସେବାରେ ଯୋଗଦେଇଥିଲେ। ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହୋଇଥିଲେ। ତାଙ୍କର ଉଭୟ ପ୍ରଯୁକ୍ତିଗତ ଓ କୂଟନୈତିକ ଦାୟିତ୍ୱର ଅଭିଜ୍ଞତା ରହିଛି। ଏହା ପୂର୍ବରୁ ସେ ରୁଷିଆ ଓ ଅଷ୍ଟ୍ରେଲିଆରେ ନିଯୁକ୍ତ ହୋଇଥିବାରୁ ତାଙ୍କର ବୈଶ୍ୱିକ ଅଭିଜ୍ଞତା ଅଛି ଏବଂ ଯଦି ଲଣ୍ଡନରେ ଦାୟିତ୍ୱ ଗ୍ରହଣ କରନ୍ତି ତାଙ୍କ ପାଇଁ ଲାଭଦାୟକ ହେବ। ଏହି ସମୟରେ ତିୱାରୀଙ୍କ ପଦୋନ୍ନତି ଏକ ନୂଆ ପରିବର୍ତ୍ତନକୁ ସୂଚିତକରେ। ନିରସ୍ତ୍ରୀକରଣ ଏବଂ ଅନ୍ତଃରାଷ୍ଟ୍ରୀୟ ସୁରକ୍ଷା କ୍ଷେତ୍ରରେ ଭଲ କାମ ପାଇଁ ଜଣାଶୁଣା ତିୱାରୀ ଏବେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତଗତ ସଚିବ ଭାବେ ଯୋଗ ଦେବା କେବଳ ପିଏମ୍ଓରେ ଜଣେ ନୂଆ ମୁହଁର ସଙ୍କେତ ଦେଉନାହିଁ ବରଂ ଭାରତର ବହିର୍ବ୍ୟାପାର କାର୍ଯ୍ୟକଳାପକୁ ସଞ୍ଚାଳନ କରିବାରେ ଏକ ନୂଆ ରଣନୀତିକ ପଦକ୍ଷେପ ବୋଲି ବୁଝିବାକୁ ହେବ।

### ନିୟମକୁ ଅଣଦେଖା

ନୀତିନିୟମକୁ ଅଣଦେଖା କରୁଥିବା ବରିଷ୍ଠ ବାବୁମାନଙ୍କ ପରିଣାମ ଯାହା ହୁଏ ତାହା ଆମେ ଜାଣୁ। ୨୦୨୪ରେ ୯୧ ଏବଂ ୨୦୨୩ରେ ୭୩ ଜଣ ଆଇଏଏସ୍ ଅଧିକାରୀ ନିୟମକୁ ଉପେକ୍ଷାକରି ସେମାନଙ୍କ ଇମୁଭେବଲ ପ୍ରପର୍ଟି ରିଟର୍ନସ୍ (ଆଇପିଆର୍ଏସ୍) ଫାଇଲିଂ ବା ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ତଥ୍ୟ ଦାଖଲ କରିବାରେ ବିଫଳ ହୋଇଛନ୍ତି। ଏକ ସଂସଦୀୟ କମିଟି ଏହା ପାଇଁ କଠୋର ଦଣ୍ଡ ଦାବି କରିଛି। ଆଇପିଆର୍ ପାଇଲିଂ ଏକ ମୌଳିକ ଉତ୍ତରଦାୟିତ୍ୱ ଯାଞ୍ଚ, ସ୍ୱଚ୍ଛତା ଗ୍ୟାରେଣ୍ଟି ଭାବେ କାମ କରେ। କିନ୍ତୁ ଆଇପିଆର୍ ଫାଇଲ କରୁ ନ ଥିବା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତ ପାଇଁ ବିଚାରକୁ ନିଆଯାଇପାରିବ ନାହିଁ , କାରଣ ସେମାନଙ୍କର ଭିଜିଲାନ କ୍ଲିୟରାନ୍ସ ନ ଥାଏ। କେତେଜଣ ବାବୁ ଲଗାତର ଭାବେ ବର୍ଷ ବର୍ଷ ଧରି ନିୟକକୁ ଅଣଦେଖା କରିଆସୁଛନ୍ତି। ଚେତାବନୀ ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ଏଣୁ ସଂସଦୀୟ କମିଟି ଏକ କେନ୍ଦ୍ରୀକୃତ ଅନୁପାଳନ ଟ୍ରାକିଂ ସିଷ୍ଟମ ପାଇଁ ସୁପାରିସ କରିଛି। କିନ୍ତୁ ଶାସନର ସବୁଠୁ ବଡ଼ ସମସ୍ୟା ହେଉଛି ଏବେ ୧,୩୧୬ ଆଇଏଏସ୍ ଅଧିକାରୀଙ୍କ ଅଭାବ। ଭାରତର ଶାସନ ବ୍ୟବସ୍ଥାରେ ସ୍ୱୀକୃତ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ୬,୮୫୮। ସେଥିରୁ ୪,୭୮୧ ପ୍ରତ୍ୟକ୍ଷ ନିଯୁକ୍ତିରୁ କେବଳ ୩,୯୮୭ ଟି ହୋଇଛି, ଯାହା ଚିନ୍ତାଜନକ। ୨,୦୭୭ କୋଟାରୁ ୧,୫୫୫ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ପ୍ରମୋଟିଙ୍କ ସ୍ଥିତି ଆହୁରି ଖରାପ। ଏଭଳି ସ୍ଥିତିରେ ପ୍ରଶାସନିକ ଦକ୍ଷତା ପ୍ରଭାବିତ ହେଉଛି। ଅଧିକାରୀଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ରହୁଛି ଏବଂ ନୀତି ନିର୍ଦ୍ଧାରଣରେ ବିଳମ୍ବ ଘଟୁଛି। ଖାଲିଥିବା ପଦବୀ ପୂରଣ ପାଇଁ ରାଜ୍ୟଗୁଡ଼ିକ ଏ କ୍ଷେତ୍ରରେ ପଦକ୍ଷେପ ନେବା ଉଚିତ। ପଦୋନ୍ନତି ପାଇ ଯେଉଁମାନେ ଯୋଗ ଦେବାକୁ ବିଫଳ ହେଉଛନ୍ତି ସେମାନଙ୍କୁ ଦଣ୍ଡିତ କରିବା ସକାଶେ କମିଟି ପରାମର୍ଶ ଦେଲେ ତାହା ଚୂଡ଼ାନ୍ତ ପଦକ୍ଷେପହୋଇପାରନ୍ତା।

Email: dilipcherian@gmail.com

# ମୁକ୍ତ ଅଭିବ୍ୟକ୍ତି ପାଇଁ ନ୍ୟାୟପାଳିକା




ସୌଭାଗ୍ୟ ସୁନ୍ଦରରାୟ

ଛୋଟମୋଟ ଘଟଣାରେ ନାଗରିକର ବାକ୍ ସ୍ୱାଧୀନତା ଦଳି ଦିଆଯାଇପାରିବ ନାହିଁ ବୋଲି ନିକଟରେ ଗୁଜରାଟ କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗ୍ରହୀଙ୍କ ବିରୋଧରେ ପୋଲିସ ଦାୟର କରିଥିବା ଫୌଜଦାରି ମାମଲାକୁ ରଦ୍ଦ କରିବା ଅବସରରେ ସୁପ୍ରିମକୋର୍ଟ କହିଛନ୍ତି। କଂଗ୍ରେସ ସାଂସଦଙ୍କ ଏକ କବିତାକୁ ନେଇ ପୋଲିସ ଏହି ମାମଲା ଦାୟର କରିଥିଲା। ସୁପ୍ରିମକୋର୍ଟ ବିଚାରପତି ଅଭୟ ଏସ୍ ଓକ୍କା ଓ ଉଜ୍ଜ୍ୱଳ ଭୂୟାଁ ମାମଲା ରଦ୍ଦ କରିବା ଅବସରରେ କହିଛନ୍ତି ଯେ, ଶାସନ କଳ ଅନ୍ଧ ଭାବେ ଏଫ୍ଆଇଆର୍ ଦାୟର କରିବା ଉଚିତ ନୁହେଁ। ସ୍ୱାଧୀନ ଅଭିବ୍ୟକ୍ତି ସମ୍ବିଧାନ ପ୍ରଦତ୍ତ ନାଗରିକର ମୌଳିକ ଅଧିକାର। ଦେଶରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପରେ ମଧ୍ୟ ଗୁଜରାଟ ପୋଲିସ ମୌଳିକ ଅଧିକାର ସମ୍ପର୍କରେ ଅଜ୍ଞ, ଅଥବା ଏହାକୁ ଖାତିର କରୁନାହିଁ ବୋଲି ଅଦାଲତ ଅତ୍ୟନ୍ତ କଡ଼ା ଭାଷାରେ ମନ୍ତବ୍ୟ ଦେଇଛନ୍ତି। ଏହି ଅବସରରେ ଅଦାଲତ କହିଥିଲେ ଯେ, ଚଳଚ୍ଚିତ୍ର, ନାଟକ, ସାହିତ୍ୟ, କବିତା, ବ୍ୟଙ୍ଗ, ହାସ୍ୟ ଅଭିନୟ, ଚିତ୍ରକଳା ମଣିଷ ଜୀବନକୁ ଅଧିକ ଫଳପ୍ରଦ କରିଥାଏ। କାହାରିକୁ ଭଲ ନ ଲାଗିଲେ ସୁଦ୍ଧା ଏଥିରେ ଥିବା ସ୍ୱାଧୀନ ଅଭିବ୍ୟକ୍ତିକୁ ସମ୍ମାନ ଜଣାଇବାକୁ ପଡ଼ିବ। ସେହିପରି ଅନ୍ୟ ଏକ ଘଟଣାରେ ବ୍ୟଙ୍ଗକାର କୁନାଲ କାମରାଙ୍କ ବିରୋଧରେ ମୁମ୍ବାଇ ପୋଲିସ ଦାୟର କରିଥିବା ଏଫ୍ଆଇଆର ପରିପ୍ରେକ୍ଷୀରେ ମାଡ୍ରାସ ହାଇକୋର୍ଟ କୁନାଲଙ୍କୁ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପ୍ରତି ସେ ବ୍ୟଙ୍ଗ କରିଥିବା ଅଭିଯୋଗରେ ମାମଲା ଦାୟର ହୋଇଛି। ଉଭୟ ଘଟଣାରେ ନାଗରିକର ମୌଳିକ ଅଧିକାର ସୁରକ୍ଷିତ ରଖିବା ପାଇଁ ନ୍ୟାୟପାଳିକା ଚାହିଁଥିବା ମନେ ହେଉଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ହିତ।

ଭାରତର ସମ୍ବିଧାନ ଦେଶବାସୀଙ୍କ ନାମରେ ଲେଖାଯାଇଛି। କିନ୍ତୁ ଦେଖାଯାଉଛି ସମ୍ବିଧାନରେ ଥିବା ମୌଳିକ ଅଧିକାର ସୁରକ୍ଷିତ ରଖିବାର ମାନସିକତା ଅବସ୍ଥାରେ ଶାସକ ଶ୍ରେଣୀ ନାହାନ୍ତି।

ସରକାରଙ୍କୁ ନ ସୁହାଇବା ପରି ମତପ୍ରକାଶକୁ ଦେଶଦ୍ରୋହ ଭାବେ ବିବେଚନା କରାଯାଇ ମାମଲା ଦାୟର କରାଗଲା। ଏପ୍ରକାର କାର୍ଯ୍ୟ ବ୍ୟକ୍ତି ଅଭିବ୍ୟକ୍ତିର ସ୍ୱାଧୀନତାକୁ କ୍ଷୁଣ୍ଣ କରୁଛି ବୋଲି କୁହାଯାଇପାରେ। ସତେଯେପରି ଗଣତନ୍ତ୍ରରେ ଭିନ୍ନମତର ସ୍ଥାନ ନାହିଁ। ୨୦୧୬-୨୦୧୮ମସିହା ମଧ୍ୟରେ ଦେଶରେ ୧୫୬ଟି ଦେଶଦ୍ରୋହ ମାମଲା ଦାୟର ହୋଇଥିବାବେଳେ ୨୦୧୯ ଡିସେମ୍ବରରୁ ୨୦୨୦ ଫେବୃୟାରୀ ମଧ୍ୟରେ ୧୯୪ଟି ଦେଶଦ୍ରୋହ ମାମଲା ଦାୟର ହୋଇଥିଲା। ଏହି ଆଇନରେ



ଗୋଟିଏ ରାଜ୍ୟର ପୋଲିସ ଅନ୍ୟ ରାଜ୍ୟକୁ ଆସି ଅଭିଯୁକ୍ତଙ୍କୁ ବାନ୍ଧି ନେବାର ଦେଖାଗଲା। ଦେଶଦ୍ରୋହ ମାମଲା ଯୋଗୁ ନାଗରିକର ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବା ପରିପ୍ରେକ୍ଷୀରେ ୨୦୨୨ରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୧୨୪-ଏ ଶୀର୍ଷ ଅଦାଲତ ବାତିଲ କରିଥିଲେ। ଇତିମଧ୍ୟରେ ଦେଶରେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହୋଇଛି।

କୋଭିଡ଼ ପରିଚାଳନାକୁ ନେଇ ସାମାଜିକ ଗଣମାଧ୍ୟମରେ ପଶ୍ଚିମବଙ୍ଗ ସରକାରଙ୍କ ପ୍ରତି ଏକ ମନ୍ତବ୍ୟକୁ ନେଇ ଦିଲ୍ଲୀର ଜଣେ ମହିଳାଙ୍କୁ କୋଲକାତା ପୋଲିସର ଡକରା ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ସ୍ୱାଧୀନ ମତବ୍ୟକ୍ତର ପ୍ରସଙ୍ଗ ଉଠିଥିଲା। ଏହି ଘଟଣାରେ କୋଲକାତା ପୋଲିସର ଆଚରଣ ପ୍ରତି ଦେଶର ଶୀର୍ଷ ଅଦାଲତ କଡ଼ା ଆଭିମୁଖ୍ୟ ଗ୍ରହଣ କରି ସମ୍ବିଧାନର ଧାରା ୧୯(୧)(କ)ରେ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର ସୁରକ୍ଷିତ କରିବାର ଦାୟିତ୍ୱ ନ୍ୟାୟପାଳିକାର ରହିଛି ବୋଲି କହିଥିଲେ। ଅର୍ଥାତ ସଂପୃକ୍ତ ମହିଳାଙ୍କ ମନ୍ତବ୍ୟ ତାଙ୍କ ଅଧିକାର ସୀମା ମଧ୍ୟରେ ରହୁଛି ବୋଲି ଅଦାଲତଙ୍କ ବକ୍ତବ୍ୟରୁ ଜଣାପଡୁଛି। ଏହି ମନ୍ତବ୍ୟ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପ୍ରତି ଅସୂୟା ଭାବନା ଉଦ୍ରେକ ପାଇଁ ଅଭିପ୍ରେତ ବୋଲି ଦର୍ଶାଇ କୋଲକାତା ପୋଲିସ ମାମଲା ଦାୟର କରିଥିଲା। ସମାଲୋଚନା ଓ ଭିନ୍ନ ମତ ପ୍ରତି ସହନଶୀଳ ହେବା ପାଇଁ ଏହି ଅବସରରେ ସୁପ୍ରିମକୋର୍ଟ ଭାରତୀୟ ଶାସନ ବ୍ୟବସ୍ଥାକୁ ପରାମର୍ଶ ଦେଇଥିଲେ।

ମୌଳିକ ଅଧିକାର ସତ୍ତ୍ୱେ ଭାରତବର୍ଷରେ ବାକ୍ ସ୍ୱାଧୀନତା ବା ଅଭିବ୍ୟକ୍ତିର ଅଧିକାର ସର୍ବଦା ଏକ ବିବାଦୀୟ ତଥା ବିତର୍କିତ ବିଷୟ ଭାବେ ରହିଆସିଛି। ବାକ୍ ସ୍ୱାଧୀନତା ନିରଙ୍କୁଶ ନୁହେଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ କେତେକ ମାମଲାରେ ମତବ୍ୟକ୍ତ କରିଛନ୍ତି। ୧୯୯୪ ମସିହାରେ ଅଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘର ମୁଖପତ୍ର 'ବୁଲେଟିନ'ରେ ଏକ କବିତା ପ୍ରକାଶ ପାଇଥିଲା। ଏହି କବିତାରେ ମହାତ୍ମା ଗାନ୍ଧୀଙ୍କୁ ଅରୁଚିକର ଭାବେ ଉପସ୍ଥାପିତ କରାଯାଇଥିଲା। ପ୍ରକାଶିତ ଏହି କବିତାକୁ ନେଇ ମହାରାଷ୍ଟ୍ର ସରକାର ଏହାର ମୁଖ୍ୟ ସମ୍ପାଦକ ଦେବୀଦାଶ ରାମଚନ୍ଦ୍ର ତୁଲଜାପୁରକରଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୨୯୨ରେ ମାମଲା ଦାୟର କରିଥିଲେ। ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ୨୦୧୫ମସିହାରେ ହୋଇଥିଲା। ଶୁଣାଣି ଅବସରରେ ଜଷ୍ଟିସ ଦୀପକ ମିଶ୍ର ଓ ଜଷ୍ଟିସ ପ୍ରଫୁଲ୍ଲ ପନ୍ତ ଦର୍ଶାଇଥିଲେ ଯେ, ସମ୍ବିଧାନର ଧାରା ୧୯(୧) ନିରଙ୍କୁଶ ନୁହେଁ। ଏଥିରେ କିଛି ସାମ୍ବିଧାନିକ ସୀମାରେଖା ରହିଛି। ଲେଖକୀୟ ଭାବନା ଅଭିବ୍ୟକ୍ତ କରିବାକୁ ଯାଇ ଅନ୍ୟ କାହାରି ଭାବନାକୁ ଆଘାତ ଦିଆଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ।

ମହାରାଷ୍ଟ୍ରରେ କୋଭିଡ଼ ପରିଚାଳନାକୁ ନେଇ ସେତେବେଳର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ତାଙ୍କ ପୁତ୍ର ତଥା ମନ୍ତ୍ରୀ ଆଦିତ୍ୟ ଠାକ୍‌ରେଙ୍କ ପ୍ରତି ଜଣେ ମହିଳା କିଛି ବିଦ୍ରୁପାତ୍ମକ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ସଂପୃକ୍ତ ମହିଳାଙ୍କ ବିରୋଧରେ ମହାରାଷ୍ଟ୍ର ସରକାର ଫୌଜଦାରି ମାମଲା ରୁଜୁ କଲେ। ଏହି ଘଟଣାରେ ସ୍ୱାଧୀନ ମତ ପ୍ରକାଶର କିଛି ସୀମାରେଖା ରହିଛି, ଏହା ନିରଙ୍କୁଶ ନୁହେଁ ବୋଲି ଅଦାଲତ ମତ ଦେଇଥିଲେ। ଏହା ସମ୍ପୃକ୍ତ ମହିଳାଙ୍କୁ ଚେତାଇବା ଉଦ୍ଦେଶ୍ୟରେ ଥିଲା। ଏଥିସହ ସମ୍ପୃକ୍ତ ମହିଳାଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଅଦାଲତ ଅଙ୍କୁଶ ଲଗାଇଥିଲେ।

ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାରକୁ ନେଇ ଭିନ୍ନଭିନ୍ନ ମାମଲାରେ ଅଦାଲତର ମତ ଭିନ୍ନ ରହୁଥିବା ଦେଖାଯାଉଛି। ଏହାର କାରଣ ହେଲା କେତେକ କ୍ଷେତ୍ରରେ ସ୍ୱାଧୀନ ମତବ୍ୟକ୍ତ ପାଇଁ ସମ୍ବିଧାନ ଏକ ଲକ୍ଷ୍ମଣରେଖା ଟାଣିଛି। ଏହି କ୍ଷେତ୍ରଗୁଡ଼ିକ ହେଲା ବିଦେଶୀ ରାଷ୍ଟ୍ର ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ରାଷ୍ଟ୍ରର ନିରାପତ୍ତା, ସାର୍ବଜନୀନ ଆଇନ ଶୃଙ୍ଖଳା, ସାର୍ବଭୌମ ଓ ଏକତା ନଷ୍ଟ ହେବା ପରି ଅଭିବ୍ୟକ୍ତି ଉପରେ ଅଙ୍କୁଶ ରହିଛି। ଏଥିସହ ଅଶୋଭନୀୟତା ବା ଅରୁଚିକର ମତବ୍ୟକ୍ତକୁ ମଧ୍ୟ ସଂକୁଚିତ କରାଯାଇଛି। ସାମାଜିକ ଗଣମାଧ୍ୟମ ଆଗମନ ପରେ ଅଧିକରୁ ଅଧିକ ନାଗରିକ ବିଭିନ୍ନ ପ୍ରସଙ୍ଗରେ ମତପ୍ରକାଶ ପାଇଁ ଆଗେଇ ଆସୁଛନ୍ତି। ଏହାଦ୍ୱାରା ଅଭିବ୍ୟକ୍ତି ପ୍ରକାଶରେ ନାଗରିକ ଅଧିକ ସଶକ୍ତୀକରଣ ହୋଇଥିବା ମନେହୁଏ। କିନ୍ତୁ ଭାବନାର ପରିପ୍ରକାଶ ସମୟରେ ଏ ଦିଗରେ ଥିବା ସୀମାରେଖା ପ୍ରତି ନାଗରିକ ସଚେତନ ରହୁନାହାନ୍ତି। ଅନ୍ୟପକ୍ଷରେ ମତାମତ ସୁହାଉ ନ ଥିବାରୁ ରାଷ୍ଟ୍ର ମଧ୍ୟ ଆଇନ ଆଳରେ ଅଭିବ୍ୟକ୍ତିକୁ ସମ୍ପୂର୍ଣ୍ଣ ନୀରବ କରିଦେବା ପାଇଁ ଚେଷ୍ଟିତ। ଏଥିପାଇଁ ଅଦାଲତରେ ମାମଲା ମଧ୍ୟ ବଢୁଛି। ମାମଲା ଭିତ୍ତିରେ ନ୍ୟାୟପାଳିକାକୁ ବାକ୍ ସ୍ୱାଧୀନତାର ସଂଜ୍ଞା ନିରୂପଣ କରିବା ପାଇଁ ପଡୁଛି।

ଭାରତ ବିଶ୍ୱର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏହାର ସମ୍ବିଧାନ ପରିପକ୍ୱ ହେଲାଣି। କିନ୍ତୁ ରାଜନୈତିକ ନେତାମାନେ ସହିଷ୍ଣୁ କି ଧୈର୍ଯ୍ୟବାନ ହୋଇପାରିନଥିବା ମନେ ହେଉଛି। ଶାସନ କଳକୁ ହାତବାରିସି କରି ନାଗରିକ ଅଧିକାର ସଂକୁଚିତ କରିବାକୁ ଉଦ୍ୟମ କରୁଛନ୍ତି। ଏହା ଏକ ନକାରାତ୍ମକ ମାନସିକତା।

ମୋ: ୯୪୩୭୨୨୯୨୩୩

# ଓଡ଼ିଶାର ବିକାଶ ଓ ଶ୍ରୀଜଗନ୍ନାଥ



ଡ. ଭାରତ ଭୂଷଣ ରଥ

ଗୋଟିଏ ରାଜ୍ୟର ବିକାଶ ବିବିଧ ଉତ୍ସ ଦ୍ୱାରା ହୋଇଥାଏ। ତନ୍ମଧ୍ୟରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶା କଳା, ସଂସ୍କୃତି, ପ୍ରାକୃତିକ ପରିବେଶ ତଥା ଧାର୍ମିକ ସ୍ଥଳପୂର୍ଣ୍ଣ ରାଜ୍ୟ ହୋଇଥିବାରୁ ଆମେ ଉପରୋକ୍ତ ତତ୍ତ୍ୱଗୁଡ଼ିକୁ ନେଇ ବିକାଶର ସ୍ୱପ୍ନ ଦେଖିପାରିବା। ଆମର କଳା ଏବଂ ସଂସ୍କୃତି ବିଶେଷଭାବରେ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ପ୍ରଭାବିତ। ତେଣୁ ଶ୍ରୀଜଗନ୍ନାଥଙ୍କୁ ନେଇ ଚିନ୍ତା କରାଗଲେ ଓଡ଼ିଶା ବିକଶିତ ହେବ। ବାସ୍ତବରେ ଶ୍ରୀଜଗନ୍ନାଥଙ୍କୁ ନେଇ ଆମେ ବିସ୍ତାର ନେତ୍ରରେ ଚିନ୍ତନ କରିବାର ଅଛି। ଶାସ୍ତ୍ରମାନେ ଭାରତରେ ଚାରିଗୋଟି ଧାମକୁ ସ୍ୱୀକୃତି ଦେଇଛନ୍ତି। ଯଥା ଜଗନ୍ନାଥ, ବଦ୍ରୀନାଥ, ଦ୍ୱାରକାନାଥ ତଥା ରାମନାଥ। ଆମେ ଯେତେବେଳେ ବଦ୍ରୀନାଥ ଯାଏ ହରିଦ୍ୱାର ଏବଂ ଋଷିକେଶଠାରୁ ଆରମ୍ଭକରି ପ୍ରୟାଗରାଜ, ଗଙ୍ଗୋତ୍ରୀ, ଯମୁନୋତ୍ରୀ, ବଦ୍ରୀନାଥ ଏବଂ କେଦାରନାଥ ଏ ସମସ୍ତ ଦର୍ଶନୀୟ ସ୍ଥଳ ପ୍ରାୟତଃ ଦର୍ଶନ କରେ। ଏ ସବୁର ପରିଚାଳନା ବଦ୍ରୀ-କେଦାରନାଥ ମନ୍ଦିର ପ୍ରଶାସନ ଅଧୀନରେ ରହିଛି। ସେହିଭଳି ଦ୍ୱାରକା ଧାମ ଗଲେ ଦେଖାଯାଏ ଦ୍ୱାରକାଧୀଶଙ୍କ ସହିତ ଭେଟ ଦ୍ୱାରକା, ଜ୍ୟୋତିର୍ଲିଙ୍ଗ ନାଗେଶ୍ୱର ଏବଂ ଜ୍ୟୋତିର୍ଲିଙ୍ଗ ସୋମନାଥଙ୍କୁ ଏକା ସାଙ୍ଗରେ ଦର୍ଶନ କରିବାର ବ୍ୟବସ୍ଥା ରହିଛି। ରାମେଶ୍ୱର ଯିବା ବେଳେ ରାମେଶ୍ୱର, ମଦୁରାଇ କାମାକ୍ଷା ତଥା କନ୍ୟାକୁମାରୀ ଦର୍ଶନ ପାଇଁ ଭକ୍ତମାନଙ୍କୁ ସୂଚନା ଦିଆଯାଏ। ଯେଉଁମାନେ ତିରୁପତି ବାଲାଜୀ ଆସନ୍ତି ପଦ୍ମାବତୀ, ଗୋବିନ୍ଦରାଜନ, ଶ୍ରୀକାଳହସ୍ତୀ ପ୍ରଭୃତି ତୀର୍ଥ ସ୍ଥାନ ଏକାସାଙ୍ଗରେ ଦର୍ଶନ କରନ୍ତି। ଏଥିରୁ ଜଣାଯାଏ ଉତ୍ତରାଖଣ୍ଡ, ଗୁଜରାଟ, ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶ ପ୍ରଭୃତି ରାଜ୍ୟରେ ସରକାର ଧାର୍ମିକ ମହତ୍ତ୍ୱକୁ ପ୍ରାଧାନ୍ୟ ଦେଇ ନିଜ ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ରଣନୀତି କରିଛନ୍ତି। ପର୍ଯ୍ୟଟକ ରାଜ୍ୟର ଯେତେ ଅଧିକ ସ୍ଥାନ ବୁଲିବେ ରାଜ୍ୟ ସେତିକି ରାଜସ୍ୱ ପାଇବ ଏବଂ ଜନସାଧାରଣ ବିଭିନ୍ନ ଉପାୟରେ ଲାଭାନ୍ୱିତ ହେବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଶ୍ରୀଜଗନ୍ନାଥ ଧାମ ଦର୍ଶନ ବ୍ୟବସ୍ଥାକୁ ବିଚାର କରାଯାଉ। ପୁରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ କେବଳ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଫେରିଯାଉଛନ୍ତି। କ୍ୱଚିତ ଭକ୍ତ ଲିଙ୍ଗରାଜ ଏବଂ କୋଣାର୍କ ଦର୍ଶନ ପାଇଁ ଆସି ଭୁବନେଶ୍ୱର ସମୀପ ସ୍ଥାନ ବୁଲି ଫେରିଯାଆନ୍ତି। ସମଗ୍ର ଓଡ଼ିଶାର ତୀର୍ଥ ସ୍ଥଳଗୁଡ଼ିକୁ ଓଡ଼ିଶା ବାହାରର ଭକ୍ତ ଜାଣିପାରୁନାହାନ୍ତି। ଏଠି ପ୍ରଶ୍ନ ଉଠେ ଶ୍ରୀଜଗନ୍ନାଥଙ୍କର ଧାମ କ'ଣ କେବଳ ପୁରୀ ଭିତରେ ସୀମିତ କି ?

ସ୍କନ୍ଦପୁରାଣର ଦ୍ୱାଦଶ ଅଧ୍ୟାୟ ପ୍ରମାଣ ଦିଅନ୍ତି ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହୋଦଧିଠାରୁ ଆରମ୍ଭକରି ବିରଜାମଣ୍ଡଳ ପର୍ଯ୍ୟନ୍ତ ଦଶଯୋଜନ ପରିବ୍ୟାପ୍ତ। ଗାଣିତିକ ପ୍ରୟୋଗ ଅନୁସାରେ ଏକ ଯୋଜନ ହେଉଛି ପ୍ରାୟ ୧୨ କିଲୋମିଟର। ତଦନୁସାରେ ଦଶ ଯୋଜନ ଅର୍ଥାତ୍ ପ୍ରାୟ ୧୨୦ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର। ଏହି କ୍ଷେତ୍ର



ଅନେକ ପବିତ୍ର ନଦୀକୁ ସଂଲଗ୍ନ ହୋଇଛି। ସେହି ନଦୀକୂଳସ୍ଥ ପ୍ରାଚୀନ ମନ୍ଦିରଗୁଡ଼ିକ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ରର ଅଂଶ ବିଶେଷ। ସ୍କନ୍ଦପୁରାଣ ଷଷ୍ଠ ଅଧ୍ୟାୟ କହିଛନ୍ତି ଋଷିକୁଲ୍ୟା, ସ୍ୱର୍ଣ୍ଣରେଖା ଏବଂ ମହାନଦୀ ମଧ୍ୟରେ ଏହି ପୁରୁଷୋତ୍ତମ କ୍ଷେତ୍ର ବିରାଜିତ। ଏହି ପୁରୁଷୋତ୍ତମ କ୍ଷେତ୍ରରେ ଥିବା ମନ୍ଦିରମାନଙ୍କ ଭିତରେ ପ୍ରସିଦ୍ଧ ମନ୍ଦିରଗୁଡ଼ିକର ନାମ ନୀଳାଦ୍ରି ମହୋଦୟ ଦ୍ୱିତୀୟ ଅଧ୍ୟାୟ କହିଛନ୍ତି। ତନ୍ମଧ୍ୟରେ ଭୁବନେଶ୍ୱରର ଲିଙ୍ଗରାଜ ଏବଂ ଅନନ୍ତବାସୁଦେବ ତଥା ବିନ୍ଦୁ ସରୋବର ନାମ ଦୃଷ୍ଟିଗୋଚର ହୁଏ। ସେହିଭଳି ରଣପୁରର ଅଧିଷ୍ଠାତ୍ରୀ ଦେବୀ ମଣିନାଗ, ମହାନଦୀ କୂଳସ୍ଥ କଣ୍ଟିଲୋ ନୀଳମାଧବ, ଯାଜପୁର ବିରଜା ଏବଂ ବାଙ୍କୀ ଚର୍ଚ୍ଚିକାଙ୍କର ବର୍ଣ୍ଣନା ନୀଳାଦ୍ରି ମହୋଦୟ ତଥା କପିଳ ସଂହିତା ପ୍ରଭୃତି ଅନେକ ଗ୍ରନ୍ଥରେ ଦେଖାଯାଏ।

ତେବେ ପ୍ରଶ୍ନ ଉଠେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ବର୍ଣ୍ଣିତ ଥିବା ସମସ୍ତ ଶାସ୍ତ୍ରରେ ପ୍ରାୟ ଏକ ଶହ କୋଡ଼ିଏ କିଲୋମିଟର ପରିବ୍ୟାପ୍ତ ପୁରୁଷୋତ୍ତମ କ୍ଷେତ୍ରର ବର୍ଣ୍ଣନା ସହିତ ତନ୍ମଧ୍ୟରେ ଥିବା ପ୍ରସିଦ୍ଧ ଦେବତା ଏବଂ ପବିତ୍ର ନଦୀମାନଙ୍କର ଦିଗ୍‌ଦର୍ଶନ ରହିଛି। କିନ୍ତୁ ଶ୍ରୀମନ୍ଦିରକୁ ଆସୁଥିବା ତୀର୍ଥ ଯାତ୍ରୀଙ୍କ ମଧ୍ୟରୁ କ୍ୱଚିତ ଯାତ୍ରୀ ଏହି ସ୍ଥାନଗୁଡ଼ିକୁ ଜାଣନ୍ତି। ଅନ୍ୟ ରାଜ୍ୟରେ ନିଜ ଧାମକୁ ପ୍ରଚାରପ୍ରସାର କରୁଥିବା ସମୟରେ ଆମ ଜଗନ୍ନାଥ ଧାମ ସମ୍ବନ୍ଧରେ ପର୍ଯ୍ୟାପ୍ତ ପ୍ରାଚୀନ ଶାସ୍ତ୍ର ପ୍ରମାଣ ଥାଇ ମଧ ଆମେ ସୀମିତ ହୋଇ ରହୁଅଛେ। ତେଣୁ ଏ ସମ୍ବନ୍ଧରେ ଚିନ୍ତନ ଏବଂ ବିଚାର ବିମର୍ଶର ଆବଶ୍ୟକତା ରହିଛି। ପୁରୀଠାରୁ ଏହି ସମସ୍ତ ତୀର୍ଥ ସ୍ଥଳ ପାଇଁ ପ୍ରଶସ୍ତ ରାସ୍ତା, ଗମନାଗମନ ସୁବିଧା ତଥା ରହିବା ଏବଂ ଖାଦ୍ୟପେୟର ସୌବିଧ କରାଯିବା ଆବଶ୍ୟକ। ସେହି ମନ୍ଦିର ଏବଂ ନଦୀଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହିତ ମନ୍ଦିରର ପରିବେଶକୁ ଶୃଙ୍ଖଳିତ କରିବା ଆବଶ୍ୟକ। ନଦୀରେ ଆଜିକାଲି ଅନେକ ପର୍ଯ୍ୟଟନ ଶିଳ୍ପ ବିକଶିତ ହୋଇପାରୁଛି, ତେଣୁ ତାହା ଚିନ୍ତନୀୟ।

ସମ୍ପୂର୍ଣ୍ଣ ପୁରୁଷୋତ୍ତମ କ୍ଷେତ୍ରର ତୀର୍ଥ ସ୍ଥଳଗୁଡ଼ିକ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ରହିବା ଏବଂ ପ୍ରତି ମନ୍ଦିର ପାଇଁ ଜଣେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କର ନିୟୋଜନ ଆବଶ୍ୟକ। ବର୍ତ୍ତମାନ ତିରୁପତି ବାଲାଜୀ ମନ୍ଦିର ଏହି ପ୍ରଣାଳୀରେ ପରିଚାଳିତ। ତିରୁମାଲା ତିରୁପତି ଦେବସ୍ଥାନମ୍ ନାମକ ଏହି ମନ୍ଦିରର ପ୍ରଶାସନ ଅଧୀନରେ କେବଳ ଆନ୍ଧ୍ରପ୍ରଦେଶରେ ନୁହେଁ, ଆନ୍ଧ୍ର ପ୍ରଦେଶ ବାହାର ରାଜ୍ୟରେ ତଥା ବିଦେଶରେ ମଧ ଶ୍ରୀଭେଙ୍କଟେଶ୍ୱର ବାଲାଜୀ ମନ୍ଦିର ରହିଛି। ତିରୁପତି ଭେଙ୍କଟେଶ୍ୱର ମନ୍ଦିର ବର୍ଷକୁ ହଜାର ହଜାର କୋଟି ଟଙ୍କାର ଦାନ ଗ୍ରହଣ କରିବାର କାରଣ ହେଉଛି ଧର୍ମ ଏବଂ ସଂସ୍କୃତିକୁ ନେଇ ସୁଚିନ୍ତିତ କାର୍ଯ୍ୟପନ୍ଥା। ଯେଉଁ ଟଙ୍କାକୁ ସଦ୍ ବିନିଯୋଗ କରି ଆନ୍ଧ୍ରପ୍ରଦେଶରେ ଅନେକ ବିକାଶମୂଳକ କାର୍ଯ୍ୟ ସାଧିତ ହେଉଥିବା ବେଳେ ବଦ୍ରୀନାଥ, ଦ୍ୱାରକା ଏବଂ ରାମେଶ୍ୱର ପ୍ରଭୃତି ଧାମରେ ଅଭୂତପୂର୍ବ ବିକାଶ ହେଉଛି। ଏଣୁ ଓଡ଼ିଶା ଶ୍ରୀଜଗନ୍ନାଥଙ୍କୁ ଯେତିକି ପ୍ରାଧାନ୍ୟ ଦେବ ଆମ ରାଜ୍ୟର ସେତିକି ବିକାଶ ହେବ।

ଉପନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ,
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ଆନ୍ଧ୍ରପ୍ରଦେଶ
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

କେରଳର ଆର୍. ବିଶ୍ୱନ ମହୁ ଚାଷକରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ଫାର୍ମରେ ଏବେ ୬,୦୦୦ ମହୁ ବାକ୍ସ ଅଛି ଓ ସେଥିରୁ ବର୍ଷକୁ ୯୦-୧୧୦ ଟନ୍ ମହୁ ଉତ୍ପାଦନ ହେଉଛି। ବିଶ୍ୱନଙ୍କ ଜନ୍ମ ଥିରୁଭାନନ୍ତପୁରମ ଜିଲା ନେୟାତିନ୍‌କାରା ଗାଁରେ। ଗାଁ ଲୋକ ଭାରି ଅନ୍ଧବିଶ୍ୱାସୀ। ସେ ପରିବାର ପାଇଁ ଅମଙ୍ଗଳ ବୋଲି କେତେଜଣ ଜ୍ୟୋତିଷ ତାଙ୍କ ମାତାପିତାଙ୍କୁ କହିବା ପରେ ବିଶ୍ୱନଙ୍କ ଜୀବନ ଅନ୍ଧକାର ହୋଇଯାଇଥିଲା। ତାଙ୍କୁ ପିଲାଙ୍କ ସହ ଖେଳିବାକୁ ଦିଆଯାଉ ନ ଥିଲା। ଏମିତି କି ତାଙ୍କ ପିତାଙ୍କ ବ୍ୟବସାୟରେ କ୍ଷତି ହେବାରୁ ପରିବାର ମାଳପୁରମ ଜିଲାର ନୀଳାମ୍ବୁରକୁ ଚାଲିଯାଇଥିଲେ। ହେଲେ ବିଶ୍ୱନଙ୍କୁ ରାସ୍ତାରେ ମାତ୍ର ୭ ବର୍ଷ ବୟସରେ ଛାଡ଼ି ଚାଲିଯାଇଥିଲେ। ବିଶ୍ୱନ ଦିନରେ ରାସ୍ତାକଡ଼ରେ ଓ ରାତିରେ ଫସଲ ଜଗିବା ଲାଗି ତିଆରି ହୋଇଥିବା ଟ୍ରିହାଉସରେ ରହୁଥିଲେ। ଏପରି କି ତାଙ୍କୁ ଖାଦ୍ୟ ଚୋରି କରିବାକୁ ପଡ଼ିଥିଲା ଓ ଧରାପଡ଼ିବା ପରେ ଦୋକାନ ମାଲିକ ବିଶ୍ୱନଙ୍କୁ ଗାଈଚରା କାମରେ ଲଗାଇଥିଲେ। ଏହା ଥିଲା ୧୯୭୦ ଦଶକର ଘଟଣା। ଗାଈ ଜଗିବା ସମୟରେ ସେ ମହୁମାଛିଙ୍କୁ ଦେଖିବା ପରେ ଚାଷ କରିବାକୁ ମନ ବଳାଇଥିଲେ। ପରେ ସେ ଗାଈଜଗା କାମ ଛାଡ଼ି ପ୍ରଥମେ ବଜାରରୁ ଗୋଟିଏ ମହୁ ବାକ୍ସ କିଣି ମହୁମାଛି ପାଳନ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୭୬

- ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ବିହାର ସରକାର ୩ଟିରୁ ଅଧିକ ସନ୍ତାନ ଥିବା ଦମ୍ପତିଙ୍କୁ ପଡିକାର୍ଡ ଦେବେ ନାହିଁ ବୋଲି ନିଷ୍ପତ୍ତି କରିଛନ୍ତି।
- ରାଷ୍ଟ୍ରପତି ୯୯ ଜଣ ସାମରିକ ଓ ବେସାମରିକ ବ୍ୟକ୍ତିଙ୍କୁ ସେମାନଙ୍କ ସାହସିକ କାର୍ଯ୍ୟ ଯୋଗୁ ପୁରସ୍କାର ପ୍ରଦାନ କରିଛନ୍ତି।
- ଶେଖ ସାଲେହ ଅବଦୁଲା ଭାରତ ପାଇଁ ସାଉଦିଆରବର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଛନ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 9 | 2 | | | 1 | | |
| 4 | 3 | | | | 5 | | | 8 |
| 7 | | | 3 | | | | | 1 |
| | | 2 | | 1 | | | 8 | |
| 6 | | | | | 7 | | | |
| | | 7 | 1 | 9 | | | | |
| 8 | | | | | 3 | | | |
| | | | 7 | 5 | | 3 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 1 | 4 | 8 | 7 | 9 | 3 | 5 |
| 8 | 4 | 9 | 6 | 5 | 3 | 2 | 7 | 1 |
| 3 | 7 | 5 | 9 | 1 | 2 | 4 | 8 | 6 |
| 9 | 8 | 2 | 3 | 4 | 6 | 5 | 1 | 7 |
| 6 | 1 | 3 | 7 | 2 | 5 | 8 | 9 | 4 |
| 4 | 5 | 7 | 8 | 9 | 1 | 6 | 2 | 3 |
| 5 | 2 | 6 | 1 | 3 | 9 | 7 | 4 | 8 |
| 7 | 3 | 8 | 2 | 6 | 4 | 1 | 5 | 9 |
| 1 | 9 | 4 | 5 | 7 | 8 | 3 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କୁ ଆକ୍ରମଣ ବନ୍ଦ ହେଉ

ମହାଶୟ,

ଗଣମାଧ୍ୟମ ଓ ଗଣମାଧ୍ୟମ ପ୍ରତିନିଧିଙ୍କର ଭୂମିକା ଗଣତନ୍ତ୍ର ପାଇଁ ମହତ୍ତ୍ୱପୂର୍ଣ୍ଣ। ଗଣମାଧ୍ୟମର ପ୍ରତିନିଧି ଜାଗ୍ରତ ପ୍ରହରୀ ହୋଇ ଦେଶ ଓ ରାଜ୍ୟର ଛୋଟ ବଡ଼ ଘଟଣାକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା ଚଳାଇଲା ବେଳେ ଅନେକ ସମୟରେ ଆକ୍ରମଣର ଶିକାର ହେଉଛନ୍ତି। ବିଗତ ଦିନରେ ମହିଳା ସାମ୍ବାଦିକାଙ୍କୁ ପୁରୀ ଜଗନ୍ନାଥ ମନ୍ଦିରରେ ସେବାୟତଙ୍କ ଦ୍ୱାରା ଆକ୍ରମଣ ଗୋଟିଏ ଚାଞ୍ଚଲ୍ୟ କର ଘଟଣା କୁହାଯାଉଛି। ସେବାୟତମାନେ ପଇସା ନେଇ ଭକ୍ତଙ୍କୁ ମନ୍ଦିର ଭିତରକୁ ଯିବା ପାଇଁ ଛାଡୁଥିଲେ ଏବଂ ମହିଳା ସାମ୍ବାଦିକା ଓ ସାମ୍ବାଦିକ ଏହି ଖବରକୁ ଜନତାଙ୍କ ଦୃଷ୍ଟିକୁ ଆଣିବା ପାଇଁ ଚେଷ୍ଟା କରିଥିଲେ, ତେଣୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ପ୍ରଶ୍ନ ଉଠୁଛି ସରକାର କାହିଁକି ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି, ଗଣମାଧ୍ୟମରେ ନିର୍ଭୀକତା ରହିବ କିପରି। କାର୍ଯ୍ୟରତ ସାମ୍ବାଦିକଙ୍କୁ କିପରି ନ୍ୟାୟ ମିଳିପାରିବ ତା'ର ବ୍ୟବସ୍ଥା କରିବା ସହ ଆକ୍ରମଣର ଶିକାର ହେଉଥିବା ସାମ୍ବାଦିକଙ୍କୁ କ୍ଷତିପୂରଣ ଦିଆଯାଉ ।

-କାଳୀ ଦାସ, ବ୍ରହ୍ମପୁର, ଖୋଡାସିଙ୍ଗି, କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଲକହୀନ ନୟନ ତା'ର
ଅବଶ ହେଲା ପରାଣ-ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପରପାରେ !
ମୁଗ୍ଧ କବି ମୁରୁଛି ନାହିଁ ପାରେ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

**ବୈପାରୀଗୁଡ଼ା,୧୧।୪ (କଳ୍ପତରୁ ମହାନ୍ତି)**

ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ ଡାବୁଗୁଡ଼ା ଗ୍ରାମରେ ପୋଖରୀରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ବିଦ୍ୟାଳୟ ଛୁଟି ପରେ ଡାବୁଗୁଡ଼ା ଗ୍ରାମର ପଦଲାମ ଦୋରାପପୁଟିଆଙ୍କ ଝିଅ ପ୍ରମିଳା(୧୧) ଓ ପର୍ଶୁରାମ ପାଲିଗୁଡିଆଙ୍କ ଝିଅ ଅମ୍ରିତା ପାଲିଗୁଡିଆ(୮) ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନଙ୍କ ସହ ପଦଲାମ ଓ ପର୍ଶୁରାମ ମଧ ଯାଇଥିବା ବେଳେ ବାଲିଗାଁ ପଞ୍ଚାୟତରେ ଆୟୁଷ୍ମାନ କାର୍ଡ ଆଣିବା ପାଇଁ ଝିଅମାନଙ୍କୁ ଛାଡି ଆଗୁଆ ଫେରିଥିଲେ। ପୋଖରୀରେ ଗାଧୋଇବା ବେଳେ ପ୍ରମିଳା ଓ ଅମ୍ରିତା ପୋଖରୀରେ ବୁଡି ଯାଇଥିଲେ। ଗ୍ରାମର କେତେ ଜଣ ଲୋକ ଖୋଜାଖୋଜି କରି ସେମାନଙ୍କୁ ପାଣିରୁ ଉଦ୍ଧାର କରି ରାମଗିରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ରାମଗିରି ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୧୫/୨୫ ଓ ୧୬/୨୫ରେ ୨ଟି ପୃଥକ ମାମଲା ରୁଜୁ ହୋଇଛି।

# ମାଛଧରା ବୋଟ୍‌ରୁ ୪୫୦ ବସ୍ତା ଗୁଆ ଜବତ



ଜବତ ଗୁଆ ବସ୍ତା ସହ ଅଟକ ଧୀବରମାନେ।

**ପାରାଦୀପ,୧୧।୪(ଶରତ ରାଉତ)**

- ୧୪ ଧୀବର ଅଟକ
- ଆନୁମାନିକ ମୂଲ୍ୟ ୧କୋଟି ଟଙ୍କା ହେବ

ଗୁଆ ଚାଲାଣ କରୁଥିବା ଏକ ମାଛଧରା ବୋଟ୍‌କୁ ଗୁରୁବାର ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ) ଜବତ କରିଛି। ଏହାପରେ ସମ୍ପୃକ୍ତ ବୋଟ୍‌କୁ ଧରି କୋଷ୍ଟଗାର୍ଡ ଶୁକ୍ରବାର ଅପରାହ୍ନରେ ପାରାଦୀପ ବନ୍ଦର ପୋତାଶ୍ରୟରେ ପହଞ୍ଚିଛି। ସେଥିରୁ ୪୫୦ ଗୁଆ ବସ୍ତା ମିଳିଛି। ଏହାର ଆନୁମାନିକ ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଉକ୍ତ ମାଛଧରା ବୋଟ୍‌ରେ ଥିବା ୧୪ ଜଣ ଧୀବରଙ୍କୁ ଅଟକ ରଖାଯାଇଛି।

ପଶ୍ଚିମବଙ୍ଗ କାକଦ୍ୱୀପ ମାଛଧରା ବନ୍ଦରର ମା'ବାସନ୍ତୀ ନାମକ ବୋଟ୍ (ଆଇଏନ୍‌ଡି-ଡବ୍ଲ୍ୟୁବି-ଡିଏସ୍-ଏମ୍‌ଏମ୍-୧୦୦୩୩) ଗୁରୁବାର ସମୁଦ୍ରର ଭାରତୀୟ ଜଳସୀମାର ଶେଷାର୍ଦ୍ଧରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲା। ତାକୁ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ 'ଭରଦ' ଦେଖି ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉକ୍ତ ବୋଟ୍‌ରୁ ୪୫୦ ଗୁଆ ବସ୍ତା ମିଳିଥିଲା। ସେଥିରେ କୌଣସି ମାଛ କିମ୍ବା ମାଛଧରା ଉପକରଣ ନ ଥିଲା। ଅପରପକ୍ଷେ ଅଟକ ଥିବା ଧୀବରଙ୍କଠାରୁ କୌଣସି ପରିଚୟପତ୍ର ମିଳିପାରିନାହିଁ। ଗୁଆ କାରବାର ସମ୍ପର୍କରେ ସେମାନଙ୍କୁ ପଚରାଯିବାରୁ କୌଣସି ତଥ୍ୟ ସେମାନେ ଦେଖାଇ ନ ଥିଲେ। ସେଥିପାଇଁ ସମ୍ପୃକ୍ତ ଧୀବରମାନଙ୍କ ସମ୍ବନ୍ଧରେ ଅଧିକ ତଦାରଖ କରିବା ପାଇଁ ପାରାଦୀପ ଅଣାଯାଇଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତ ବୋଟ୍ ପାରାଦୀପରେ ପହଞ୍ଚିବା ପରେ ତାକୁ ଇମିଗ୍ରେଶନ, କଷ୍ଟମ୍ସ, ସିଆଇଏସ୍‌ଏଫ୍, ମେରାଇନ ପୋଲିସ, ଓଡ଼ିଶା ପୋଲିସ, ଆଇବି ଆଦି ସୁରକ୍ଷା ଏଜେନ୍ସିର ଅଧିକାରୀମାନେ ଯାଞ୍ଚ କରିଛନ୍ତି। ପ୍ରତି ବସ୍ତାରେ ୫୦ରୁ ୬୦ କେଜି ଗୁଆ ରହିଛି। ବୋଟ୍ ଭିତରେ ଆଉ କ'ଣ ଅଛି ଏବେ ତାହା ଯାଞ୍ଚ କରାଯାଉଛି। ଉକ୍ତ ଗୁଆ କେଉଁ ଦେଶକୁ ଚାଲାଣ ହେଉଥିଲା ତାହା ଅସ୍ପଷ୍ଟ ରହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଆଖିବୁଜିଲା ଚିକିତ୍ସାଧୀନ ହାତୀଛୁଆ

**କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଯୋଡ଼ା(ମାନସ ମହାନ୍ତି),୧୧।୪**

ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ କାନପୁର ଡ୍ୟାମ୍ ଚମକପୁର ନିକଟରେ ଚିକିତ୍ସାଧୀନ ଥିବା ଏକ ଦେଢ଼ ବର୍ଷର ହାତୀ ଛୁଆର ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ସବୁ ପ୍ରକାର ଚିକିତ୍ସା ବ୍ୟବସ୍ଥା ସତ୍ତ୍ୱେ ତା'ର ମୃତ୍ୟୁ ଘଟିଥିବା ଡିଏଫ୍‌ଓ ଧନରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ହାତୀ ଛୁଆଟି ଗତ ୭ ତାରିଖରେ ଜଙ୍ଗଲରେ ହାତୀପଲ ସହ ଛୋଟେଇ ଛୋଟେଇ ବୁଲୁଥିବା ବନ ବିଭାଗ କର୍ମଚାରୀ ଦେଖିଥିଲେ। ହାତୀ ପଲରେ ଥିବାରୁ ତା'ର ଚିକିତ୍ସା ତୁରନ୍ତ ହୋଇପାରି ନ ଥିଲା। ତେବେ ବନ ବିଭାଗ କର୍ମଚାରୀ ତା'ର ଗତିବିଧି ନିରୀକ୍ଷଣ କରୁଥିଲେ। ଗୁରୁବାର ହାତୀ ଛୁଆ ଆଉ ଚାଲି ନ ପାରି ଗୋଟିଏ ସ୍ଥାନରେ ପଡ଼ି ରହିଥିଲା। ମା' ହାତୀ ଓ ହାତୀ ପଲ ଦୂରରୁ ତାକୁ ଜଗି ରହିଥିଲେ। ଦଳଠାରୁ ଅଲଗା ହୋଇଯିବାରୁ ବନ୍ୟପ୍ରାଣୀ ଚିକିତ୍ସକ ଦଳ ହାତୀ ଛୁଆ ପାଖକୁ ଯାଇଥିଲେ। ହାତୀଛୁଆର ପଛ ଗୋଡ଼ ଫୁଲିଯାଇଥିବା ବେଳେ କାନ ତଳେ ଘା' ହୋଇଯାଇଥିଲା। ଚମ୍ପୁଆ ବ୍ଲକ୍ ଭେଟେରିନାରି ଅଫିସର ଶିବଚରଣ ସିଂ, ଭଣ୍ଡା ଡିସ୍‌ପେନ୍‌ସାରି ପ୍ରାଣୀ ଚିକିତ୍ସକ ପ୍ରକାଶ ଘଡ଼େଇ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତର ବ୍ରଜରାଜ ସିଂ ଯାଦବ ହାତୀ ଛୁଆର ଚିକିତ୍ସା କରିଥିଲେ। ଏସିଏଫ୍ ଅଶୋକ କୁମାର ଦାସ, ଚମ୍ପୁଆ ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ, ଯୋଡ଼ା ବନପାଳ ତ୍ରିନାଥ ଜେନା, ଯୋଡ଼ା ବିଟ୍ ବନରକ୍ଷୀ ନିଲମ ମହାନ୍ତ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଚିକିତ୍ସା ବ୍ୟବସ୍ଥାର ରିପୋର୍ଟ କେନ୍ଦୁଝର ବନ ବିଭାଗ, ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ମାଟି ଖୋଳି ପୋତିଦିଆଯାଇଛି।



ମରିପଡ଼ିଥିବା ହାତୀଛୁଆ।

# ୩୦ ଓଏଏସ୍‌ଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୧୧।୪ (ରବିନାରାୟଣ ଜେନା)**

- ସନ୍ତୋଷ ନାୟକ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ
- ବଦଳିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ
- ୨୯ ଯୁଗ୍ମ ସଚିବଙ୍କୁ ଏସ୍‌ଏଜି ପାହ୍ୟା

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ୩୦ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ(ଏସ୍‌ଏଜି)ଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରୁ ୨୮ଜଣ ଅଧିକାରୀଙ୍କୁ ନିଜ ସ୍ଥାନରେ ପୁନଃ ଅବସ୍ଥାପିତ କରାଯାଇଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସନ୍ତୋଷ କୁମାର ନାୟକଙ୍କୁ ପଦୋନ୍ନତି ପରେ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ପଦୋନ୍ନତି ପରେ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

ଏହାବାଦ୍ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ, କାହ୍ନୁଚରଣ ଧୀର, ହରିଶ ଚନ୍ଦ୍ର ନାୟକ, ଅମ୍ବର କୁମାର କର, ବବିତା ମହାନ୍ତି, ପ୍ରଶାନ୍ତ କିଶୋର ମହାପାତ୍ର, ଶିବୋ ନାରାୟଣ ସାହୁ, ଅନୁଜ କୁମାର ଦାସ ପଟ୍ଟନାୟକ, ଏସ୍ କେ. ଜମିରୁଦ୍ଦିନ, ସୁରେନ୍ଦ୍ର କୁମାର ପଣ୍ଡା, ରାଜଶ୍ରୀ ସିଂହ, ଶୁଭ୍ରା ମହାନ୍ତି, ମନୋଜ କୁମାର ପାଢ଼ୀ, ସଂଘମିତ୍ରା ଶତପଥୀ, ବଳରାମ ମଲ୍ଲିକ, ହିମାଂଶୁ ଶେଖର ବେହେରା, ଲକ୍ଷ୍ମୀକାନ୍ତ ସେଠୀ, ଅକ୍ଷୟ କୁମାର ମଲ୍ଲିକ, ଦେବଦତ୍ତ ସୁରଞ୍ଜିତା ଜେନା, ଉଷାରାଣୀ ଦାସ, ଅଗସ୍ତୀ ପ୍ରଧାନ, ବୀରସେନ ପ୍ରଧାନ, ମିର୍ଦ୍ଧା ଟପୋ, ଘାସିରାମ ମୁର୍ମୁ, ସୁଧାକର ଶବରୋ, ଅସିତ କୁମାର ପଣ୍ଡା ଓ ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି।

ସେହିପରି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ୨୯ ଜଣ ଯୁଗ୍ମସଚିବ ପାହ୍ୟାର ଓଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ସଚିବ(ଏସଏଜି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରେ ପର୍ଯ୍ୟଟନ ବିଭାଗ ଯୁଗ୍ମସଚିବ ରୁଦ୍ରନାରାୟଣ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦିଲ୍ଲୀପ କୁମାର ମହାପାତ୍ର ଏବଂ ସିଡ଼ିଏ ସଚିବ ଡ. ଶ୍ୱେତ କୁମାର ଦାଶ ପ୍ରମୁଖ ରହିଛନ୍ତି।

# ଖାଲି ପଡ଼ିଥିବା ୧୧୩୪ ପଞ୍ଚାୟତସ୍ତରର ପଦବୀ ପୂରଣ ହେବ

**ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)**

- ୫ ଜିଲା ପରିଷଦ, ୪୫ ସରପଞ୍ଚ ପଦ ପାଇଁ ହେବ ଉପନିର୍ବାଚନ
- ୪୧ ପଞ୍ଚାୟତ ସମିତି, ୨୭୨ ୱାର୍ଡମେମ୍ବର ପଦ ପାଇଁ ମଧ ଉପନିର୍ବାଚନ
- ଖାଲି ପଡ଼ିଥିବା ୭୭୧ ୱାର୍ଡରେ ନୂତନ ଭାବେ ନିର୍ବାଚନ ହେବ

ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ପଦକ୍ଷେପ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଆରମ୍ଭ କରାଯାଇଛି। ସେଥି ମଧ୍ୟରୁ ୫ଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରି ନ ଥିବାରୁ ଉକ୍ତ ୱାର୍ଡ ଗୁଡିକରେ ନିର୍ବାଚନ ବନ୍ଦ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ଜିଲାପାଳଙ୍କ ସୁପାରିସକ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଏପ୍ରିଲ ୧୭ରୁ ୨୨ ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡ ୱାରି ଭୋଟର ତାଲିକା ପ୍ରସ୍ତୁତ କରିବେ। ଏପ୍ରିଲ ୨୪ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରି ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ହେବ। ଆସନ୍ତା ୩୦ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ମେ ୨ରୁ ୫ ତାରିଖ ମଧ୍ୟରେ ସମ୍ପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମେ ୯ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ ବୋଲି ଉଲ୍ଲେଖ କରାଯାଇଛି।

# ମୂଷାମରା ବିଷ ଖାଇ ୬ ଶିଶୁ ଅସୁସ୍ଥ



ମୁଖ୍ୟ ଚିକିତ୍ସାଳୟରେ ଅସୁସ୍ଥ ଶିଶୁମାନେ।

**ଢେଙ୍କାନାଳ,୧୧।୪(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ଗ୍ରାମ ପଞ୍ଚାୟତ ଜଙ୍ଗିରା ଗ୍ରାମରେ ଶୁକ୍ରବାର ଏକ ଅଙ୍ଗନୱାଡି କେନ୍ଦ୍ରରେ ଚକୋଲେଟ୍ ଭାବି ମୂଷାମରା ବିଷ ଖାଇ ୬ଜଣ ଶିଶୁ ଅସୁସ୍ଥ ହୋଇଛନ୍ତି। ମୂଷାମରା ବିଷ ପ୍ୟାକେଟ୍‌କୁ କାମୁଡି ଛିଣ୍ଡାଇ ଖାଇଥିବା ୬ଜଣ ଶିଶୁଙ୍କୁ ଅସୁସ୍ଥ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଙ୍ଗନୱାଡି ଦିଦିଙ୍କ ଭ୍ୟାନିଟିରେ ମୂଷାମରା ବିଷ ପ୍ୟାକେଟ୍ ଥିବା ବେଳେ ଶିଶୁମାନେ ଏହାକୁ ଚକୋଲେଟ୍ ଭାବି ଖାଇ ଦେଇଥିଲେ। ଚିକିତ୍ସା ପରେ ଶିଶୁମାନେ ସୁସ୍ଥ ଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।




# ଶିଶୁଭବନର ବହୁବିଧ ଉପଯୋଗୀ ଚିକିତ୍ସାଳୟ ଲୋକାର୍ପିତ

**କଟକ,୧୧।୪(କାର୍ତ୍ତିକ ସାହୁ)**



କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ସାତ ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟର ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ସାତ ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟ ଓ ଛାତ୍ରାବାସର ଶୁଭ ଉଦ୍‌ଘାଟନ କରିବା ସହ ମାଇକ୍ରୋବାୟୋଲୋଜିକାଲ ଲାବରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫୨.୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭ ମହଲା ବିଶିଷ୍ଟ ଏହି ମଲ୍ଟି-ୟୁଟିଲିଟି ହସ୍ପିଟାଲ କମ୍ପ୍ଲେକ୍ସ ଶିଶୁ ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କ୍ୟାମ୍ପସ୍‌ରେ ଶିଶୁଙ୍କ ପାଇଁ ୮୪୬ଟି ଶଯ୍ୟା ରହିଛି। ସେଥିମଧ୍ୟରୁ ୧୪୦ଟି ଆଇସିୟୁ ଶଯ୍ୟା, ୨୨୭ଟି ନବଜାତ କେୟାର୍ ବେଡ୍, ଏସ୍‌ଏନ୍‌ସିୟୁ ପାଇଁ ୪୮ଟି ଶଯ୍ୟା, ପେଡିଆଟ୍ରିକ ମେଡିସିନ ପାଇଁ ୨୫୯ଟି ଶଯ୍ୟା, ପେଡିଆଟ୍ରିକ୍ ନେଫ୍ରୋଲୋଜି ପାଇଁ ୩୦ଟି ଶଯ୍ୟା, ସଂକ୍ରାମକ ରୋଗ ପାଇଁ ୨୬ଟି ଶଯ୍ୟା, ପେଡିଆଟ୍ରିକ୍ ସର୍ଜରି ପାଇଁ ୬୦ଟି ଶଯ୍ୟା, ଏନ୍‌ଆର୍‌ସି ପାଇଁ ୧୦ଟି ଶଯ୍ୟା ଏବଂ କାଜୁଆଲିଟି ପାଇଁ ୪୬ଟି ଉତ୍ସର୍ଗୀକୃତ ଶଯ୍ୟା ଉପଲବ୍ଧ ରହିଛି। ଏଥିସହ ମାଗଣା ଔଷଧ ବଣ୍ଟନ ପାଇଁ ୪ଟି ଔଷଧ ବିତରଣ କେନ୍ଦ୍ର ଓ ୧୮୦ ଜଣ ଆବାସିକ ଡାକ୍ତରଙ୍କ ପାଇଁ ଏକ ହଷ୍ଟେଲ ରହିଛି। ଏହା ୨୪ ଘଣ୍ଟା ଚିକିତ୍ସା ସେବା ଯୋଗାଇଦେବା ସୁନିଶ୍ଚିତ କରିବ।

ଏଥିସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ମାଇକ୍ରୋବାୟୋଲୋଜିକାଲ ଲାବରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪.୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ଲାବୋରେଟୋରିରେ ଏଫଏସ୍‌ଏସ୍‌ଏଆଇ ମାନକ ଅନୁଯାୟୀ ଖାଦ୍ୟ ଏବଂ ଜଳ ନମୁନାଗୁଡ଼ିକର ମାଇକ୍ରୋବାୟୋଲୋଜିକାଲ୍ ପରୀକ୍ଷଣ କରାଯିବ। ଏହା ଭୁବନେଶ୍ୱର ଓଏସ୍‌ଏମ୍‌ସିଏଲ୍ କ୍ୟାମ୍ପସ୍ ଭିତରେ ଥିବା ରାଜ୍ୟ ଖାଦ୍ୟ ପରୀକ୍ଷଣ ଲାବରେଟୋରିରେ ପ୍ରତିଷ୍ଠା କରାଯିବ।

# ପରଜଙ୍ଗ ସିଡିପିଓଙ୍କୁ ୩ ବର୍ଷ ଜେଲ



ବିଜୟଲକ୍ଷ୍ମୀ ମାରାଣ୍ଡି

**ଢେଙ୍କାନାଳ/ ଭବାନୀପାଟଣା,୧୧।୪ (ରତନ ନାୟାର/ ଉତ୍ତମ କୁମାର ଦାଶ)**

ନୂଆପଡ଼ା ଜିଲା ସିନାପାଲି ବ୍ଲକର ପୂର୍ବତନ ସିଡିପିଓ ତଥା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ବର୍ତ୍ତମାନ କାର୍ଯ୍ୟରତ ସିଡିପିଓ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ଲାଞ୍ଚ ମାମଲାରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଶୁକ୍ରବାର ୩ ବର୍ଷ ଜେଲଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥିସହିତ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ଚାକିରିରୁ ବହିଷ୍କାର କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜଣାଇବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ବିଜୟଲକ୍ଷ୍ମୀ ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ସିଡିପିଓ ଥିବାବେଳେ ଛତୁଆ ଯୋଗାଣ ସମ୍ପର୍କିତ ବିଲ୍ ପାସ ଏବଂ ପ୍ରାପ୍ୟ ପ୍ରଦାନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିଲେ। ଏ ସଂକ୍ରାନ୍ତରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦଫା ୧୩(୨), ଆର/ଡବ୍ଲ୍ୟୁ ୧୩(୧)(ଡି)/୭ ପିସି ଆକ୍ଟ-୧୯୮୮ରେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

# ବଦଳିବେ ଏସ୍‌ଏଚ୍‌ଜି କର୍ମକର୍ତ୍ତା, ବଢୁଛି ଦ୍ୱନ୍ଦ୍ୱ

**କଟକ ସଦର,୧୧।୪ (ସୁଶାନ୍ତ କୁମାର ଜେନା)**

**ବ୍ୟାଙ୍କ ଋଣ କରିଥିବା ଗୋଷ୍ଠୀର ସଭାପତି, ସମ୍ପାଦକ ପଦ ପାଇଁ ଅଡଙ୍ଗା**

ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ବଦଳିବେ। ଏନେଇ ରାଜ୍ୟ ମିଶନ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଏପ୍ରିଲରୁ ନୂତନ କର୍ମକର୍ତ୍ତା ମନୋନୟନ କରିବାକୁ କୁହାଯାଇଛି। ଏନେଇ ଚିଠି ପାଇବା ପରେ ପ୍ରଶାସନ ଓ ମିଶନଶକ୍ତି କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ବ୍ୟାଙ୍କ୍‌ରେ ଋଣ ଥିବାରୁ ଦ୍ୱନ୍ଦ୍ୱ ଉପୁଜିଛି। ବର୍ତ୍ତମାନର ସଭାପତି ଓ ସମ୍ପାଦକଙ୍କ ଚୁକ୍ତି ଅନୁସାରେ ଋଣ ଦିଆଯାଇଥିବାରୁ ଏମାନେ ବଦଳିଲେ ଆଗକୁ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ସଭାପତି ଓ ସମ୍ପାଦକ ପଦ ପାଇଁ କୌଣସି ସଭ୍ୟା ମନ ବଳାଉ ନ ଥିବା ଜଣାପଡିଛି। ଏପରିକି ଏହାକୁ ନେଇ ବ୍ୟାଙ୍କରୁ ଋଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଥିବା ଦେଖିବାକୁ ମିଳୁଛି।

ରାଜ୍ୟ ମିଶନ ଶକ୍ତି ବିଭାଗର ପତ୍ରସଂଖ୍ୟା ୩୫୬/୨୨।୧।୨୦୨୫ ଓ ୯୩୦/୧୫।୨।୨୦୨୫ ମୁତାବକ ୨ ବର୍ଷ ଧରି ପଦପଦବୀରେ ଥିବା ମହିଳାମାନେ ଆଉ ପୁନର୍ବାର ସଭାପତି ଓ ସମ୍ପାଦକ ରହିପାରିବେ ନାହିଁ। ସେମାନଙ୍କ ସ୍ଥାନରେ ନୂଆ ମହିଳା ମନୋନୀତ ହେବା ବାଧ୍ୟତାମୂଳକ। ତଦନୁଯାୟୀ କଟକ ସଦର ବ୍ଲକରେ କାର୍ଯ୍ୟ କରୁଥିବା ୨୬୩୦ ଗ୍ରୁପ୍‌ର ନୂତନ ସଭାପତି ଓ ସମ୍ପାଦକ ମନୋନୟନ ପାଇଁ ସିଆର୍‌ପିମାନେ ଘର ଘର ବୁଲିବା ଆରମ୍ଭ କରିଦେଇଥିବା ଦେଖାଯାଉଛି। ଏବେ ସୁଦ୍ଧା ଏହି ବ୍ଲକର ୨୧୦୦ ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଗ୍ରାମ୍ୟ ବ୍ୟାଙ୍କରୁ ଋଣ ନେଇ ନିଜ ବ୍ୟବସାୟ ଚଳାଉଛନ୍ତି। ଋଣ ସମୟରେ ବ୍ୟାଙ୍କ ସହ ଚୁକ୍ତି କରୁଥିବା ସଭାପତି ଓ ସମ୍ପାଦକମାନେ ସରକାରଙ୍କ ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ସେମାନଙ୍କ ପଦବୀ ହରାଇ କେବଳ ସାଧାରଣ ସଭ୍ୟା ହୋଇରହିବେ। ଏହାକୁ ନେଇ ଗୋଷ୍ଠୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଧିକାଂଶ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉଚ୍ଚଶିକ୍ଷିତ ନୁହନ୍ତି। ତେଣୁ ବ୍ୟାଙ୍କ ଋଣ ନ ଶୁଝିବା ପର୍ଯ୍ୟନ୍ତ ସଭାପତି ଓ ସମ୍ପାଦକ ଭାବେ ଦାୟିତ୍ୱ ନେବାକୁ କୁଣ୍ଠାବୋଧ କରୁଛନ୍ତି ବୋଲି କଟକ ସଦର ବ୍ଲକ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ କହିଛନ୍ତି। କାରଣ ପୁରୁଣା କର୍ମକର୍ତ୍ତା ବ୍ୟାଙ୍କ ସହ ଚୁକ୍ତିବଦ୍ଧ ହୋଇଥିବାରୁ ନୂଆ କର୍ମକର୍ତ୍ତା ଦାୟିତ୍ୱ ନେବା ପାଇଁ ସାହସ କରୁନାହାନ୍ତି। ତେଣୁ ବ୍ୟାଙ୍କ ଋଣ ଶୁଝିବା ପର୍ଯ୍ୟନ୍ତ ପୁରୁଣା କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱରେ ରହିବାର ସୁଯୋଗ ସରକାର ଦେବା ପାଇଁ ଗୋଛାୟତ ଦାବି କରିଛନ୍ତି। ଏ ସମ୍ପର୍କରେ କଟକ ସଦର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସରୋଜିନୀ ମହାନ୍ତିଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ମୋର ଦାୟିତ୍ୱ ବୋଲି କହିଛନ୍ତି।



## ସଂକ୍ଷେପରେ

### ମ୍ୟାନ୍‌ମାରରେ ସାଇବର ଦାସତ୍ୱରେ ଥିବା ୬୦ ଭାରତୀୟ ଉଦ୍ଧାର

ନୂଆଦିଲ୍ଲୀ,୧୧।୪

ମ୍ୟାନ୍‌ମାରରେ ସାଇବର ଦାସତ୍ୱରେ ରହିଥିବା ୬୦ ଜଣ ଭାରତୀୟଙ୍କୁ ସାଇବର କ୍ରାଇମ୍ ଅଧିକାରୀମାନେ ଉଦ୍ଧାର କରିଛନ୍ତି। ଏହି ଯୁବକମାନଙ୍କୁ ଲୋଭନୀୟ ନିଯୁକ୍ତି ପ୍ରଲୋଭନ ଦେଖାଇ ସେଠାକୁ ନେବା ପରେ ସାଇବର ଅପରାଧ କରିବା ପାଇଁ ବାଧ୍ୟ କରାଯାଉଥିଲା। ମହାରାଷ୍ଟ୍ର ପୋଲିସର ସାଇବର ଶାଖା ୫ ଜଣ ଏଜେଣ୍ଟଙ୍କୁ ଗିରଫ କରିଛି। ଏହି ଆପରାଧିକ କାର୍ଯ୍ୟରେ ସେମାନଙ୍କର ବିଦେଶୀଙ୍କ ସହ ସମ୍ପର୍କ ରହିଥିବା ଜଣେ ଅଧିକାରୀ କହିଛନ୍ତି। ଏଜେଣ୍ଟମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଥାଇଲାଣ୍ଡ ଏବଂ ଅନ୍ୟ ପୂର୍ବ ଏସୀୟ ଦେଶରେ ଆକର୍ଷଣୀୟ ବେତନରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଉଥିଲେ। ପ୍ରଲୋଭନରେ ପଡୁଥିବା ଯୁବକମାନଙ୍କ ପାଇଁ ସେମାନେ ପାସ୍‌ପୋର୍ଟ ବ୍ୟବସ୍ଥା ସହ ବିମାନ ଟିକେଟ ବୁକିଂ ଆଦି କରିଦେଇ ଟୁରିଷ୍ଟ ଭିଜାରେ ଥାଇଲାଣ୍ଡ ପଠାଉଥିଲେ। ସେଠାରୁ ସେମାନଙ୍କୁ ମ୍ୟାନ୍‌ମାର ସୀମାକୁ ନିଆଯାଇ ଛୋଟ ବୋଟ୍ ଦ୍ୱାରା ସୀମାପାର କରାଯାଉଥିଲା। ମ୍ୟାନ୍‌ମାରରେ ସଶସ୍ତ୍ର ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ଆବଦ୍ଧ ସ୍ଥାନକୁ ନିଆଯାଇ ଡିଜିଟାଲ ଆରେଷ୍ଟ ସମେତ ବଡ଼ ଧରଣର ସାଇବର ଜାଲିଆତି କରିବାକୁ ବାଧ୍ୟ କରାଯାଉଥିଲା।

### ଲୋକଙ୍କ ମୌଳିକ ଅଧିକାର କଥା ଚିନ୍ତାକରୁ ଇଡି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୧।୪

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଯଦି ମୌଳିକ ଅଧିକାର ରହିଛି, ଏହା ମଧ୍ୟ ଜନସାଧାରଣଙ୍କ ମୌଳିକ ଅଧିକାର ବିଷୟରେ ଚିନ୍ତା କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଚଣ୍ଡିଗଡ଼ରୁ ନାଗରିକ ଆପୂର୍ତ୍ତି ନିଗମ (ଏନ୍‌ଏଏନ୍) ଦୁର୍ନୀତି ମାମଲାକୁ ନୂଆଦିଲ୍ଲୀ ନେବା ପାଇଁ ଇଡି ଆବେଦନ କରିଥିବାବେଳେ ସର୍ବୋଚ୍ଚ ଅଦାଲତ ଏଥିରେ ଅସହମତି ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଇଡି ରିଟ୍ ପିଟିଶନ ଦାଏର କଲା କିପରି ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୨ ନାଗରିକଙ୍କ ମୌଳିକ ଅଧିକାର ସୁରକ୍ଷାର ଗ୍ୟାରେଣ୍ଟି ଦେଇଥାଏ। ମୌଳିକ ଅଧିକାରର ଉଲ୍ଲଂଘନ ହେଲେ ଏହାର ସୁରକ୍ଷା ପାଇଁ ବ୍ୟକ୍ତିବିଶେଷଙ୍କୁ ସିଧାସଳଖ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ଉକ୍ତ ଅନୁଚ୍ଛେଦ କ୍ଷମତା ଦେଇଛି। ଖଣ୍ଡପୀଠଙ୍କ ଏହି ମନ୍ତବ୍ୟ ପରେ ପିଟିଶନ ପ୍ରତ୍ୟାହାର କରିନେବା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଅଦାଲତଙ୍କ ଅନୁମତି ଚାହିଁଥିଲେ। ଇଡିର ମଧ୍ୟ ମୌଳିକ ଅଧିକାର ରହିଛି ବୋଲି ରାଜୁ କହିବାରୁ ଏହା ଲୋକଙ୍କ ମୌଳିକ ଅଧିକାର କଥା ଚିନ୍ତାକରୁ ବୋଲି ଖଣ୍ଡପୀଠ କହିଥିଲେ। ପରେ କୋର୍ଟ ଆବେଦନ ପ୍ରତ୍ୟାହାର କରିନେବାକୁ ଅତିରିକ୍ତ ସଲିସିଟର ଜେନେରାଲଙ୍କୁ ଅନୁମତି ଦେଇଥିଲେ।

# ଷ୍ଟାଲିନ୍‌ଙ୍କ ମୁକାବିଲା ପାଇଁ ଏକାଠି

## ତାମିଲନାଡୁକୁ ଫେରିଲା ଏଆଇଏଡିଏମ୍‌କେ-ଭାଜପା ମେଣ୍ଟ

**ତାମିଲନାଡୁର ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ଭାଜପା ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଇଡାପ୍ପଡି କେ. ପାଲାନିସ୍ୱାମୀ (ଇପିଏସ୍)ଙ୍କ ନେତୃତ୍ୱରେ ଲଢ଼ିବେ। ଚେନ୍ନାଇରେ ଶୁକ୍ରବାର ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱ ଏବଂ ସେ କେନ୍ଦ୍ର ସରକାରଙ୍କ ବିରୋଧରେ ଉଠାଉଥିବା ପ୍ରସଙ୍ଗଗୁଡ଼ିକୁ ଦେଖିଲେ ଆଗାମୀ ନିର୍ବାଚନରେ ବିରୋଧୀଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ଆସିବା ଭଳି ମନେହେଉ ନାହିଁ। ତେଣୁ ଦୁଇ ପୂର୍ବ ସହଯୋଗୀ ପୁନର୍ବାର ଏକାଠି ହୋଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ନାବକୁ କ୍ଷମତା କୂଳରେ ଲଗାଇବାକୁ ଅଣ୍ଟା ଭିଡ଼ିଥିବା କୁହାଯାଉଛି।**




ଚେନ୍ନାଇରେ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ବାମରୁ ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ଇ.କେ. ପାଲାନିସାମୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପାର ବିଦାୟୀ ରାଜ୍ୟ ସଭାପତି କେ. ଆନ୍ନାମଲାଇ ଏବଂ ପରବର୍ତ୍ତୀ ସଭାପତି ନୈନାର ନାଗେନ୍ଦ୍ରନ୍।

ଚେନ୍ନାଇ/ନୂଆଦିଲ୍ଲୀ,୧୧।୪

ତାମିଲନାଡୁ ବିଧାନସଭାର ଆସନ ସଂଖ୍ୟା ୨୩୪। ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ହେଉଛି ୧୧୮। ୨୦୨୧ ଏପ୍ରିଲ ୬ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜେ. ଜୟଲଳିତାଙ୍କ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନ୍ନେତ୍ରା କାଝାଗାମ୍ (ଏଆଇଏଡିଏମ୍‌କେ) ପୂର୍ବାପେକ୍ଷା ୭୦ ଆସନ ହରାଇ କ୍ଷମତାଚ୍ୟୁତ ହୋଇଥିଲା। ଏଆଇଏଡିଏମ୍‌କେ ୬୬ ଆସନରେ ସୀମିତ ହୋଇ ବିରୋଧୀ ଆସନରେ ବସିଥିଲା। ଅନ୍ୟପକ୍ଷେ ଏମ୍.କେ. ଷ୍ଟାଲିନ୍‌ଙ୍କ ଦ୍ରାବିଡ ମୁନ୍ନେତ୍ରା କାଝାଗାମ୍ (ଡିଏମ୍‌କେ) ପୂର୍ବ ନିର୍ବାଚନ ତୁଳନାରେ ୪୪ ଅଧିକ ଆସନ ପାଇ ମୋଟ ୧୩୩ ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ଏଲ୍. ମୁରୁଗାନ୍‌ଙ୍କ ନେତୃତ୍ୱରେ ୨୦ ଆସନରେ ନିର୍ବାଚନ ଲଢ଼ିଥିବା ଭାଜପା ମାତ୍ର ୨.୬% ଭୋଟ ହାର ସହ ୪ ଆସନରେ ସୀମିତ ରହିଥିଲା। ଇତିମଧ୍ୟରେ ୪ ବର୍ଷ ବିତିଗଲାଣି। ଆସନ୍ତା ବର୍ଷ ଠିକ୍ ଏଇ ସମୟ ବେଳକୁ ତାମିଲନାଡୁରେ ପୁଣି ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ସରକାର ନିଜ ଲୋକପ୍ରିୟତା ବଜାୟ ରଖିଛନ୍ତି। ଷ୍ଟାଲିନ୍ କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍), ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅଧୀନ ୩ ଭାଷା ସୂତ୍ର ବଳରେ ହିନ୍ଦୀ ଭାଷାକୁ ଜବରଦସ୍ତି ଲଦି ଦିଆଯିବା ଏବଂ କେନ୍ଦ୍ରୀୟ ପାଣ୍ଠି ପ୍ରଦାନରେ ପାତରଅନ୍ତରକୁ ପ୍ରସଙ୍ଗକରି ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଆସିଛନ୍ତି। ବିଶେଷକରି ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଡିଏମ୍‌କେ ସୁପ୍ରିମୋ ଏହି ପ୍ରସଙ୍ଗଗୁଡ଼ିକ ଉପରେ ନିଜ ସ୍ୱରକୁ ଅଧିକ ଶାଣିତ କରୁଥିବା ଦେଖିବାକୁ ମିଳୁଛି। ଏଭଳି ସମୟରେ ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିବା ପାଇଁ ଅଣ୍ଟାଭିଡ଼ିଥିବା ଇପିଏସ୍ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟ ଭାଜପା ସଭାପତି କେ. ଆନ୍ନାମଲାଇ ଡିଏମ୍‌କେ ପରିବର୍ତ୍ତେ ଏଆଇଏଡିଏମ୍‌କେକୁ ଅଧିକ ସମାଲୋଚନା କରୁଥିବା ସେ ମୋଦିଙ୍କୁ ଜଣାଇଥିଲେ। ଆନ୍ନାମଲାଇଙ୍କୁ ଭାଜପା ସଭାପତି ପଦରୁ ହଟାଇଲେ ତାମିଲନାଡୁରେ ପୁଣି ମେଣ୍ଟ ସମ୍ଭବ ବୋଲି ସେ ସର୍ତ୍ତ ବାଢ଼ିଥିବା ସୂତ୍ରରୁ ପ୍ରକାଶ। ଏଥିଯୋଗୁ ଆନ୍ନାମଲାଇଙ୍କୁ କୁଆଡ଼େ ଇସ୍ତଫା ଦେବାକୁ କୁହାଯାଇଥିଲା। ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ଫାୟାରବ୍ରାଣ୍ଡ ନେତା ଆନ୍ନାମଲାଇଙ୍କ ସ୍ଥାନରେ ଏଆଇଏଡିଏମ୍‌କେ ଛାଡ଼ି ଭାଜପାରେ ସାମିଲ ହୋଇଥିବା ନୈନାର ନାଗେନ୍ଦ୍ରନ୍‌ଙ୍କୁ ଦଳ ରାଜ୍ୟ ସଭାପତି ନିଯୁକ୍ତ କରିଛି। ନାଗେନ୍ଦ୍ରନ୍ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ଏଆଇଏଡିଏମ୍‌କେ ସରକାରରେ ଜୟଲଳିତାଙ୍କ କ୍ୟାବିନେଟ୍‌ରେ ଶକ୍ତି, ଶିଳ୍ପ ଓ ପରିବହନ ମନ୍ତ୍ରୀ ଥିଲେ।

ଶୁକ୍ରବାର ମିଳିତ ଖବରଦାତା ସମ୍ମିଳନୀରେ ଶାହା କହିଛନ୍ତି, ୨୦୨୬ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ଭଲ ପ୍ରଦର୍ଶନ କରିବ ଏବଂ ଜିତିବ। ଯଦି ଆବଶ୍ୟକ ହୁଏ ଆମେ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବୁ। ୧୯୯୮ ଲୋକ ସଭା ନିର୍ବାଚନରେ ଭାଜପା-ଏଆଇଏଡିଏମ୍‌କେ ମେଣ୍ଟ ତାମିଲନାଡୁର ୩୯ରୁ ୩୦ ଆସନ ଦାଖଲ କରିବାରେ ସଫଳ ହୋଇଥିଲା। ମେଣ୍ଟ କିଭଳି କାର୍ଯ୍ୟ କରିବ ବୋଲି ପ୍ରଶ୍ନ କରାଯିବାରୁ ଶାହା କହିଛନ୍ତି, ଏଆଇଏଡିଏମ୍‌କେର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଭାଜପା ହସ୍ତକ୍ଷେପ କରିବ ନାହିଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି।

### ବିଧାନସଭା ନିର୍ବାଚନର ବର୍ଷକ ପୂର୍ବରୁ ବଳିପଡ଼ିଲେ ଆନ୍ନାମଲାଇ



ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

### ନିଃସର୍ତ୍ତ, ଦାବିହୀନ ମେଣ୍ଟ: ଶାହା

ବିନା କୌଣସି ସର୍ତ୍ତ ଓ ଦାବିରେ ଏଆଇଏଡିଏମ୍‌କେ ଏବଂ ଭାଜପା ମେଣ୍ଟ ଗଢ଼ାଯାଇଛି। ଦୁଇଦଳ ସ୍ୱାଭାବିକ ସହଯୋଗୀ। ଏହି ମେଣ୍ଟ ୨୦୨୬ ନିର୍ବାଚନରେ ବିଜୟୀ ହେଲେ ଇ.କେ. ପାଲାନିସ୍ୱାମୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ବରିଷ୍ଠ ଭାଜପା ନେତା ଅମିତ୍ ଶାହା କହିଛନ୍ତି। ଖବରଦାତା ସମ୍ମିଳନୀରେ ଶାହା ଆହୁରି କହିଛନ୍ତି, ଦୁଇ ଦଳ ପରସ୍ପରକୁ ସମ୍ମାନ ଦେବେ। କେହି କାହାର ଦଳୀୟ ବ୍ୟାପାରରେ ମୁଣ୍ଡ ଖେଳାଇବେ ନାହିଁ। ଏନ୍‌ଡିଏ ଏବଂ ଏଆଇଏଡିଏମ୍‌କେକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଯିବ।

ଉଲ୍ଲେଖଯୋଗ୍ୟ, ଗତ ଲୋକ ସଭା ନିର୍ବାଚନର କିଛି ମାସ ପୂର୍ବରୁ ୨୦୨୩ ସେପ୍ଟେମ୍ବରରେ ଏଆଇଏଡିଏମ୍‌କେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଓହରିଯାଇଥିଲା। ରାଜ୍ୟର ଭାଜପା ସଭାପତି କେ. ଆନ୍ନାମଲାଇ ଏଆଇଏଡିଏମ୍‌କେର ପୂର୍ବ ସୁପ୍ରିମୋ ଜୟଲଳିଥା ଏବଂ ବର୍ତ୍ତମାନର ନେତା ଇପିଏସ୍‌ଙ୍କୁ ଲଗାତର ସମାଲୋଚନା କରୁଥିବାରୁ ପଦରୁ ତାଙ୍କୁ ହଟାଇବା ପାଇଁ ଦାବି ହୋଇଥିଲା। କିନ୍ତୁ ସେତେବେଳେ ସହଯୋଗୀ ଏଆଇଡିଏମ୍‌କେର ଦାବିକୁ ଭାଜପା ଅଗ୍ରାହ୍ୟ କରିଦେଇଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ଦୁଇ ଦଳ ଅଲଗା ଲଢ଼ି ଗୋଟିଏ ହେଲେ ଆସନ ପାଇପାରି ନ ଥିଲେ। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍ ସମସ୍ତ ୩୯ ଆସନ ଦଖଲ କରିଥିଲା। ତେଣୁ ଆନ୍ନାମଲାଇଙ୍କୁ ହଟାଇବା ପାଇଁ ଭାଜପା ରାଜି ହୋଇଥିବା କୁହାଯାଉଛି।

### ତାମିଲନାଡୁ ମନ୍ତ୍ରୀ ପୋନ୍‌ମୁଡ଼ି ଦଳୀୟ ପଦବୀରୁ ବହିଷ୍କୃତ

ଚେନ୍ନାଇ,୧୧।୪

ହିନ୍ଦୁ ଧର୍ମ ସମ୍ପର୍କରେ ତାମିଲନାଡୁର ଡିଏମ୍‌କେ ମନ୍ତ୍ରୀ କେ. ପୋନ୍‌ମୁଡ଼ିଙ୍କ ବିବାଦୀୟ ମନ୍ତବ୍ୟ ପରେ ସାଧାରଣରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ପୋନ୍‌ମୁଡ଼ିଙ୍କୁ ଡିଏମ୍‌କେ ଉପସାଧାରଣ ସମ୍ପାଦକ ପଦବୀରୁ ବହିଷ୍କାର କରାଯାଇଛି। ଜଙ୍ଗଲ ବିଭାଗ ମନ୍ତ୍ରୀ ଥିବା ପୋନ୍‌ମୁଡ଼ି ଏକ ସାଧାରଣ ସଭାରେ ହିନ୍ଦୁ ଧର୍ମର ପରିଚୟ ତିଳକକୁ ଯୌନମୁଦ୍ରା ସହ ତୁଳନା କରି ବିବାଦ ଘେରକୁ ଆସିଥିଲେ। ତାଙ୍କ ମନ୍ତବ୍ୟକୁ ଡିଏମ୍‌କେ ଏମ୍‌ପି କାନିମୋଝି ନିନ୍ଦା କରିବା ସହ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଭାଜପା ତାମିଲନାଡୁ ସଭାପତି କେ. ଆନ୍ନାମଲାଇ ଡିଏମ୍‌କେକୁ ନିନ୍ଦା କରିଥିଲେ।



କେ. ପୋନ୍‌ମୁଡ଼ି

# ରାଣାଙ୍କୁ ୧୮ ଦିନ ପାଇଁ ହାଜତକୁ ନେଲା ଏନ୍‌ଆଇଏ

ନୂଆଦିଲ୍ଲୀ,୧୧।୪

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ହୁସେନ୍ ରାଣାଙ୍କୁ ଶୁକ୍ରବାର ୧୮ ଦିନ ପାଇଁ ହାଜତକୁ ନେଇଛି। ହାଜତ ମିଆଦ ସମୟରେ ତଦନ୍ତକାରୀ ସଂସ୍ଥା ରାଣାଙ୍କୁ ଜେରା କରି ମୁମ୍ବାଇ ଆକ୍ରମଣ ପଛର ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ସମ୍ପର୍କିତ ତଥ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ କରିବ। ରାଣା ଆମେରିକାରୁ ପ୍ରତ୍ୟର୍ପିତ ହୋଇ ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାଙ୍କୁ ଗିରଫ କରି ପଟିଆଲା ହାଉସ୍‌ରେ ଥିବା ଏନ୍‌ଆଇଏ ସ୍ପେଶାଲ କୋର୍ଟରେ ହାଜର କରାଇଥିଲା। ଶୁକ୍ରବାର ଅଦାଲତ ତାଙ୍କୁ ୧୮ ଦିନିଆ ଏନ୍‌ଆଇଏ ରିମାଣ୍ଡରେ ପଠାଇଛନ୍ତି। ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଏନ୍‌ଆଇଏ ମୁଖ୍ୟାଳୟକୁ ନିଆଯାଇଛି। ସେଠାରେ ସବୁଠୁ ସୁରକ୍ଷିତ ସେଲ୍‌ରେ ତାଙ୍କୁ ରଖାଯିବ।

୨୬/୧୧ ଭଳି ଏକାଧିକ ଆତଙ୍କବାଦୀ ଆକ୍ରମଣ ଭାରତର ବିଭିନ୍ନ ସହରରେ କରାଇବାକୁ ରାଣା ଯୋଜନା ରଖିଥିଲେ ବୋଲି ଏନ୍‌ଆଇଏ ଅଦାଲତଙ୍କୁ ଜଣାଇଛି। ଏହି ସମସ୍ତ ଷଡ଼ଯନ୍ତ୍ର ସମ୍ପର୍କିତ ତଥ୍ୟ ହାସଲ ଲାଗି ରାଣାଙ୍କୁ ଅଧିକ ଦିନ ହେପାଜତକୁ ନେବା ଲାଗି ଏନ୍‌ଆଇଏ ଆବେଦନ କରିଥିଲା।

### ଅନ୍ୟ ସହରରେ ୨୬/୧୧ ଭଳି ଆକ୍ରମଣ ଯୋଜନା କରିଥିଲେ




ତହଉର ହୁସେନ୍ ରାଣା

### ବିହାର: ବଜ୍ରପାତ, କୁଆପଥର ବର୍ଷାରେ ୬୧ ମୃତ

ପାଟନା,୧୧।୪

ବିହାରର ବିଭିନ୍ନ ଜିଲାରେ ଗତ ୪୮ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ କୁଆପଥର ବର୍ଷାରେ ଅନ୍ୟୂନ ୬୧ ଜଣଙ୍କ ମୃତ୍ୟୁ ଘଟିଛି। ନାଳନ୍ଦା ଜିଲାରେ ସର୍ବାଧିକ ଲୋକ ପ୍ରାଣ ହରାଇଛନ୍ତି। ଗୁରୁବାର ଏହି ଜିଲାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହା ବ୍ୟତୀତ ପାଟନା, ଭୋଜପୁର, ସିୱାନ ଏବଂ ଗୟା ଜିଲାରେ ବଜ୍ରପାତରେ ୪ ଜଣ ଲେଖାଏ, ଗୋପାଳଗଞ୍ଜ ଏବଂ ଜାମୁଇରେ ୩ ଜଣ ଲେଖାଏ, ମୁଜାଫରପୁର, ଜେହାନାବାଦ, ସରନ ଏବଂ ଅରୱାଲରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବେଗୁସରାଇ, ଦରଭଙ୍ଗା, ସହର୍ସା, କଟିହାର, ମୁଙ୍ଗେର୍, ମାଧେପୁରା, ଅରାରିଆ ଏବଂ ଭାଗଲପୁରରେ ବଜ୍ରପାତ ଜଣେ ଲେଖାଏ ଲୋକଙ୍କ ଜୀବନ ନେଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ବର୍ଷା ପବନରେ ଗଛ ପଡ଼ି ଅନେକ ରାସ୍ତା ଅବରୋଧ ହୋଇଥିବାବେଳେ ସେଗୁଡ଼ିକୁ ହଟାଇବା କାର୍ଯ୍ୟରେ ପୋଲିସକୁ ନିୟୋଜିତ କରାଯାଇଛି।

# ନଦୀରେ ଖସିଲା ହେଲିକପ୍ଟର: ୬ ମୃତ



ପର୍ଯ୍ୟଟକଙ୍କୁ ନେଇ ଯାଇଥିବା ହେଲିକପ୍ଟରଟି ହଡ୍‌ସନ ନଦୀରେ ଖସିପଡିଛି।

ନ୍ୟୁୟର୍କ,୧୧।୪

ନ୍ୟୁୟର୍କ ସିଟିର ହଡ୍‌ସନ ନଦୀରେ ଏକ ହେଲିକପ୍ଟର ଖସିପଡ଼ିବାରୁ ଏଥିରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ପେନ୍‌ର ଟେକ୍‌ନୋଲୋଜି କମ୍ପାନୀ ସିଏମେନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଗଷ୍ଟାଇନ୍ ଏସ୍‌କୋବାର, ତାଙ୍କ ସ୍ତ୍ରୀ ମେର୍ସେ କାମ୍ପରୁବି ମୋଣ୍ଟାଲ ଏବଂ ସେମାନଙ୍କର ୩ ପିଲା। ସେମାନେ ଆମେରିକାକୁ ପର୍ଯ୍ୟଟନରେ ଆସିଥିଲେ। ଷଷ୍ଠ ବ୍ୟକ୍ତି ଜଣକ ହେଲିକପ୍ଟରର ପାଇଲଟ୍ ବୋଲି ନ୍ୟୁୟର୍କ ସିଟି ମେୟର ଏରିକ୍ ଆଡାମ୍ସ ଗଣମାଧ୍ୟମକୁ କହିଛନ୍ତି । ଗୁରୁବାର ହେଲିକପ୍ଟରଟି ମାନହାଟନରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ଓଲଟିପଡ଼ି ଅଧିକାଂଶ ଭାଗ ପାଣିରେ ବୁଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। ଅଗ୍ନିଶମ ବିଭାଗ ଓ ରେସ୍କ୍ୟୁ ବୋଟ୍‌ଗୁଡ଼ିକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୨ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲେ ହେଁ ହସ୍ପିଟାଲରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ମାନହାଟନରେ ଆକାଶ ବିମାନ ଏବଂ ହେଲିକପ୍ଟର ଚଳାଚଳ ଯୋଗୁ ସବୁବେଳେ ଗହଳି ରହିଥାଏ। ସେଠାରେ ଘରୋଇ ଏବଂ ବ୍ୟବସାୟିକ ବିମାନ, ହେଲିକପ୍ଟର, ରିକ୍ରିଏଶନାଲ ଏୟାରକ୍ରାଫ୍ଟ ଓ ଟୁରିଷ୍ଟ ବିମାନ ଚଳାଚଳ କରିଥାଏ। ମାନହାଟନରେ ଅନେକ ହେଲିପ୍ୟାଡ୍ ରହିଛି। ତେଣୁ ସେଠାରେ ଅନେକ ସମୟରେ ବିମାନ ଦୁର୍ଘଟଣା ଘଟିଥାଏ।

# ଶ୍ରଦ୍ଧାଙ୍କ ପ୍ରିୟ ପୁରୁଷ

ମୁମ୍ବାଇ

'ବୋ ସ୍ତ୍ରୀ ହୈ କୁଛ ଭି କର୍ ସକତି ହୈ'। ଏହି ଡାଏଲଗ୍ କଥା ଉଠିଲେ ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ମନେ ପଡ଼ନ୍ତି। ଫିଲ୍ମ 'ସ୍ତ୍ରୀ'ରେ ତାଙ୍କର ଚମତ୍କାର ଅଭିନୟ ମନ କିଣିଥିଲା। ବକ୍ସ ଅଫିସରେ ଫିଲ୍ମଟି ଅନେକ ରେକର୍ଡ କରିଥିଲା। ଅଭିନୟକୁ ଛାଡ଼ି ଦେଲେ ଶ୍ରଦ୍ଧା ନିଜର ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ଅନେକଙ୍କ ସହ ତାଙ୍କ ନାମ ଯୋଡ଼ା ଯାଇଛି। ହେଲେ ଜଣେ ଏଭଳି ବ୍ୟକ୍ତି ଅଛନ୍ତି ଯାହାଙ୍କୁ ସେ ସବୁଠାରୁ ପ୍ରିୟ ପୁରୁଷ ବୋଲି କହିଥାନ୍ତି।

ଭେଟେରାନ ଅଭିନେତା ଶକ୍ତି କପୁରଙ୍କ ଝିଅ ହେଉଛନ୍ତି ଶ୍ରଦ୍ଧା। ସେ ନିଜ ବାପାଙ୍କୁ ଜୀବନର ପସନ୍ଦର ପୁରୁଷ ବୋଲି କୁହନ୍ତି। ଶକ୍ତିଙ୍କ ଜନ୍ମଦିନରେ ଶ୍ରଦ୍ଧା ଏକ ପୋଷ୍ଟ ଶେୟାର କରି ଜନ୍ମଦିନର ଶୁଭକାମନା ଜଣାଇଥିଲେ। 'ବାପୁ' ବୋଲି ସମ୍ବୋଧନ କରି ପ୍ରିୟ ପୁରୁଷ କହିଥିଲେ।

ଶକ୍ତିଙ୍କୁ ଛାଡ଼ିଦେଲେ ଶ୍ରଦ୍ଧା ରାହୁଲ ମୋଦିଙ୍କୁ ଡେଟ୍ କରୁଛନ୍ତି। ଫିଲ୍ମ 'ତୁ ଝୁଟି ମେ ମକ୍କାର' ସମୟରେ ଦୁହେଁ ପରସ୍ପରକୁ ଭେଟିଥିଲେ। ଏହା ପରଠାରୁ ଉଭୟ ସମ୍ପର୍କରେ ଥିବା ନେଇ ଚର୍ଚ୍ଚା ହୋଇ ଆସୁଛି। ଆଗାମୀ ଦିନରେ ଏହା କେତେ ଆଗକୁ ଯାଉଛି ସ୍ପଷ୍ଟ ହୋଇଯିବ।



ଶ୍ରଦ୍ଧା କପୁର

### ହରିୟାଣାରେ ବଢୁଛି କନ୍ୟାଭ୍ରୂଣ ହତ୍ୟା

### ୧୦୦୦ ପୁଅରେ ୯୧୦ ଝିଅ

# ୩୦୦ ଗର୍ଭପାତ କେନ୍ଦ୍ରର ଲାଇସେନ୍ସ ରଦ୍ଦ

ଚଣ୍ଡୀଗଡ଼,୧୧।୪

ହରିୟାଣାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇଚାଲିଛି। ୨୦୨୪ର ତଥ୍ୟ ଅନୁଯାୟୀ ପ୍ରତି ୧୦୦୦ ପୁଅରେ ଝିଅ ସଂଖ୍ୟା ୯୧୦କୁ ହ୍ରାସ ପାଇଛି। ରାଜ୍ୟରେ କନ୍ୟାଭ୍ରୂଣ ହତ୍ୟା ର‍୍ୟାକେଟ ବଢ଼ିଚାଲିଥିବା ଏକ ତଦନ୍ତରୁ ଜଣାପଡ଼ିବା ପରେ ବେଆଇନ ଗର୍ଭପାତ ରୋକିବା ପାଇଁ ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଫଳରେ ହରିୟାଣାରେ ୧,୫୦୦ ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍ନାନ୍ସି (ଏମ୍‌ଟିପି) ସେଣ୍ଟର ମଧ୍ୟରୁ ୩୦୦ର ଲାଇସେନ୍ସ ରଦ୍ଦ କରାଯାଇଛି କିମ୍ବା ସେମାନେ ସ୍ୱଇଚ୍ଛାରେ ଲାଇସେନ୍ସ ଫେରାଇ ଦେଇଛନ୍ତି।

ଟାସ୍କଫୋର୍ସରେ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ନିଶା ନିବାରଣ ଏବଂ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ହରିୟାଣାର ନିର୍ଦ୍ଦେଶକ ଡ. ବୀରେନ୍ଦ୍ର ଯାଦବ ଏହାର ମୁଖ୍ୟ ରହିଛନ୍ତି। ଟାସ୍କଫୋର୍ସକୁ ପ୍ରତି ମଙ୍ଗଳବାର ସାପ୍ତାହିକ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରିବାକୁ କୁହାଯାଇଛି। ୨୦୧୯ରେ ପ୍ରତି ୧,୦୦୦ ପୁଅରେ ଝିଅ ସଂଖ୍ୟା ୯୨୩ ଥିବାବେଳେ ୨୦୨୪ରେ ଏହା ୯୧୦କୁ ହ୍ରାସ ପାଇଥିବା ଜଣାପଡ଼ିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୨୩ଟି ଗର୍ଭପାତ କେନ୍ଦ୍ରକୁ ନୋଟିସ୍ ଜାରି ହେବା ସହ ଅନ୍‌ଲାଇନରେ ଏମ୍‌ଟିପି କିଟ୍ସ ବିକ୍ରି କରୁଥିବା ୧୭ଟି ସଂସ୍ଥା ବିରୋଧରେ ଏତଲା ଦାଏର ହୋଇଛି। ପ୍ରି-କନ୍‌ସେପ୍‌ଶନ ଆଣ୍ଡ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍‌ନିକ୍ (ପିସିପିଏନ୍‌ଡିଟି) ଆଇନର କାର୍ଯ୍ୟକାରିତାକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ କେନ୍ଦ୍ର ଉପରେ ୨୩ ଥର ଚଢ଼ାଉ କରାଗଲାଣି। ହସାର ଜିଲାର ପିଏନ୍‌ଡିଟି ନୋଡାଲ ଅଫିସରଙ୍କୁ ନିଲମ୍ବନ କରାଯିବା ସହ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପୁଅ-ଝିଅ ଅନୁପାତ ସବୁଠୁ ଖରାପ ଥିବା ୩ଟି ସିଏଚ୍‌ସିର ମେଡିକାଲ ଅଫିସରଙ୍କ ନାଁରେ ଚାର୍ଜଶିଟ୍ ହୋଇଛି। ସେହିପରି କମ୍ ସେକ୍ସ ରେସିଓ ଥିବା ୫ ଜିଲାର ପିଏନ୍‌ଡିଟି ନୋଡାଲ ଅଫିସରଙ୍କୁ ବଦଳି କରାଯାଇଛି।



## ଖାଦ୍ୟରେ ମିଶୁଛି ରାସାୟନିକ ଦ୍ରବ୍ୟ, ରାସ୍ତାକଡ଼ ଧୂଳି

# ଯାଞ୍ଚ ହେଉନି ଖାଦ୍ୟର ମାନ

କୁଚୁଡା,୧୧।୪(କାଳିଚରଣ ଦାଶ) ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ। ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରି ନେଇ ଖୋଲାରେ ଖୋଲିଲାଣି ବହୁ ଖାଦ୍ୟ ସାମଗ୍ରୀର ପସରା। କେବଳ ଗ୍ରାମାଞ୍ଚଳ ନୁହେଁ, କୁଚୁଡ଼ା ସହରରେ ମଧ୍ୟ ଠେଲା ଗାଡ଼ିରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ଼୍ ଓ ଦୂଷିତ ଜଳ ବିକ୍ରି ହେଉଛି। ଏହି ସବୁ ଖାଦ୍ୟ ସାମଗ୍ରୀ ବିନା ଲାଇସେନ୍ସରେ ରାସ୍ତା କଡରେ ବିକ୍ରି ହେଉଥିଲେ ମଧ୍ୟ ଖାଦ୍ୟର ମାନ ଯାଞ୍ଚ ହେଉନାହିଁ। ନାଳ ନର୍ଦ୍ଦମା କଡରେ ଅସ୍ୱାସ୍ଥ୍ୟକର ପରିବେଶରେ ଏଭଳିକି ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ଼୍ ଖାଦ୍ୟକୁ ଘୋଡାଇ ରଖାଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି। ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି। ଏହି ଖାଦ୍ୟ ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏମାନଙ୍କ କାରବାର ଏବେ ବଢିବାରେ ଲଗିଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ କୁଚୁଡ଼ା ସହରକୁ ବିଭିନ୍ନ କାମରେ ଆସି ଏହି ସବୁ ଫାଷ୍ଟଫୁଡ଼୍ ଖାଦ୍ୟକୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତ୍ରିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଏଥିରେ ମିଶ୍ରଣ ହେଉଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଧରାକୋଟ,୧୧।୪ (ବିଷ୍ଣୁକେଶରୀ ଆଚାର୍ଯ୍ୟ) ଧରାକୋଟ ଥାନା ଅନ୍ତର୍ଗତ ଉଉଗାଁ ଛକଠାରୁ ବାହାଡ଼ାଗୁଡ଼ା ଗାଁ ମଝି ରାସ୍ତାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଧରାକୋଟ ବ୍ଲକର ମାଣିକ୍ୟପୁର ଗ୍ରାମର କୃଷ୍ଣ ଭୂୟାଁ (୩୭)। ସେହି ଗ୍ରାମର ବିକାଶ ଦଳେଇ ଓ କୁନା ଘଡେଇ ଗୁରୁତର ହୋଇଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୧୧ଟାରେ କୃଷ୍ଣ ଓ ତାଙ୍କ ଦୁଇ ସହଯୋଗୀ ବିକାଶ ଏବଂ କୁନା ଆସିକାରେ ରଙ୍ଗ କାମ ସାରି ଗାଁକୁ ଫେରୁଥିବା ବେଳେ ନିର୍ମାଣାଧୀନ ଏକ କଲଭର୍ଟରୁ ତଳକୁ ଖସି ପଡିଥିଲେ। ସେ ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ତୁରନ୍ତ ସେମାନଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ଦଣ୍ଡଯାତ୍ରାରେ ଜଙ୍ଗଲ ସୁରକ୍ଷା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାର ।

ବାଲିଗୁଡ଼ା,୧୧।୪ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାର ମା' ଦକ୍ଷିଣକାଳୀ ଦଣ୍ଡନୃତ୍ୟ କମିଟି ପକ୍ଷରୁ ବିଭିନ୍ନ ୱାର୍ଡର କାମନାକାରୀଙ୍କ ଘରକୁ ମା' ବିରାଜମାନ କରି ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ଏହି ପୁରାତନ ଦଣ୍ଡନାଚ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ଦିନ ଦ୍ୱିପ୍ରହରରେ ଧୂଳିଦଣ୍ଡ ସମୟରେ ଦଣ୍ଡ ଚରିତ ଅନୁସାରେ ଯାତ୍ରା ସମାପନ ହେଉଛି। ଏହି ସମୟରେ ଜଙ୍ଗଲ ସୁରକ୍ଷା ଉପରେ ଅଭିନୟ ନାଟକ ଗୀତ ମାଧ୍ୟମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ପୋଡୁ ଚାଷ, ବେଆଇନ ବନ୍ୟଜନ୍ତୁ ଶିକାରରୁ ନିବୃତ୍ତ ରହି ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା ଦିଗରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଅନୁଷ୍ଠାନର ବରିଷ୍ଠ କଳାକାର ପ୍ରମୋଦ ଦଣ୍ଡସେନା ରେଞ୍ଜର ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ଟିକି ଦଣ୍ଡିଆ, ସନ୍ତୋଷ ପୂଜାରୀ, ଦୁର୍ଗା ପାତ୍ର ବେଲାଳସେନ ବନ କର୍ମଚାରୀ ଭୂମିକାରେ ନିଖୁଣ ଅଭିନୟକରି ଲୋକଙ୍କୁ ସଚେତନ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ବାଲିଗୁଡ଼ା ଡ଼ିଏଫଓ ବିଶ୍ୱରାଜ ପଣ୍ଡା ସୋଶିଆଲ ମିଡିଆରେ ଦେଖି ପ୍ରଶଂସା କରିଛନ୍ତି।

# ବଡ଼ମାଧପୁରରେ ପଞ୍ଚଦଣ୍ଡ ମହାମିଳନ

ଛତ୍ରପୁର,୧୧।୪(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ବଡମାଧପୁର ଗ୍ରାମରେ ପ୍ରତିବର୍ଷ ଏପ୍ରିଲ ୧୦ ତାରିଖରେ ପଞ୍ଚଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଆସୁଅଛି। ଚଳିତବର୍ଷ ୨୪ତମ ଉତ୍ସବରେ ମହାଛାଇ, ଗୋଲିଆ, ଗୁଣ୍ଡପଡା, ଲେମ୍ବାଇ ଓ ଭ୍ୟାମଶାଳୀ ଆଦି ୫ଟି ଗ୍ରାମର ଦଣ୍ଡଯାତ୍ରା ଦଳର ମହାକାଳୀ ଓ ମହାଦେବଙ୍କ ମହାମିଳନ ହୋଇଥିଲା। ଏହାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପଞ୍ଚଦଣ୍ଡ ଯାତ୍ରା ଦଳର ସାମୂହିକ ଗ୍ରାମ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ବସିବା ସହ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପଞ୍ଚଦଣ୍ଡ ଦଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସନ୍ଧ୍ୟା ଆଳତି ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପୋଲିସ ମୁତୟନ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ପଞ୍ଚୁଦଣ୍ଡ ଯାତ୍ରା କମିଟି ଓ ବଡମାଧପୁର ଗ୍ରାମବାସୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।



ଶ୍ରଦ୍ଧାଳୁଙ୍କ ଗହଣରେ ପଞ୍ଚଦଣ୍ଡ ମିଳନ ଚାଲିଛି।

## ବାପ, ପୁଅଙ୍କ ଆକ୍ରମଣରେ ବୃଦ୍ଧ ଆହତ

ଦିଗପହଣ୍ଡି,୧୧।୪(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ପଡୋଶୀ ବାପ, ପୁଅଙ୍କ ଆକ୍ରମଣରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ନରସିଂହ ଦୋରା। ନରସିଂହଙ୍କ ଏତଲାକ୍ରମେ ଦିଗପହଣ୍ଡି ଥାନାରେ ପୋଲିସ ନଂ.୧୩୯/୨୫ରେ ଅଭିଯୁକ୍ତ ବାପ ପୁଅଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ସକାଳେ ନରସିଂହ ତାଙ୍କ ଘର କାନ୍ଥ ତିଆରି କରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାପ,ପୁଅ ଦୁହେଁ ତାଙ୍କୁ ପଥର ଫୋପାଡି ଥିଲେ। ଏଥିରେ ନରସିଂହ ଆହତ ହୋଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିଟି ଫଟୋ ଷ୍ଟୁଡିଓ
ପାଇଁ Photoshopରେ ଅଭିଜ୍ଞତା ଥିବା ଫଟୋଗ୍ରାଫର ଆବଶ୍ୟକ।
Mob:9337126712

WANTED
• MANAGER (MBA) • ACCOUNTANT (Tally) • DATA ENTRY OPERATOR (MS Office & Tally) • OFFICE ASSISTANT • SUPERVISOR
Contact: 9338554697

See Career Appointment on every Wednesday & Saturday

WANTED
PVC/HDPE Factory in Bhubaneswar having ISI Licence wish to recruit experienced (3 years above) Staff in Office/ Production/Sales (Part Time/ Commission Basis Welcome).
Contact: 9439008838
Email: konarkgroup583@gmail.com

A Reputed Garment Distribution House needs the following people:
• SENIOR MARKETING MANAGER - 1 • MARKETING EXECUTIVE - 2 • MASTER IN MIS & AI - CHAT GPT - 1 • PERSONAL SECRETARY - 1 • CRM EXECUTIVE - 1 • DRIVER - 1
Walk in Interview on 11th April, 12 P.M. to 6 P.M.
SUNCITY, PCH - C-01, Grand Bazar, Beside Nayara Petrol Pump, Phulnakhara, Contact - 8328899459

# ଗଜପତି ଜିଲାରେ ଆୟୁଷ୍ମାନ ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୧।୪ (ଗିରିଧାରୀ ପରିଛା) ଗଜପତି ଜିଲାର ୨୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଜିଲାର ଗୋସାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସରକାରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ାରାରାଜୁ, ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ,ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡ଼.ମହମ୍ମଦ ମୁବାରକ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ସ୍ୱାସ୍ଥ୍ୟ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ।

ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ, ସମସ୍ତ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ରଥ ବୁଲି ହିତାଧିକାରୀଙ୍କୁ ସଚେତନ କରିବ। ଜିଲାରେ ୨ ଲକ୍ଷ ୫୭ ହଜାର କାର୍ଡ ବଣ୍ଟନ କରାଯିବ। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ସେହିପରି ପାରଳାଖେମୁଣ୍ଡି ପୌର ପରିଷଦ ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ, ପୌର ଅଧ୍ୟକ୍ଷା ନିର୍ମଳା ସେଠୀ ଓ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଉପସ୍ଥିତ ଥିଲେ।

**ଆର. ଉଦୟଗିରି, (ମନୋଜ ପାଢ଼ୀ)** ଆର.ଉଦୟଗିରି ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଜନ ଆରୋଗ୍ୟ ଯୋଜନାରେ ଆୟୁଷ୍ମାନ କାର୍ଡର ଶୁଭାରମ୍ଭ ହୋଇଥିଲା। ଡା. ନିବେଦିତା ପଣ୍ଡା ଡେରେବା ଡାକ୍ତର, ସିଡିପିଓ ଲଳିତା ପୂଜାରୀ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା, ସରପଞ୍ଚ କୁମୁଦିନୀ ଗମାଙ୍ଗ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ, ଏମ୍ପି ପ୍ରତିନିଧି ମଣ୍ଟୁ ଘଡ଼ାଇ, ଭାଜପା ବ୍ଲକ ସଭାପତି ତପନ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡିଜିଟାଲ ସ୍କ୍ରିନ ମାଧ୍ୟମରେ ଜନ ସାଧାରଣ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ଦେଖିଥିଲେ। ଏହି ଅବସରରେ କେତେ ଜଣ ବ୍ୟକ୍ତିଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ଶଶାଙ୍କ ଶେଖର ସୁବୁଦ୍ଧି ଓ ସୁରେନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନୂଆଗଡ,(ଯୋଗ୍ୟବନ୍ତ ପରିଛା)** ନୂଆଗଡ଼ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ଏବଂ ଖଜୁରୀପାଦ ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ଅନୁପ ପଣ୍ଡା, ବିଡିଓ ଲୋକନାଥ ଶବର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତ୍ରିଶୂଳ ସେନାପତି ଓ କର୍ମଚାରୀ ଉପସ୍ଥିତ ରହି ୧୯ଟି ପଞ୍ଚାୟତର କେତେ ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ।

**ମୋହନା, (ମନ୍ମଥ ମିଶ୍ର)**–ମୋହନା ବ୍ଲକର ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଗଜପତି ଜଲା ପିଡ଼ି ଉପସ୍ଥିତ ଥିଲେ। ବିଡ଼ିଓ ରାଜୀବ ଦାସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟ ପଣ୍ଡା ପରିଚାଳନା କରିଥିଲେ। ସେହିପରି ଶିକୁଳିପଦର, ଚୁଡ଼ଙ୍ଗପୁର, ଅଡବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳର ୨୫ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ କରାଯାଇଥିଲା। ଆଗକୁ ହିତାଧିକାରୀଙ୍କ ଘରକୁ ଯାଇ ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀ କାର୍ଡ ବଣ୍ଟନ କରିବେ ବୋଲି ବିଡ଼ିଓ ଦାସ କହିଛନ୍ତି।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-05: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୫।୦୪।୨୦୨୫ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୧।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ–ତଥା–ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0085/2425

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना



नाम– दीपक कुमार पंडित, उम्र करीब–16 वर्ष, रंग–गोरा, ऊँचाई–4 फीट 5 इंच, पहनावा– उजला रंग का शर्ट, काला–निला रंग का जिन्स एवं काला रंग का कोर्ट पहना हुवा है।

उपरोक्त लापता लड़का दीपक कुमार पंडित, उम्र करीब–16 वर्ष, पे0–केदारनाथ पंडित, सा0–रामनगर सिमलिया डी0ए0वी0 स्कूल के पिछे, थाना–रातु, जिला–राँची जो घर से बिना बताए कहीं चले गये है जो आजतक अपने घर वापस नहीं आये है। जिसके संबंध में रातु थाना काण्ड संख्या–431/2020, दिनांक–22.12.2020, दर्ज कर खोजबीन की जा रही है।उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़का कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। –9431706142
थाना प्रभारी रातु राँची। –9431706175
पुलिस उप–महानिरीक्षक–सह–वरीय पुलिस अधीक्षक, राँची
PR 350147 (Police)25-26*D

ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୧।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପି-ଇଷ୍ଟ-୩୧-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍ ମରାମତି – ୬୦,୩୭୭ ମିଟର ଏବଂ ଥ୍ରୁ ଫର୍ମେଶନ୍ ଟ୍ରିଟମେଣ୍ଟ (ଟିଏଫ୍‌ଟିଆର୍) – ୧୦.୫୪୧ ଟିକେଏମ୍‌ର ନିର୍ବାହ । ଟେଣ୍ଡର ମୂଲ୍ୟ: ₹୯,୩୬,୭୩,୬୧୫.୪୪ । ଅମାନତ ରାଶି: ₹୬,୧୮,୪୦୦/-। (୨) ଇ-କେଜିପି-ଇଷ୍ଟ-୩୨-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଉନ୍ ଓ ମିଡ୍ ଲାଇନ୍ ମଧ୍ୟରେ ବିଆର୍. ୫୭ର ମେଚେଡ଼ା ପ୍ରାନ୍ତଠାରେ କୋଲାଘାଟ ଷ୍ଟେଶନରେ ୧ ଇନ୍ ୧୬ କ୍ରସ୍–ଓଭରର ସ୍ଥାପନ କାର୍ଯ୍ୟର ନିର୍ବାହ ଏବଂ ଏସ୍ ଆଣ୍ଡ ଟି ପାଇଁ ଏକ ଗୋଟି ଆଇପିଏସ୍ ଓ ବ୍ୟାଟେରି ରୁମ୍‌ର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୧,୫୭,୩୨,୯୮୦.୩୯ । ଅମାନତ ରାଶି: ₹୨,୨୮,୭୦୦/-। (୩) ଇ-କେଜିପି-ସାଉଥ-୧୭-୨୦୨୫, ବରିଷ୍ଠ ଡିଇଏନ୍ (ଦକ୍ଷିଣ)/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଭଦ୍ରକ ସେକ୍ସନରେ ଛୋଟ ଓ ବଡ଼ ପୋଲଗୁଡ଼ିକର ସୁଦୃଢ଼ୀକରଣ ଏବଂ ପୁନରୁଦ୍ଧାର। ଟେଣ୍ଡର ମୂଲ୍ୟ: ₹୧,୯୧,୦୪,୨୦୯.୬୬। ଅମାନତ ରାଶି: ₹୨,୪୫,୫୦୦/-। (୪) ଇ-କେଜିପି-ସାଉଥ-୧୮-୨୦୨୫, ବରିଷ୍ଠ ଡିଇଏନ୍ (ଦକ୍ଷିଣ)/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର – ଭଦ୍ରକ ଏବଂ ରୂପ୍‌ସା – ବାଙ୍ଗିରିପୋଷି ସେକ୍ସନ ମଧ୍ୟରେ ପିଏଫ୍ ପୃଷ୍ଠଭାଗ, ଷ୍ଟେଶନ ଆପ୍ରୋଚ୍ ରୋଡ୍, ସର୍କୁଲେଟିଂ ଏରିଆ, ପାଣି କୁଣ୍ଡ, ପିଏଫ୍ ଶେଲ୍ଟର, ଶୌଚାଳୟର ମରାମତି ଏବଂ ଷ୍ଟେଶନ ବିଲ୍ଡିଂର ପେଣ୍ଟିଂ ଆଦି । ଟେଣ୍ଡର ମୂଲ୍ୟ: ₹୪,୦୩,୧୦,୩୫୮.୧୪ । ଅମାନତ ରାଶି: ₹୩,୫୧,୬୦୦/-। (୫) ଇ-କେଜିପି-ଇଷ୍ଟ-୩୩-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଆନ୍ଦୁଲ ଷ୍ଟେଶନଠାରେ ପୁରୁଣା ଆର୍‌ଆର୍‌ଆଇ ବିଲ୍ଡିଂରେ କ୍ରିଉ ପାଇଁ ତିଆରି କରାଯିବାକୁ ଥିବା ଅସ୍ଥାୟୀ ଆବାସ ସମେତ ବେଡ୍‌ରୁମ୍, ଶୌଚାଳୟ ଇତ୍ୟାଦ କାର୍ଯ୍ୟର ନିର୍ବାହ। ଟେଣ୍ଡର ମୂଲ୍ୟ: ₹୫୯,୦୧,୬୨୮.୪୧। ଅମାନତ ରାଶି: ₹୧,୧୮,୦୦୦/-। (୬) ଇ-କେଜିପି-ଇଷ୍ଟ-୩୪-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ମେଚେଡ଼ାଠାରେ ନୂଆ ୨୦ ଶଯ୍ୟାବିଶିଷ୍ଟ ରନିଂ ରୁମ୍ ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୨,୭୮,୭୪,୪୩୩.୦୪। ଅମାନତ ରାଶି: ₹୨,୮୯,୪୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦ । ଖୋଲାଯିବା ତାରିଖ: କ୍ର.ସଂ. ୧ ଓ ୨ ପାଇଁ ତା୨୪।୦୪।୨୦୨୫ରିଖ, କ୍ର.ସଂ. ୩ ଓ ୪ ପାଇଁ ତା୩୦।୦୪।୨୦୨୫ରିଖ, କ୍ର.ସଂ. ୫ ଓ ୬ ପାଇଁ ତା୦୧।୦୫।୨୦୨୫ରିଖ । କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୧୮ ମାସ, କ୍ର.ସଂ. ୨ ଓ ୫ ପାଇଁ ପ୍ରତ୍ୟେକ ୯ ମାସ ଏବଂ କ୍ର.ସଂ. ୩, ୪ ଓ ୬ ପାଇଁ ପ୍ରତ୍ୟେକ ୧୨ ମାସ । ବିଡ଼ିଂ ଆରମ୍ଭ ତାରିଖ: କ୍ର.ସଂ. ୧ ଓ ୨ ପାଇଁ ତା୧୦।୦୪।୨୦୨୫ରିଖରୁ ତା୨୪।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୩ ଓ ୪ ପାଇଁ ତା୧୬।୦୪।୨୦୨୫ରିଖରୁ ତା୩୦।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୫ ଓ ୬ ପାଇଁ ତା୧୭।୦୪।୨୦୨୫ରିଖରୁ ତା୦୧।୦୫।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ଼ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି । (PR-37)

PARADIP PORT AUTHORITY
Tender No. ENG/CE/1525/SCB/2024/200, Dt.10.04.2025
DEVELOPMENT OF SOUTH CONTAINER BERTH (SCB) ON BOT BASIS INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 29.05.2025 till 1100 hours.
Sd/-
Executive Engineer (C)
Project Implementation Office
Paradip Port Authority
PPA/PR/03/2005-2026
11/04/2025

ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/01,ତା.07.04.2025ରିଖ

(1) ଟେଣ୍ଡର ସଂ.e-tendersouthkur-02-2025,ତା.01.04.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ପରିସୀମା ଅଧୀନସ୍ଥ ବାଲୁଗାଁ-ଗଞ୍ଜାମ ସେକ୍ସନରେ ଅଟୋ ସେକ୍ସନ ସମ୍ବନ୍ଧୀୟ 16 ଗୋଟି ଗୁମଟି (ଅଟୋ ତଥା ଗେଟ୍ ଗୁମଟି)ଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 701.10 ଲକ୍ଷ, EMD(ଟଙ୍କାରେ): 5,00,600/-।

(2) ଟେଣ୍ଡର ସଂ.eTender-NorthKUR-03-2025,ତା.01.04.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ସେକ୍ସନ ଅଧୀନସ୍ଥ ସାଇଟ୍ ଠାରେ AT/SKV ପ୍ରକ୍ରିୟା (ସିଙ୍ଗିଲ ସଟ୍ କ୍ରୁସିବଲ ଟେକ୍ନିକ୍) ଦ୍ୱାରା କମ୍ବିନେଶନ ଜଏଣ୍ଟଗୁଡ଼ିକ ନିମନ୍ତେ ଏବଂ 60 କି.ଗ୍ରା./60EI-R260 ପାଇଁ ୱେଲ୍ଡିଂ ଅଂଶର ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 227.57 ଲକ୍ଷ, EMD(ଟଙ୍କାରେ): 2,63,800/-।

(3) ଟେଣ୍ଡର ସଂ.eTender-HqKUR-04-2025,ତା.02.04.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନ ମଧ୍ୟରେ ଡାଉନ ଲାଇନ୍‌ରେ 25.378 କି.ମି. ଲମ୍ବ ନିମନ୍ତେ CTR(P) ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 926.13 ଲକ୍ଷ, EMD(ଟଙ୍କାରେ): 6,13,100/-।

ଶେଷ ହେବା ଅବଧି: 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.23.04.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-27/Q/25-26

केनरा बैंक Canara Bank
सिंडिकेट Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି । ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର କିଟ୍ କ୍ୟାମ୍ପସ ଶାଖା (୪୯୧୫) /** **ଋଣଗ୍ରହୀତା: ମେସର୍ସ ଜିପି ଟେଲିକମ୍ୟୁନିକେସନ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ୨୦୯, ଫାଲକନ ରେସିଡ଼େନ୍ସି, କିଟ୍ ରୋଡ଼, ପଟିଆ, ଭୁବନେଶ୍ୱର-୭୫୧୦୨୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍ ନଂ.: ୨ଏଲବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ଼, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪ | କ) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୩, ୪ର୍ଥ ମହଲା, ପରିମିତ ବିକ୍ରୟଯୋଗ୍ୟ କ୍ଷେତ୍ର: ୧୬୦୦ ବର୍ଗଫୁଟ୍ ସହିତ ବେସମେଣ୍ଟରେ ପାର୍କିଂ ନଂ.: ୪୦୩, ଏବଂ ମୋଟ କ୍ଷେତ୍ର: ଏକର ୦.୨୩୫ ଡ଼ିସିମିଲିରୁ ଅବିଭକ୍ତ ଜମିର ଅଂଶ କ୍ଷେତ୍ର: ଏକର ୦.୧୦ ଡ଼ିସିମିଲି, ଯାହାକି "ଗ୍ରୀନ୍ ହାଇ" ନାମକ ଆବାସିକ ଆପାର୍ଟମେଣ୍ଟରେ ଅବସ୍ଥିତ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ, ଥାନା ନଂ.: ୪୯, ସବ୍ ରେଜିଷ୍ଟ୍ରଡ଼: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୪୩, ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୩, ଖାରବେଳନଗର, ମ୍ୟୁଟେସନ ଖାତା ନଂ.: ୪୬୦, ପ୍ଲଟ୍ ନଂ.: ୨୩୭, କ୍ଷେତ୍ର: ଏକର ୦.୨୩୫ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଜି.ଏ. ଡ୍ରଇଙ୍ଗ ନଂ.: ସି-୫୬୩୧, ଅନୁରୂପ ଜି.ଏ. ଡ୍ରଇଙ୍ଗ ପ୍ଲଟ ନଂ.: ୩୧୨, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍:୧୬୮୮, ପଶ୍ଚିମ: ରାସ୍ତା, ଉତ୍ତର: ରେଭିନ୍ୟୁ ପ୍ଲଟ୍: ୧୬୮୮ ଏବଂ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍: ୨୩୮ / ଖ) ୦୩.୦୨.୨୦୨୫ / ଗ) ୦୯.୦୪.୨୦୨୫ / ଘ) ଟ.୮୧,୫୧,୬୧୦.୦୭ (ଏକାଅଶୀ ଲକ୍ଷ ଏକାବନ ହଜାର ଛଅଶହ ଦଶ ଟଙ୍କା ଏବଂ ସାତ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ପୁରୀ ନବକଳେବର ରୋଡ୍ ଶାଖା (୧୮୦୬୮) /** **ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସିମେଣ୍ଟ ପ୍ରଡ଼କ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ବୈଦେହୀ ପ୍ରଧାନ,** ସ୍ୱାମୀ: କୁଳମଣି ପ୍ରଧାନ, ଉଭୟଙ୍କ ଠିକଣା- ସା: ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ଥାନା: କୁମ୍ଭାରପଡ଼ା, ପୁରୀ-୭୫୨୦୦୨ | କ) **ଶ୍ରୀମତୀ ବୈଦେହୀ ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଜିଲ୍ଲା: ପୁରୀ, ଥାନା: ପୁରୀ ଟାଉନ୍, ଥାନା ନଂ.: ୩୨, ସବ୍-ରେଜିଷ୍ଟ୍ରଡ଼: ପୁରୀ, ତହସିଲ: ପୁରୀ, ତହସିଲ ନଂ.: ୬୭୪, ମୌଜା: ପୁରୀ ଟାଉନ୍ ୟୁନିଟ ନଂ.: ୩୨, କୁମୁଟିପାଟଣା, ମ୍ୟୁଟେସନ ଖାତା ନଂ.: ୨୦୦/୮୭, ପ୍ଲଟ୍ ନଂ.: ୬୭/୪୬୯, କ୍ଷେତ୍ର: ଏକର ୦.୦୨୦ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ସାବିକ୍ ଖାତା ନଂ.: ୬୧, ପ୍ଲଟ୍ ନଂ.: ୬୭, କ୍ଷେତ୍ର: ଏକର ୦.୯୨୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସୁଦର୍ଶନ ମହାନ୍ତି, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୨୫, ପୂର୍ବ: ଏନ୍ ମହାନ୍ତି, ପଶ୍ଚିମ: ରାସ୍ତା / ଖ) ୩୦.୦୧.୨୦୨୫ / ଗ) ୧୦.୦୪.୨୦୨୫ / ଘ) ଟ.୭,୦୭,୯୦୫.୦୮ (ସାତ ଲକ୍ଷ ସାତ ହଜାର ନଅଶହପାଞ୍ଚ ଟଙ୍କା ଏବଂ ଆଠ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ଭୁବନେଶ୍ୱର ଡ଼ିଡ଼ିସିଇ ବିଲ୍ଡିଂ ଶାଖା (୧୮୦୧୫) /** **ଋଣଗ୍ରହୀତା: ମେସର୍ସ ୱେଲମାର୍କ, ସ୍ୱତ୍ୱାଧିକାରୀ: ସଞ୍ଜୀବ କୁମାର ସାହୁ,** ଫ୍ଲାଟ୍ ନଂ.: ୨୦୦, ତଳ ମହଲା, ପ୍ରତିମା ଏନ୍‌କ୍ଲେଭ, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩, **ଶ୍ରୀ ସଞ୍ଜୀବ କୁମାର ସାହୁ,** ପିତା: ଶ୍ରୀକାନ୍ତ ସାହୁ, ପ୍ଲଟ୍ ନଂ.: ୨୦୭, ସହୀଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସସ୍ମିତା ପାଇକରାୟ,** ସ୍ୱାମୀ: ଜ୍ୟୋତିରଞ୍ଜନ ପାଇକରାୟ, ପ୍ଲଟ୍ ନଂ.: ୧୭୦୨, ବରମୁଣ୍ଡା, ଡ୍ରେଲ୍ସା ରୋଡ଼, ଭୁବନେଶ୍ୱର, ପିନ୍-୭୫୧୦୦୩ | କ) **ଶ୍ରୀମତୀ ସସ୍ମିତା ପାଇକରାୟଙ୍କ** ନାମରେ ଥିବା ଜମି ଯାହାର ଜିଲ୍ଲା:ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ ଥାନା ନଂ.: ୩୮, ସବ-ରେଜିଷ୍ଟ୍ରଡ଼: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୩୫, ମୌଜା: ଭୁବନେଶ୍ୱର ସହର ୟୁନିଟ-୨୦, ଜାଗମରା, ହାଲ ମ୍ୟୁଟେସନ ଖାତା ନଂ.: ୧୧୩୩/୩୨୦୪, ପ୍ଲଟ୍ ନଂ.: ୧୧୨୪/୬୭୫୬, କ୍ଷେତ୍ର: ଏକର ୦.୦୪୮ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ବନ୍ଦୋବସ୍ତ ଖାତା ନଂ.: ୫୦୪, ପ୍ଲଟ୍ ନଂ.: ୧୧୨୪, କ୍ଷେତ୍ର: ଏକର ୦.୦୪୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଆପାର୍ଟମେଣ୍ଟ (ପ୍ଲଟ୍ ନଂ.: ୧୧୨୩ ଏବଂ ୧୧୧୯), ଉତ୍ତର: ପ୍ଲଟ୍ ନଂ.: ୧୧୧୭/୬୨୫୪ (ରମେଶ ଚନ୍ଦ୍ର ପଣ୍ଡା), ଦକ୍ଷିଣ: ପ୍ଲଟ୍ ନଂ.: ୧୧୨୪/୬୨୫୫ (ରଶ୍ମିତା ସ୍ୱାଇଁ) / ଖ) ୩୦.୦୧.୨୦୨୫ / ଗ) ୦୮.୦୪.୨୦୨୫ / ଘ) ଟ.୪୮,୨୭,୮୮୬.୧୫ (ଅଠଚାଳିଶି ଲକ୍ଷ ସତେଇଶ ହଜାର ଆଠଶହ ଛୟାଅଶୀ ଟଙ୍କା ଏବଂ ପନ୍ଦର ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୦୪.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ଫର୍ମ ନଂ.୧୩
ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡିଶା
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓରିଜିନାଲ ଆପ୍ଲିକେସନ ନଂ.୨୦୨୪ ର ୬୫୮
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହଳଦିଆପଦର ଶାଖା, ବ୍ରହ୍ମପୁର ......ଆବେଦନକାରୀ
ବନାମ
ମେସର୍ସ ମା ବୈଷ୍ଣବୀ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ
ପ୍ରାପ୍ତେଷୁ,
ପ୍ରତିବାଦୀ-୧ :ମେସର୍ସ ମା ବୈଷ୍ଣବୀ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି, ସତ୍ତ୍ୱାଧିକାରୀ: ଶ୍ରୀମତୀ ରୀନା ଚୌଧୁରୀ (ଋଣଗ୍ରହୀତା), ପିତା: ଗଣପତି ସାହୁ, ସ୍ୱା: ଶ୍ରୀ ମିହିର କୁମାର ଚୌଧୁରୀ, ସା: ଟୁଲୁ ରୋଡ, ପୋ.: କନିସି, ଭାୟା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୧୦୦୮ ।
ପ୍ରତିବାଦୀ-୨: ଶ୍ରୀ ମିହିର କୁମାର ଚୌଧୁରୀ (ଜାମିନ୍‌ଦାର/ବନ୍ଧକଦାତା), ପିତା: ଶ୍ରୀ ଉଧବ ଚୌଧୁରୀ, କନିସିହାଟ, ପୋ.: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୦୦୮ ।

ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ

ନୋଟିସ୍ ଦିଆଯାଉଛିଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧୀକରଣ, କଟକଙ୍କ ନିକଟରେ ଟ.୨୩,୨୫,୬୨୪/- ମାତ୍ର ସମେତ ବିଚରାଧୀନ ତଥା ପରବର୍ତ୍ତି ସୁଧ, ବ୍ୟୟ ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓଏ ନଂ.୬୫୮/୨୦୨୪ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।
ତେଣୁ , ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ, ତାହାର କାରଣ ଦର୍ଶାଇବା ପାଇଁ ଉପର ନାମିତ ପ୍ରତିବାଦୀଙ୍କୁ ପ୍ରକାଶନ ତାରିଖରୁ ୩୦ଦିନ ମଧ୍ୟରେ କିମ୍ବା ତା.୧୨.୦୬.୨୦୨୫ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧଭାବେ ଅଧିକୃତ ଏଜେଣ୍ଟ ଜରିଆରେ ଏହି ନ୍ୟାୟାଧୀକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ।
ନୋଟିସ୍ ଦିଆଯାଉଛି ଯେ ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ ।
ମୋ ଦସ୍ତଖତ ଓ ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୩ ଏପ୍ରିଲ ୨୦୨୫ରେ ପ୍ରଦତ୍ତ ।
ସ୍ୱା/-
(ନିଖିଳ ରଞ୍ଜନ ପତି)
ନିବନ୍ଧକ
ଋଣ ଅସୁଲି ନ୍ୟାୟାଧିକରଣ, କଟକ



# ଉତ୍ତମ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି

## ଆରମ୍ଭ ହେଲା ଯୁଗାନ୍ତକାରୀ ଯୋଜନା

ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ୧୧ ଏପ୍ରିଲ ଶୁକ୍ରବାରଠାରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଛି। କଟକ ବାଲିଯାତ୍ରା ଡଡ଼ପଡ଼ିଆରେ ଶୁକ୍ରବାର ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଉକ୍ତ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି ମିଳିଛି। ରାଜ୍ୟର ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ହୋଇଛି। ଲୋକଙ୍କ ସରକାରରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏହି ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ ହୋଇଛି। ଯୋଜନା ଶୁଭାରମ୍ଭ ପାଇଁ କଟକରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜିଲାସ୍ତରରେ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି।



କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



କଟକ ବାଲିଯାତ୍ରା ଡଡ଼ପଡ଼ିଆରେ ଶୁକ୍ରବାର 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା'ର ଶୁଭାରମ୍ଭ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କେନ୍ଦ୍ରାପଡ଼ା ଏମ୍ପି ବୈଜୟନ୍ତ ପଣ୍ଡା, କଟକ ଏମ୍ପି ଭର୍ତ୍ତୃହରି ମହତାବ, ଜଗତ୍‌ସିଂହପୁର ଏମ୍ପି ବିଭୁ ତରାଇ, ବିଧାୟକ ବିଜୟ ଦଳବେହେରା, ଇଂ. ପ୍ରକାଶ ସେଠୀ, ଛବି ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ରାଜକିଶୋର ମହାନ୍ତି) ▲



▲ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଚେତନା ରଥର ଶୁଭାରମ୍ଭ କରାଯାଇଛି।

### କଟକ





▲ କଟକ ବାଲିଯାତ୍ରା ଡଡ଼ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

### ଖୋର୍ଦ୍ଧା



ଖୋର୍ଦ୍ଧା ପିଏନ୍ କଲେଜ ଖେଳପଡ଼ିଆରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଜଣେ ଯୁବତୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଏମ୍ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ।

### ନୟାଗଡ଼



ନୟାଗଡ଼ ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

### ଯାଜପୁର



ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ଅଛନ୍ତି ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା।

### ମୟୂରଭଞ୍ଜ



ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକାର ଦେବେନ୍ଦ୍ରପୁରଠାରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଛନ୍ତି।

### ନବରଙ୍ଗପୁର



ନବରଙ୍ଗପୁରରେ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଗୌରୀଶଙ୍କର ମାଝି, ଝରିଗାଁ ବିଧାୟକ ନରସିଂହ ଭତରା ଓ ଜିଲାପାଳ ଶୁଭଙ୍କର ମହାପାତ୍ର ଜଣେ ମହିଳା ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

### ପୁରୀ



ପୁରୀ ଟାଉନ ହଲ୍‌ରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍ପି ଡା. ସମ୍ବିତ ପାତ୍ର ଏବଂ ବିଧାୟକ ସୁନୀଲ କୁମାର ମହାନ୍ତି ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ବାଲେଶ୍ୱର



ବାଲେଶ୍ୱର ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ ଅବସରରେ ୱାର୍ଡ କାଉନସିଲର ନିତ୍ୟଗୋପାଳ ସିଂହ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ମାଲକାନଗିରି



ମାଲକାନଗିରି ସଦର ବ୍ଲକ୍ କଟେଲିଗୁଡ଼ାଠାରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଅନ୍ୟମାନେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ରାୟଗଡ଼ା



ରାୟଗଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜିଲାପାଳ ପାରୁଲ ପଟୱାରି ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ଭଦ୍ରକ



ଭଦ୍ରକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଏମ୍ପି ଅଭିମନ୍ୟୁ ସେଠୀ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଥିବାବେଳେ ଉପସ୍ଥିତ ଅନ୍ୟ ଅତିଥିମାନେ।

### କୋରାପୁଟ



କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ଦେଉଛନ୍ତି।

### କେନ୍ଦୁଝର




କେନ୍ଦୁଝର ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ।

### ଭୁବନେଶ୍ୱର



ଭୁବନେଶ୍ୱର ବ୍ରହ୍ମେଶ୍ୱରପାଟଣା ୟୁପିଏଚ୍‌ସିଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ଜଣେ ମହିଳା ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

### ଅନୁଗୋଳ



ଅନୁଗୋଳ ଜିଲାର ବଇଣ୍ଡାଠାରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

### ଢେଙ୍କାନାଳ



ଢେଙ୍କାନାଳ ମିନି ଷ୍ଟାଡିୟମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଣେ ମହିଳା ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

### ଜଗତ୍‌ସିଂହପୁର



ଜଗତ୍‌ସିଂହପୁରସ୍ଥିତ ରାହାମା ମେଡିକାଲ ପଡ଼ିଆରେ ଯୋଜନାକୁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲାପାଳ ଜେ. ସୋନାଲ ଓ ଅନ୍ୟ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

### ଗଞ୍ଜାମ



ବ୍ରହ୍ମପୁରର ଆସିକା ରୋଡ଼ସ୍ଥିତ ସରକାରୀ ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟରେ ଜଣେ ହିତାଧିକାରୀ ପ୍ରତୀକ୍ଷା ଦୀକ୍ଷିତଙ୍କୁ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

### କେନ୍ଦ୍ରାପଡ଼ା



କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

### ବରଗଡ଼



ବରଗଡ଼ରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### କଳାହାଣ୍ଡି



କଳାହାଣ୍ଡି ଜିଲା ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଛକସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ବୌଦ୍ଧ



ବୌଦ୍ଧ ଜିଲା ଜହ୍ନାପଙ୍କ ମେଡିକାଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

### ସମ୍ବଲପୁର



ସମ୍ବଲପୁର ଜିଲା ଜିଏମ୍‌ୟୁ ପ୍ରେକ୍ଷାଳୟରେ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏକକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଉଛି।

### ସୁବର୍ଣ୍ଣପୁର



ସୁବର୍ଣ୍ଣପୁର ଜିଲା ହରଡ଼ଖୋଲଠାରେ ଜଣେ ମହିଳାଙ୍କୁ ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ସୁନ୍ଦରଗଡ଼



ସୁନ୍ଦରଗଡ଼ରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ଗଜପତି



ଗଜପତି ଜିଲା ଗୋସାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଜଣେ ହିତାଧିକାରୀଙ୍କୁ ବିଧାୟକ ରୂପେଶ ପାଣିଗ୍ରାହୀ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ନୂଆପଡ଼ା



ନୂଆପଡ଼ା ଜିଲା ବେଲଟୁକୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ହିତାଧିକାରୀ।

### ଝାରସୁଗୁଡ଼ା



ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପଠାରେ ଜଣେ ହିତାଧିକାରୀଙ୍କୁ ଜିଲାପାଳ ଅବୋଲୀ ସୁନୀଲ ନରୱଣେ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

### ରାଉରକେଲା



ରାଉରକେଲା ଉଦିତନଗର ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

### କନ୍ଧମାଳ



ଫୁଲବାଣୀସ୍ଥିତ କରୋନେଶନ ପଡ଼ିଆରେ ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଛି।

### ବଲାଙ୍ଗୀର



ବଲାଙ୍ଗୀର ମିଶନ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବିତରଣ କାର୍ଯ୍ୟକ୍ରମରେ ଏଡିଏମ୍ ପବିତ୍ର ବେହେରା ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

## କ'ଣ କୁହନ୍ତି ଏମାନେ...

### ମୁଁ ବହୁତ ଖୁସୀ



କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ପାଇ ବହୁତ ଖୁସି ଅଛି। ମୋ ପରିବାରର ସମସ୍ତଙ୍କ ପାଇଁ ଗୋଟିଏ ଲେଖାଏ କାର୍ଡ ଆସିବ। ପୁରୁଷଙ୍କ ପାଇଁ ୫ ଲକ୍ଷ ଥିବାବେଳେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା। ୭୦ ବର୍ଷରୁ ଊର୍ଦ୍ଧ୍ୱ ମଧ୍ୟ ଏହି ଯୋଜନାରେ ଲାଭ ପାଇବେ। ପୂର୍ବ ସରକାରଙ୍କ ଯୋଜନାରେ ପ୍ରତି ପରିବାରକୁ ୫ ଲକ୍ଷ ରହିଥିଲା। କିନ୍ତୁ ମହିଳାଙ୍କ କ୍ଷେତ୍ରରେ ଅଧିକ ଆଉ ୫ ଲକ୍ଷ ମିଳୁଥିଲା। କିନ୍ତୁ ବର୍ତ୍ତମାନ ପ୍ରତ୍ୟେକ କାର୍ଡଧାରୀ ସିଧାସଳଖ ଲାଭ ପାଇବେ। ଆମ ଭଳି ଗରିବ ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟକାର୍ଡ ବହୁ ସହାୟକ ହେବ।

- ବି. ମୋହନ ରାଓ (ହିତାଧିକାରୀ), ଉମରକୋଟ, ନବରଙ୍ଗପୁର

### ମୋ ଭଳି ଅନେକ ଲୋକ ଉପକୃତ ହେବେ



ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନା। ୭୮ ବର୍ଷ ବୟସରେ ଜଣେ ଅବସରପ୍ରାପ୍ତ ନାଗରିକ ଭାବେ ନିଶ୍ଚିତ ଭାବେ ଉପକୃତ ହେବି ବୋଲି ଆଶା ରଖିଛି। ବ୍ୟୟବହୁଳ ଚିକିତ୍ସା ବ୍ୟବସ୍ଥା ତଥା ବହୁବିଧ ରୋଗରୁ ଏହି ଯୋଜନାରେ ମୋ ଭଳି ଅନେକ ଲୋକ ନିଦାନ ପାଇବେ।

- ଦୁର୍ଗାଚରଣ ମହାନ୍ତି, ମାଧପୁର, କେନ୍ଦୁଝର ସହର

### ବିଏସ୍‌କେୱାଇଠାରୁ ଅଧିକ ଲାଭଦାୟକ ହେବ ବୋଲି ଆଶା



ଆୟୁଷ୍ମାନ ଭାରତ କାର୍ଡ ବହୁ ପୂର୍ବରୁ ପ୍ରଚଳନ ହୋଇଥିବା ବେଳେ ଆମ ରାଜ୍ୟରେ ଲାଗୁ ହୋଇ ନ ଥିଲା। ପୂର୍ବ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା କାର୍ଡରେ ମାଗଣା ଚିକିତ୍ସା ସେବା ପାଉଥିଲୁ। ଏବେ ସେହି କାର୍ଡ ବଦଳରେ ଆୟୁଷ୍ମାନ କାର୍ଡ ନୂଆ ସରକାର ପ୍ରଦାନ କରୁଛନ୍ତି। ପୂର୍ବ ଅପେକ୍ଷା ଅଧିକ ମେଡିକାଲରେ ଏହି କାର୍ଡର ସୁବିଧା ମିଳିପାରିବ। ଏଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ(ବିଏସ୍‌କେୱାଇ)ଠାରୁ ଏହା ଅଧିକ ଲାଭଦାୟକ ହେବ ବୋଲି ଆଶା।

- ରାଜକିଶୋର ରାଉତ, ହିତାଧିକାରୀ, ଧୁଷୁରୀ

### ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଆହୁରି ଆଗକୁ ନେବ

ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଆହୁରି ଆଗକୁ ନେବା ସହ ଲୋକମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ। ଦେଶର ପ୍ରମୁଖ ହସ୍ପିଟାଲରେ ଚିକିତ୍ସା ସେବା ଉପଲବ୍ଧ ହେବା ଏହି ଯୋଜନାର ଲୋକପ୍ରିୟତାକୁ ପ୍ରମାଣିତ କରେ। ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।

- ହରିପ୍ରିୟା ପାତ୍ର(ଛାତ୍ରୀ), କାକୁଡିହା, ଚିତ୍ରଡ଼ା, ମୋରଡ଼ା, ମୟୂରଭଞ୍ଜ

### ସରକାରଙ୍କୁ ବହୁ ଧନ୍ୟବାଦ

ପ୍ରଧାନମନ୍ତ୍ରୀ ଏହି କାର୍ଡ ମାଧ୍ୟମରେ ମେଡିକାଲ ସୁବିଧା ଦେଇଥିବାରୁ ଆମେ ବହୁତ ଖୁସି ଅଛୁ। ବିନା ପଇସାରେ ମେଡିକାଲକୁ ଯାଇ ଆମେ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବୁ। ତେଣୁ ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ।

- ଅବନ୍ତୀ ସାହୁ, ମାଣ୍ଡପାସାହି, ଢେଙ୍କାନାଳ

### ସ୍ୱାସ୍ଥ୍ୟ କାର୍ଡ ପାଇ ବହୁତ ଖୁସି

ଦୀର୍ଘ ଦିନ ପରେ ଓଡ଼ିଶାରେ କେନ୍ଦ୍ରର ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା ଲାଗୁ ହୋଇଥିବା ବେଳେ ମୁଁ ଆଜି ସ୍ୱାସ୍ଥ୍ୟ କାର୍ଡ ପାଇଥିବାରୁ ବହୁତ ଖୁସି। ଏହାଦ୍ୱାରା ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ମାଗଣାରେ ପାଇପାରିବି ବୋଲି ଭାବୁଛି।

- ସବିତା ପରଜା, କୋରାପୁଟ ମ୍ୟୁନିସିପାଲିଟି

### ଦାଦନ ଶ୍ରମିକଙ୍କ ପାଇଁ ବରଦାନ ସଦୃଶ

ଓଡ଼ିଶା ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନିତାନ୍ତ ଆବଶ୍ୟକ ଥିଲା। ପୁରପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ବହୁ ଗରିବ ଶ୍ରେଣୀର ଲୋକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ତେବେ ରୋଗାକ୍ରାନ୍ତ ହେଲେ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ହଇରାଣ ହେଉଛନ୍ତି। ସେମାନଙ୍କ ପାଇଁ ଏହି ଯୋଜନା ବରଦାନ ସଦୃଶ। ଏବେ କଷ୍ଟାର୍ଜିତ ଧନ ମେଡିକାଲକୁ ଦେବାକୁ ପଡ଼ିବ ନାହିଁ, ଆୟୁଷ୍ମାନ କାର୍ଡ ଦେଖାଇ ସେଠାରେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ।

- ସନ୍ତୋଷ କୁମାର ଡାକୁଆ, ଖୋର୍ଦ୍ଧା ପୌରାଞ୍ଚଳ

### ସ୍ୱାସ୍ଥ୍ୟସେବାରେ ଫାଇଦା ହେବ

ଆୟୁଷ୍ମାନ ଯୋଜନା କାର୍ଡ ଦ୍ୱାରା ପ୍ରତ୍ୟେକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ। ପୂର୍ବରୁ ଥିବା କାର୍ଡରେ ପରିବାରର କେବଳ ଜଣେ ଲୋକ ସୁବିଧା ପାଉଥିଲେ, ହେଲେ ଆୟୁଷ୍ମାନ କାର୍ଡ ସମସ୍ତଙ୍କ ପାଇଁ ଖୁସି ଆଣିଦେଇଛି। ପାଠପଢ଼ିବା ପାଇଁ ବାହାରକୁ ଯିବାକୁ ସ୍ଥିର କରିଛି ଏବଂ ଏହି କାର୍ଡ ରହିଲେ ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ରହିବନି। ଯଦି କେଉଁଠି ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ସମସ୍ୟା ହୁଏ ତେବେ ଏହି କାର୍ଡ ଯୋଗେ ଦେଶର ବିଭିନ୍ନ ସ୍ଥାନରେ ଆମେ ସୁବିଧା ପାଇପାରିବୁ। କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି କାର୍ଡ ପାଇ ବହୁତ ଖୁସି ଲାଗୁଛି।

- ଅମ୍ବିକା ପଣ୍ଡା, ହିତାଧିକାରୀ, କଟକ

### ଚିକିତ୍ସା ପାଇଁ ଚିନ୍ତା ନାହିଁ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ପାଇଛି। ଏଣିକି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ମାଗଣାରେ ଚିକିତ୍ସା ହୋଇପାରିବ। ସରକାରଙ୍କ ଏହା ଏକ ଭଲ ପଦକ୍ଷେପ। ସରକାର ମହିଳାଙ୍କୁ ଅଗ୍ରାଧିକାର ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେଇଥିବାରୁ ବହୁତ ଖୁସି ଅନୁଭବ ହେଉଛି। ଏଣିକି ଚିକିତ୍ସା ଖର୍ଚ୍ଚ ସରକାର ଦେବେ।

- କାମିନୀ ମହାରଣା, ହିତାଧିକାରୀ (ବ୍ରହ୍ମପୁର)


OIPR-10001/13/0053/2526

# ଗଞ୍ଜାମ ଜିଲ୍ଲାରେ ଉପକୃତ ହେବେ ୨୮.୯୨ ଲକ୍ଷ

ଛତ୍ରପୁର,୧୧।୪(ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ ) ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା,ଗୋପବନ୍ଧୁ ଜନଆରୋଗ୍ୟ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ଗଞ୍ଜାମ ଜିଲାରେ ୨୮.୯୨ ଲକ୍ଷ ହିତାଧିକାରୀ ଉପକୃତ ହେବେ । ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଆଜି ବିଭିନ୍ନ ବ୍ଲକରେ ଏହି ସେବାର ଉଦ୍‌ଘାଟିତ ହୋଇଛି ।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଛତ୍ରପୁର ବ୍ଲକ ନରେନ୍ଦ୍ରପୁର, ସୁନ୍ଦରପୁର ଓ ନୋଳିଆନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା କାର୍ଯ୍ୟକ୍ରମରେ ଏହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ସରୋଜିନୀ ଦେବୀ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ, ବ୍ଲକ ଅଧ୍ୟକ୍ଷା କିରଣି ଦାସ, ଉପାଧ୍ୟାକ୍ଷା ଏସ. ସାରଦା ରେଡ୍ଡୀ, ବିଡିଓ ଅଚ୍ୟୁତ ଯାନୀ ପ୍ରମୁଖ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଛତ୍ରପୁର ବ୍ଲକର ପ୍ରତି ପଞ୍ଚାୟତର ୧୦ ଜଣଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ଏ ସମ୍ପର୍କିତ ସଚେତନତା ରଥକୁ ପତାକା ଦେଖାଇ ବିଧାୟକ ଶୁଭାରମ୍ଭ କରିଥିଲେ। ଏହି ରଥ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁ ବୁଲି ଲୋକଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବ।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ)** ଧରାକୋଟ ବ୍ଲକର ଧରାକୋଟ, ମାଣିକ୍ୟପୁର, ଜାହାଡା, ମୁଣ୍ଡମରାଇ ଓ ଜଗମୋହନଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ଡା. ସିଦ୍ଧାନ୍ତ ସାମଲ, ଡା. ଶଙ୍କର ନାରାୟଣ ବେହେରା,ଡା. ଯୁଧିଷ୍ଠିର ପ୍ରଧାନ, ସରପଞ୍ଚ ପୁନିଆ ଦାସ, ଏମ୍‌ପି ପ୍ରତିନିଧି ୟୁ. ପାପା ରାଓ, ବିଧାୟକ ପ୍ରତିନିଧି ଲିଜା ବିଷୋୟୀ, ଜଗମୋହନ ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ପରିସରରେ ଯୋଜନାର ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ମାଣିକପୁର, ମୁଣ୍ଡମରାଇ, ଜଉଗାଁ ଏବଂ ଜାହାଡାରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଥିଲା।

**ଶେରଗଡ଼ (ସୂର୍ଯ୍ୟ ନାରାୟଣ ଦାଶ)–** ଶେରଗଡ଼ ବ୍ଲକର ୪ଟି ସ୍ଥାନରେ ଆୟୁଷ୍ମାନ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ପିତ୍ତଳ ପଞ୍ଚାୟତରେ, କରଡାକଣା ଜଗନ୍ନାଥ ମନ୍ଦିର ସମ୍ମୁଖରେ, ଅଲାରିଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କୁଲାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାର୍ଡବଣ୍ଟନ କରାଯାଇଥିଲା। ପିତ୍ତଳଠାରେ ସରପଞ୍ଚ ରାମରାଘବ ପାତ୍ର, ସମିତି ସଭ୍ୟ ଜନାର୍ଦ୍ଦନ ପାତ୍ର, ନୟନୀ ଦଳେଇ, ଅଲାରିଗଡରେ ସରପଞ୍ଚ ସାରସ ସ୍ୱାଇଁ, ଭାଜପା ନେତା ଜୟଦେବ ଜେନା, କୁଲାଗଡରେ ସରପଞ୍ଚ ଓ ବିପ୍ରଚରଣ ସାହୁ, କରଡାକଣାରେ ସରପଞ୍ଚ ଓ ସମିତି ସଭ୍ୟ, ଜିତେନ୍ଦ୍ର ମହାରଣାଙ୍କ ଉପସ୍ଥିତିରେ ଏହି କାର୍ଡ ବଣ୍ଟନ ହୋଇଥିଲା। ଏବିଡିଓ ସୁଧାଂଶୁ ଶେଖର ତରାଇ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ମନୋରମା ପଲେଇଙ୍କ ସମେତ ୧୬ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ହିତାଧିକାରୀମାନେ ଉପସ୍ଥିତ ଥିଲେ। ଏବିଡିଓ ସୁଧାଂଶୁ ଶେଖର ତରାଇ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

**ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର)–** ଦିଗପହଣ୍ଡି ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ନୂତନ କାର୍ଡ ବିତରଣ କରାଯାଇଛି । ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ଅଧୀନ ସିଦ୍ଧେଶ୍ୱର, ଝରିପଦର, ଗୌଡଗାଁ, ଭୀଷ୍ମଗିରି, ତଲାସିଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ଅନାମିକା ପାଣ୍ଡେ, ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ସୁଚିସ୍ମିତା ଚୌଧୁରୀ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ,ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂଙ୍କ ସମେତ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## ଆୟୁଷ୍ମାନ ଭାରତ

**ପାତ୍ରପୁର, (ଉମା ଚରଣ ନେପାକ)–** ପାତ୍ରପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୭ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକ୍ରମ ହୋଇଥିଲା। ସୁରଙ୍ଗୀ ଓ ଖାରିଆଗୁଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ସମ୍ମାନିତ ଅତିଥି ଭାବେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ବ୍ଲକ ଅଧ୍ୟକ୍ଷା ୱାଇ ସଞ୍ଜୁକ୍ତା ରେଡ୍ଡୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ, ପାତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସମ୍ବିଦ ବେଗରାୟ ଉପସ୍ଥିତ ଥିଲେ। ସୁରଙ୍ଗୀ, ଖାରିଆଗୁଡା, ତୁମ୍ବା, ଜରଡା, ବରଙ୍ଗ, ତୁରୁବୁଡି ଓ ନୂଆପେଣ୍ଠ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ହୋଇଥିବା କାର୍ଯ୍ୟକ୍ରମରେ ଉପସ୍ଥିତ ହିତାଧିକାରୀଙ୍କୁ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବିତରଣ କରାଯାଇଥିଲା।

**ଆସିକା (ସୁରେନ୍ଦ୍ର ନାଥ ସାହୁ)–** ଆସିକା ବ୍ଲକର ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ପଢାଳ-ଜୟପୁର, ଭେଟନଇ ଓ ଗହଙ୍ଗୁସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭେଟନଇଠାରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯୋଜନାରେ ଜନସାଧାରଣ କିଭଳି ଉପକୃତ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ବାଲ୍ ଗୋପାଲ ବେହେରା, ବାଲିସିରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମଧୁସୂଦନ ବାରିକ, ପ୍ରକଳ୍ପ ଅଧିକାରୀ ସାଗରିକା ମିଶ୍ର, କୁବେର ପାତ୍ର, ଡାକ୍ତର କ୍ଷେତ୍ରଲାଲ ବେହେରା, ଡାକ୍ତର ବାଲାଜୀ ରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। । ସେହିଭଳି ଗହଙ୍ଗୁଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ସୁଶାନ୍ତ ରାଉତ ମୁଖ୍ୟ ଅତିଥି, ଡାକ୍ତର ଶୁଭମ ପାଣିଗ୍ରାହୀ, ସରପଞ୍ଚ ମନୋଜ ନାୟକ, ନିର୍ବାହୀ ଅଧିକାରୀ ସୁକାନ୍ତ ନାୟକ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):** ବେଲଗୁଣ୍ଠାର ଗାଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ଗୋବରା ଏବଂ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅନ୍ୟତମ ରୂପେ ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସିଡିପିଓ ନଳିନୀ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁ ଉପସ୍ଥିତ ଥିଲେ।

**ରମ୍ଭା,(ବନବାସୀ ସେଠୀ):** ସାନ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏଲଇଡ଼ି ମାଧ୍ୟମରେ ଶୁଭାରମ୍ଭ ହୋଇଛି। ବ୍ଲକର ୫ ପଞ୍ଚାୟତର ବହୁ ମହିଳା ଏବଂ ଆଶା କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସାନ ରାମଚନ୍ଦ୍ରପୁର କାର୍ଯ୍ୟ ଭାର ସରପଞ୍ଚ ବିଷ୍ଣୁ ପ୍ରିୟା ନାହାକ, ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ ପରିଚାଳନା କରିଥିଲେ।

**ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ):** ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା, ସୁରଳ, ସୁମାଣ୍ଡି କୋଟିଲିଙ୍ଗ ଓ କରବାଲୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁଜନଆରୋଗ୍ୟଯୋଜନା ଏବଂ ଆୟୁଷ୍ମାନ ୟୋ ବନ୍ଦୋନା ଯୋଜନାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ତହସିଲଦାର ବିଶ୍ୱରଞ୍ଜନ କହଁର, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମନୋଜ ପାଢ଼ୀ, ଆୟୁଷ ଡାକ୍ତର ସିପ୍ରା ସାହୁ, ବିଡିଏମ ରାମଚନ୍ଦ୍ର ସାବତ, ବିଏସ୍‌ଏସ୍‌ଓ ଜୟଦେବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ୧୭ ପଞ୍ଚାୟତର ୧୨୫ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା।

**ପାଟପୁର,(ସୀମାଞ୍ଚଳ ସାହୁ):** ସାନଖେମୁଣ୍ଡି ବ୍ଲକ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ କଙ୍କୋରଡ଼ା, ପାଟପୁର, ପୋଡାମାରୀ, ଡେଙ୍ଗାଉସ୍ତା, ସହାସପୁର୍ ଏବଂ ଗୌତମି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଛି। ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଏବଂ ସାଂସଦ ପ୍ରତିନିଧିଙ୍କ ସହ ଭାଜପା ଆସିକା ଜିଲା ସଭାପତି ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ।

**ବୁଗୁଡା,(କାଳିଚରଣ ଦାଶ)–** ବୁଗୁଡା ବ୍ଲକ ଅନ୍ତର୍ଗତ ଏ.କରଡାବାଡି, ବାଲିପଦର, ମାଣିତରା ଓ କରଚୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଶୁଭାରମ୍ଭର ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ଜନସାଧାରଣ ଉପଭୋଗ କରିଥିଲେ। ବିଡ଼ିଓ ଦୃତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କାମାକ୍ଷୀ ବିଷୋୟୀ ଓ ମନୋରଞ୍ଜନ ନାୟକ, କେ.ନୀଳମାଧବ ଆଚାରୀଙ୍କ ସମେତ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଅଧିକାରୀ ଓ କର୍ମଚାରୀ, ପଞ୍ଚାୟତ ଜନପ୍ରତିନିଧି, ବ୍ଲକ କର୍ମଚାରୀ ଏବଂ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।

### ଖବର ପ୍ରକାଶ ପରେ ପ୍ରକଳ୍ପ ପ୍ରଶାସକ ତତ୍ପର

# ହାଟରେ ବ୍ୟବସାୟୀଙ୍କୁ ଶୀଘ୍ର ଗୃହ ଦେବାକୁ ନିର୍ଦ୍ଦେଶ



ସିମନବାଡିରେ ପ୍ରକଳ୍ପ ପ୍ରଶାସକ ପିଇଓଙ୍କ ସହ ଆଲୋଚନା କରୁଛନ୍ତି।

ଦାରିଙ୍ଗବାଡ଼ି,୧୧।୪ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ୍ ସିମନବାଡ଼ି ପଞ୍ଚାୟତରେ ରହିଥିବା ଜନଜାତି ହାଟ କାମରେ ଆସୁ ନ ଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ହୋଇଥିଲା। ଏହା ପରେ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଘଟଣାକୁ ଗୁରୁତର ଭାବେ ନେଇଛନ୍ତି। ସେ ଗୁରୁବାର ସିମନବାଡ଼ି ଗସ୍ତକରି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ପ୍ରଭାତ ପ୍ରଧାନଙ୍କ ସହ ଆଲୋଚନା କରି ଶୀଘ୍ର ବ୍ୟବସାୟୀଙ୍କୁ ହାଟ ଗୃହ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବ୍ୟବସାୟୀଙ୍କୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେବାସହ ୧୬ତାରିଖ ସୁଦ୍ଧା ବିଜ୍ଞାପନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଦୀର୍ଘ ଏକ ଦଶନ୍ଧି ଧରି ଜନଜାତିଙ୍କ ହିତ ପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ହାଟ ଗୃହ ନିର୍ମାଣ କରାଯାଇଥିଲା କିନ୍ତୁ କୌଣସି କାରଣରୁ ପଞ୍ଚାୟତ ହାଟ କରିବାରେ ବିଫଳ ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ହାଟ ଗୃହକୁ ଆଇଟିଡିଏ ପଞ୍ଚାୟତକୁ ହସ୍ତାନ୍ତର କରିଥିଲା। ପଞ୍ଚାୟତ ହାଟ ଆରମ୍ଭ କରିବାକୁ ଏହାର ରୂପାନ୍ତର କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ତାହା କାମରେ ଆସିନଥିଲା। ଏହାକୁ ନେଇ ଆଦିବାସୀ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା।

# ଯୁବ ଲେଖକ ସମ୍ମିଳନୀ



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଫୁଲବାଣୀ,୧୧।୪(ରାକେଶ କୁମାର ରାଉତ)

ଓଡିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା, ପ୍ରବନ୍ଧ ଓ ଗଳ୍ପ ଲିଖନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଫିରିଙ୍ଗିଆ ପଞ୍ଚାୟତ କଲେଜ ଅଧ୍ୟାପିକା ହରପ୍ରିୟା ମିଶ୍ର, ଅଧ୍ୟାପିକା ପ୍ରଭାତୀ ପାତ୍ର, ଶଙ୍କରାଖୋଲ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟାପକ ରାମକୃଷ୍ଣ ମହାନ୍ତି, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଂଯୋଜକ ସନ୍ତୋଷ ପାତ୍ର, ଫିରିଙ୍ଗିଆ ପଞ୍ଚାୟତ କଲେଜ, ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ଓ ଅଧ୍ୟାପକ ବିରଞ୍ଚି ନାରାୟଣ ସାହୁ ବିଚାରପତି ଭାବରେ ଉପସ୍ଥିତ ଥିଲେ। ଅଧ୍ୟାପକ ଚନ୍ଦ୍ରଶେଖର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମୁଦ୍ର ମୁହାଁ ଅଲିଭ ରିଡଲେ ଶାବକ

ଗଞ୍ଜାମ,୧୧।୪(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣ ଅଞ୍ଚଳ ସମୁଦ୍ର ବେଳାଭୂମିରୁ ଅଲିଭ ରିଡେଲ ସାମୁଦ୍ରିକ କଇଁଛ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ଦୈନିକ ଏବେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ର ମୁହାଁ ହେଉଛନ୍ତି ଏହି କୁନି ଶାବକ। ନଭେମ୍ବରରୁ ଜାନୁଆରୀରେ ସମୁଦ୍ରରେ ମିଳନ ପରେ ଋଷିକୁଲ୍ୟା ମୁହାଣ ନିକଟରେ ୨ଟି ପର୍ଯ୍ୟାୟରେ ଗଣ ଅଣ୍ଡାଦାନ କରିଥିଲେ। ଅଣ୍ଡା ଦାନର ୪୫ ଦିନ ପରେ ଛୁଆ ଫୁଟିବା ଆରମ୍ଭ ହୋଇଛି। ସୁଦୂର ଦେଶରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଏକ୍ରୁଡିଶାଳ ଗଞ୍ଜାମ ଋଷିକୁଲ୍ୟା ମୁହାଣ ନିକଟକୁ ଆସି ଅଣ୍ଡାଦାନ କରି ବାଲିରେ ପୋତି ମା' ଅଲିଭ ରିଡେଲ କଇଁଛ ସମୁଦ୍ରରେ ଚାଲି ଯାଇଥାଏ। ଛୁଆ ବାହାରିବା ପରେ କୁନି ଶାବକ ମାନେ ମଧ୍ୟ ସମୁଦ୍ରକୁ ଚାଲିଯାଇଥାନ୍ତି। ଚଳିତ ବର୍ଷ ରେକର୍ଡ ସଂଖ୍ୟାକ ୨ ଥର ୯ ଲକ୍ଷ ୪ ହଜାର ୫୧୭ ଗଣଅଣ୍ଡାଦାନ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ସଜାଗ ରହିଥାଏ। ଏବେ କୁନି ଶାବକଙ୍କୁ ଗୋଟିଏ ସ୍ଥାନରେ ଏକାଠି କରି ସେମାନଙ୍କୁ ସମୁଦ୍ରକୁ ଛଡ଼ାଯାଇଥାଏ। ଚଳିତ ବର୍ଷ ଦିନବେଳେ ମଧ୍ୟ ଗଣଅଣ୍ଡାଦାନ ହେଉଥିବା ଦେଖିବାକୁ ମିଳିଥିଲା। ଏପରିକି ପୋଡ଼ମପେଟା ଅଞ୍ଚଳର ୫ କିମି ବେଳାଭୂମିକୁ ଅଲିଭ ରିଡେଲ ସୁରକ୍ଷା ପାଇଁ ବେରିକେଟ ମଧ୍ୟ କରାଯାଇଛି।



ସମୁଦ୍ର ମୁହାଁ କୁନି ଅଲିଭ ରିଡଲେ ଶାବକ ।

# ଗଛରୁ ପଡ଼ି ଗୁରୁତର ହେଲେ ବିଦ୍ୟୁତ୍ କର୍ମଚାରୀ

ବେଲଗୁଣ୍ଠା,୧୧।୪
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଦ୍ୟୁତ ବିଭାଗର ଠିକା କର୍ମଚାରୀ ବଳରାମ ସାହୁ ବିଦ୍ୟୁତ ବିଚ୍ଛିନ୍ନ ଯୋଗୁ ଗଛ କାଟୁଥିବା ବେଳେ ୪୦ ଫୁଟ ଉପରୁ ପଡିଯାଇ ଗୁରୁତର ହୋଇଥିବା ବେଳେ ଉପରିସ୍ଥ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି। ଗୁରୁବାର ରାତିଠାରୁ ବ୍ରେକ୍ ଡାଉନ୍ ଯୋଗୁ ଜିରୋଳି ଓ ଗିରିଶୋଲା ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ଥିଲା। ଶୁକ୍ରବାର ୧୧ଟା ବେଳେ କନିଷ୍ଠ ଯନ୍ତ୍ରୀ ଦୀପକ ସାମନ୍ତରାୟ ଓ ଲାଇନ୍ ମ୍ୟାନ୍ ପ୍ରଦୀପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ବଳରାମଙ୍କ ସମେତ ୪ ଜଣ ଠିକା କର୍ମଚାରୀ ସେହି ଅଞ୍ଚଳରେ ବିଦ୍ୟୁତ ସରବରାହ ସଜାଡ଼ିବା ପାଇଁ ଯାଇଥିଲେ। ସେଠାରେ ୧୧ କେଭି ତାର ଉପରେ ଏକ ବିରାଟ ଗଛ ଯାଇଥିବାର ଦେଖି କନିଷ୍ଠ ଯନ୍ତ୍ରୀ ଓ ଲାଇନ୍ ମ୍ୟାନ୍‌ଙ୍କୁ ଅପେକ୍ଷା କରିଥିଲେ। କିନ୍ତୁ ବହୁ ସମୟ ପରେ ମଧ୍ୟ ଅଧିକାରୀ ନ ଆସିବାରୁ ଫୋନ୍ ଯୋଗେ ଲାଇନ ମ୍ୟାନ୍ ଘଟଣା ସ୍ଥଳକୁ ନ ଆସି ଏଲ୍‌ସି ଦେଇଥିଲେ। ବଳରାମ ଗଛ ଉପରେ ଚଢ଼ି ଗଛ କାଟୁଥିବା ବେଳେ ତଳକୁ ପଡିଯାଇ ତାଙ୍କର ମୁହଁ ଓ ୨ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସହକର୍ମୀ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡଡାକ୍ତରଖାନା ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

# ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ବୈଠକ

ନୂଆଗଡ଼,୧୧।୪ (ଯୋଗ୍ୟବନ୍ତ ପରିଚ୍ଛା)

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଦୋଘରିୟା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଜୁରୀପଦା ସରପଞ୍ଚ ସଣ୍ଟୁ ମଣ୍ଡଳ, ସମ୍ମାନିତ ଅତିଥି ରୂପେ ସମିତିସଭ୍ୟା ଗୌରୀ ଦେବୀ, ବନପାଳ ବିଜୟ ମହାରଣା, ଡାକ୍ତର ମନୋରଞ୍ଜନ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ମାର୍କଣ୍ଡ ଶବର ବିଦ୍ୟାଳୟର ଶୈକ୍ଷିକ ବିଷୟ ଉପରେ ବିବରଣୀ ରଖିଥିଲେ। ଅଧ୍ୟକ୍ଷା ଅର୍ଚ୍ଚନା ରାୟ ବେହେରା ଯୁକ୍ତ୨ କଲେଜ ସମ୍ପର୍କିତ ବିଭିନ୍ନ ବିଷୟ ନେଇ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢା,ଛାତ୍ରାବାସ ଓ ଛାତ୍ରୀ ନିବାସ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ମହୀପାଳ ଭୂୟାଁ ଓ ପୁଷ୍ପଲତା କର ପରିଚାଳନା କରିଥିଲେ।

# ୨ ବରିଷ୍ଠ କଳାକାର ସମ୍ମାନିତ



ଜି.ଉଦୟଗିରି,୧୧।୪(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଖଜୁରୀପଡ଼ା ଠାରେ ଜିଲା ପ୍ରଶାସନ ତରଫରୁ ଲୋକୋ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ, ଉପଜିଲାପାଳ, ସଂସ୍କୃତି ବିଭାଗ ଅଧିକାରୀ, ସ୍ଥାନୀୟ ବିଡିଓ ଉପସ୍ଥିତ ରହି କନ୍ଧମାଳ ଜିଲାର ୧୨ଟି ବ୍ଲକରୁ ୨ଜଣ ଲେଖାଏଁ ବଛାବଛା କଳାକାରଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଜି.ଉଦୟଗିରି ବ୍ଲକର ୨ଜଣ ବରିଷ୍ଠ କଳାକାର ପ୍ରତାପ ରୁଦ୍ର ପାତ୍ର ଓ ବ୍ରହ୍ମାନନ୍ଦ ନାୟକଙ୍କୁ ସମ୍ମାନିତ କରାଯାଇଛି।

# ବିଦ୍ୟୁତ୍ ବ୍ୟବହାର ସମ୍ପର୍କିତ ସଚେତନତା

ବେଲଗୁଣ୍ଠା,୧୧।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଜନସାଧାରଣଙ୍କୁ ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ କ୍ଷତ୍ରିୟବରପୁର ସେକ୍ସନ ବିଦ୍ୟୁତ୍ ବିଭାଗ ପକ୍ଷରୁ ୫୪ ତମ ଜାତୀୟ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭଞ୍ଜନଗର ସର୍କଲ୍‌ର ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ନେଇ ଏକ ଜନସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ସମୟରେ ବେଆଇନ୍ ବିଦ୍ୟୁତ୍ ହୁକିଂ ନ କରିବା,ଘରେ ବିଦ୍ୟୁତ୍‌ର ଦରୁପୋଯୋଗ ନ କରିବା ପାଇଁ ସଚେତନ କରାଯାଇଥିଲା। ଉପଭୋକ୍ତାଙ୍କର କୌଣସି ଅସୁବିଧା ହେଲେ ସେକ୍ସନ୍ ଅଧିକାରୀ, ଲାଇନ୍ ମ୍ୟାନଙ୍କ ସହିତ ଯୋଗାଯୋଗ କରିବା ଉଚିତ୍ କିମ୍ବା ୧୯୧୨ ନମ୍ବର୍‌ରେ କଲ୍ କରିବା ପାଇଁ କୁହାଯାଇଥିଲା। ଏଥିସହ ଶୂନ୍ୟ ଦୁର୍ଘଟଣାକୁ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡସ୍ତରୀୟ ଭିଜିଲାନ୍ସ ଅଧିକାରୀ ଶ୍ରୀକାନ୍ତ ମିଶ୍ରା, କନିଷ୍ଠ ଯନ୍ତ୍ରୀ ରୁଦ୍ରନାରାୟଣ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କନ୍ଧମାଳରେ ଆୟୁଷ୍ମାନ ସ୍ମାର୍ଟ କାର୍ଡ ବଣ୍ଟନ ଆରମ୍ଭ

ଫୁଲବାଣୀ,୧୧।୪
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି । ଜିଲାର ସମସ୍ତ ୧୨ଟି ବ୍ଲକ ଅନ୍ତର୍ଗତ ୪୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଟି ସହରାଞ୍ଚଳ ପ୍ରାଥମିକ ସୱାସ୍ଥ୍ୟ କେନ୍ଦ୍ରରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଫୁଲବାଣୀ ପ୍ରାଥମିକ ସହରାଞ୍ଚଳ କେନ୍ଦ୍ର ଅନ୍ତର୍ଗତ କାର୍ଯ୍ୟକ୍ରମ କରୋନେସନ ପଡିଆରେ ହୋଇଥିଲା। ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପାଢୀ ଏନେଇ ସୂଚନା ଦେଇ କହିଛନ୍ତି, ଜିଲାରେ ମୋଟ ୩ ଲକ୍ଷ ୭ ହଜାର ୨୭୩ଟି କାର୍ଡ ଓ ୩୬ ଲକ୍ଷ ୩୨ ହଜାର ୭୪୫ଟି କମ୍ବୋ କିଟ୍ ହସ୍ତଗତ ହୋଇଛି । ପୂର୍ବରୁ ଥିବା ବିଜୁ ସୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀଙ୍କ ପରିବାରର ସମସ୍ତ ସଦସ୍ୟମାନଙ୍କୁ ଉକ୍ତ ନୂତନ କାର୍ଡ ପ୍ରଦାନ କରାଯିବ। ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଗୋଟିଏ ସ୍ୱାସ୍ଥ୍ୟ ସଚେତନତା ରଥ ବ୍ୟବସ୍ଥା କରାଯାଇଛି। ଏହି ରଥ ୭ଦିନ ପ୍ରତ୍ୟେକ ଗ୍ରାମ ପରିକ୍ରମା କରି ହିତାଧିକାରୀଙ୍କୁ ସଚେତନ କରିବ । ଆଶାକର୍ମୀମାନେ ଜନ ସେବା କେନ୍ଦ୍ର ସଦସ୍ୟଙ୍କ ସହ ମିଶି ଘରକୁ ଘର ବୁଲି ୧୨ ତାରିଖଠାରୁ କାର୍ଡ ବାଣ୍ଟିବେ। କାର୍ଯ୍ୟକ୍ରମରେ ଫୁଲବାଣୀ ପୌର ଅଧ୍ୟକ୍ଷା ପାୟଲ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା କହଁର, ଜିଲା ପରିଷଦ ସଦସ୍ୟ ଚନ୍ଦ୍ରମା ମଲ୍ଲିକ, ଏମପ ପ୍ରତିନିଧି ଜଗନ୍ନାଥ ସାହୁ, ଅନିଲ ପ୍ରଧାନ, ବିଡିଓ ସୌମ୍ୟରଞ୍ଜନ ପାତ୍ର, ବିଧାୟକ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

**ଚକାପାଦ, (ପ୍ରତାପ କିଶୋର ବେହେରା)–** ଚକାପାଦ ବ୍ଲକର ଲାଇନପଡା, ପସରା ଓ ନାରୀଙ୍ଗିଝୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହୋଇଥିଲା। ବିଧାୟକ ଉମା ଚରଣ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହ୍ନର ଓ ବହୁ ଜନ ପ୍ରତିନିଧି ଯୋଗ ଦେଇ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ।

**ଖଜୁରୀପଡ଼ା,(ବିଦୁର ବେହେରା)–** ଖଜୁରୀପଡ଼ା ବ୍ଲକ ପକ୍ଷରୁ ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କ ତତ୍ତ୍ୱାବଧାନରେ ବିଲାବାଡି, ସୁଦ୍ରୁ କୁମ୍ପା ଏବଂ ବଲସକୁମ୍ପା ଓ ବାରିକୁମ୍ପା ପଞ୍ଚାୟତ ପଡ଼ିଆରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷା ଅନିମା କହଁର, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଏମ୍‌ପି ପ୍ରତିନିଧି ମନୋଜ ପଣ୍ଡା, ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ରାଇ କିଶୋର ପ୍ରଧାନ, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

**ଦାରିଙ୍ଗବାଡ଼ି,(ଅରୁଣ ସାହୁ):** ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ମଧ୍ୟ କାର୍ଡ ବିତରଣ କାର୍ଯ୍ୟକ୍ରମ ହୋଇଛି। ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ବିଡିଓ ପ୍ରୀତିରଞ୍ଜନ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ, ଗଦାପୁର ଏବଂ ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ଉଦ୍‌ଘାଟନ ସମାରୋହ ବ୍ୟବସ୍ଥା କରାଯାଇଥିଲା। ମାଣ୍ଡିପଙ୍କା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସରାମୂଳି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର, ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ବୁଡ଼ାଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ବୁଡ଼ାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ହିତାଧିକାରୀ ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସିମନବାଡିରେ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସିମନବାଡି ସରପଞ୍ଚ ଅମିତା ପ୍ରଧାନ, ବାଡାବାଙ୍ଗା ସରପଞ୍ଚ ପ୍ରସନ୍ନ ପ୍ରଧାନ, ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେଶ ପଣ୍ଡା, ଡ. ଅବିନାଶ ମଲିକ, ବିପିଏମ୍ ପିଣ୍ଟୁ ନାୟକ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଯୋଜନାରେ ସ୍ୱାସ୍ଥ୍ୟସେବା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ଲକ୍ଷ ଓ ମହିଳାଙ୍କ କ୍ଷେତ୍ରରେ ଅତିରିକ୍ତ ଆଉ ୫ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ରାଶି ପ୍ରଦାନ କରାଯିବ। ଯଦି ହିତାଧିକାରୀଙ୍କ ବୟସ ୭୦ବର୍ଷରୁ ଅଧିକ ହୋଇଥିବ ତେବେ ତାଙ୍କୁ ସ୍ୱତନ୍ତ୍ର କାର୍ଡ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ୩ ମାସ ମଧ୍ୟରେ ଏହି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସ୍ୱାସ୍ଥ୍ୟବୀମା କାର୍ଡ ସମସ୍ତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାନଗଛ ଚେର ଅତ୍ୟନ୍ତ ସୁତର**
**ହିଡ଼ରେ ନ ଥାଏ ପାଣି**
**ଉତ୍ତମ ଲୋକଟି କପଟ ନ ଥାଏ**
**କଥା ପଦିକରୁ ଜାଣି।**

ଧାନ ଚେରଟି ସଫାସୁତୁରା ଦେଖାଯାଏ। ସେମିତି ଉତ୍ତମ ଲୋକଟିର ହୃଦୟ ମଧ୍ୟ ନିର୍ମଳ ତଥା ନିଷ୍କପଟ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନୂଆ ନୂଆ ବେଳେ କେତେ ଆଦର**
**ପୁରୁଣା ହୋଇଲେ ତୁଠ ପଥର।**

ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା ପ୍ରତି ସମସ୍ତଙ୍କ ମନରେ ଆଦର ଭାବ ରହିଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତା'ଠାରୁ ମନ ଛାଡ଼ିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୮ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ଆଂଶିକ ପ୍ଲଟରେ ବେଆଇନ ପଞ୍ଜୀକରଣ

ଭୁବନେଶ୍ୱର,୧୧।୪(ରବିନାରାୟଣ ଜେନା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ବିନା ଅନୁମୋଦନରେ ୧୦୦ରୁ ଅଧିକ କେତେ ଆଂଶିକ ପ୍ଲଟ ପଞ୍ଜୀକରଣ ହୋଇଛି ତା'ର ସଦ୍ୟତମ ରିପୋର୍ଟ ତ୍ୱରିତ୍ ଜଣାଇବାକୁ ସରକାରଙ୍କ ପକ୍ଷରୁ ରାଜ୍ୟ ଆରକ୍ଷୀ ନିରୀକ୍ଷକ(ପଞ୍ଜୀକରଣ) ବା ଆଇଜିଆର୍‌ଙ୍କୁ କୁହାଯାଇଛି। ଏସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଯୁଗ୍ମସଚିବ ମଳୟ କୁମାର ନାୟକ ବୁଧବାର ଆଇଜିଆର୍‌ଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ବିଡିଏରେ କେତେ ପାର୍ଟ ପ୍ଲଟ୍ ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ୧୦୦ରୁ ଅଧିକ ପ୍ଲଟ୍ ପଞ୍ଜୀକରଣ ହୋଇଛି ତା'ର ତଥ୍ୟ ପ୍ରଦାନ କର। ଏହାସହିତ ମଳୟ ଆଉ ଏକ ପତ୍ରରେ ଦର୍ଶାଇଛନ୍ତି, ବିଡିଏ ଅଧୀନସ୍ଥ ବାଲିଅନ୍ତା, ବାଲିପାଟଣା, ଜଟଣୀ, ଖଣ୍ଡଗିରି, ଖୋର୍ଦ୍ଧା ଓ ଭୁବନେଶ୍ୱର ଉପନିବନ୍ଧକ କାର୍ଯ୍ୟାଳୟରେ ୨୦୨୨ରୁ ୨୦୨୪ ବର୍ଷ ମଧ୍ୟରେ ୨୨ହଜାର ୧୭୬ଟି ଆଂଶିକ ପ୍ଲଟ ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ୭୩୬୦ ପାର୍ଟପ୍ଲଟ୍ ଏହି ୬ଟି ଉପନିବନ୍ଧକ କାର୍ଯ୍ୟାଳୟ ବିନା ବିଡିଏ ଅନୁମୋଦନରେ ହୋଇଛି। ଏଥିମଧ୍ୟରେ ଶତାଧିକ ପାର୍ଟ ପ୍ଲଟ ପଞ୍ଜୀକରଣ ତାଲିକାରେ ବାଲିଅନ୍ତା ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକାରୀ ଯୋଗୀନାଥ ଦାସ ୨୮୭ଟି ପାର୍ଟ ପ୍ଲଟ୍ ପଞ୍ଜୀକରଣ କରିଥିବାବେଳେ ସରୋଜ କୁମାର ପଣ୍ଡା ୧୧୦ଟି, ବାଲିପାଟଣା ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକାରୀ ମୃତ୍ୟୁଞ୍ଜୟ ତ୍ରିପାଠୀ ୧୧୬, ପ୍ରାଚୀ ପ୍ରିୟଦର୍ଶିନୀ ୬୪୧, ପୁରୁଷୋତ୍ତମ ଦାଶ ୧୦୬ଟି ପଞ୍ଜୀକରଣ କରିଛନ୍ତି। ସେହିପରି ଜଟଣୀ ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକାରୀ ହୃଷୀକେଶ ତ୍ରିପାଠୀ ୧୭୬୫, ମଧୁସ୍ମିତା ନନ୍ଦ ୧୧୭, ରମେଶ ଚନ୍ଦ୍ର ମଲ୍ଲିକ ୧୩୯୦, ବିଞ୍ଜେଶ ରଞ୍ଜନ ନାଏକ ୪୧୦୪ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଥିବାବେଳେ ଖଣ୍ଡଗିରି ପଞ୍ଜୀକରଣ କାର୍ଯ୍ୟାଳୟରେ ପଞ୍ଜୀକରଣ ଅଧିକାରୀ ଜିତୁ ବେହେରା ୫୪୯, ମନୋଜ କୁମାର ସେନାପତି ୩୭୪୦ ଓ ବିଶ୍ୱଜିତ ପ୍ରଧାନ ୪୦୧ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଛନ୍ତି। ଏହାସହିତ ଖୋର୍ଦ୍ଧା ପଞ୍ଜୀକରଣ ଅଧିକାରୀ ସନାତନ ମଲ୍ଲିକ ୫୯୧, ଅପୂର୍ବ ରଞ୍ଜନ ଆଇଚ ୩୨୭ ଏବଂ ବିଜୟ କୁମାର ସେଠୀ ୩୮୧ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଥିବାବେଳେ ଭୁବନେଶ୍ୱର ପଞ୍ଜୀକରଣ ଅଧିକାରୀ ଜ୍ଞାନରଞ୍ଜନ ସାହୁ ୫୪୯୯, ପବିତ୍ର କୁମାର ସାମଲ ୧୪୫୫ ଏବଂ ସ୍ମିତା ରଥ ୨୬୮ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଛନ୍ତି। ଏହି ଅଧିକାରୀମାନେ ୧୦୦ରୁ ଅଧିକ ପାର୍ଟପ୍ଲଟ ବିଡିଏର ବିନା ଅନୁମୋଦନରେ କରିଥିବାରୁ ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବେଳେ ୪ଟି ଦିଗକୁ ଧ୍ୟାନ ଦେବାକୁ ହେବ। ସାଧାରଣ ପ୍ରଶାସନ ବିଭାଗର ୨୦୧୫ ସର୍କୁଲାର ଅନୁଯାୟୀ ପାର୍ଟପ୍ଲଟ ପଞ୍ଜୀକରଣ ବିନା ବିଡିଏ ଅନୁମୋଦନରେ ହୋଇଛି ବୋଲି ତା'ର ପ୍ରମାଣ ବିବରଣୀରେ ଦେବାକୁ ପଡ଼ିବ। ଏହାସହିତ ଅଭିଯୋଗକାରୀଙ୍କ କପି ସଂଲଗ୍ନ କରିବା ସହିତ ସଂପୃକ୍ତ ସାକ୍ଷୀଙ୍କ ତାଲିକା ଉଲ୍ଲେଖ ଆବଶ୍ୟକ। ସେହିପରି ଆଇଜିଆର୍‌ଙ୍କ ପକ୍ଷରୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବେଳେ ବଳିଷ୍ଠ ପ୍ରମାଣ ବିବରଣୀ ଦେବାକୁ ହେବ ବୋଲି ମଳୟ ପତ୍ରରେ ଦର୍ଶାଇଛନ୍ତି।

ବିଡିଏରେ ପାର୍ଟ ପ୍ଲଟ ପଞ୍ଜୀକରଣଜନିତ ବିଭାଗୀୟ ପଦକ୍ଷେପକୁ ନେଇ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, କେବଳ ଯେ ବିଡିଏ ଅଞ୍ଚଳରେ ବେଆଇନ ଭାବେ ପାର୍ଟ ପ୍ଲଟ୍ ପଞ୍ଜୀକରଣ ହୋଇଛି ତାହା ନୁହେଁ, ସିଡିଏ ଓ ପିକେଡିଏ ଭଳି ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଏହିଭଳି ବହୁ ପାର୍ଟପ୍ଲଟ୍ ବେଆଇନ ଭାବେ ପଞ୍ଜୀକରଣ ହୋଇଛି। ରାଜ୍ୟ ସରକାର ଏସବୁର ତଦନ୍ତ କରି ତ୍ୱରିତ୍ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି।

# ବାଘଚମଡ଼ା ଜବତ, ଜଣେ ଗିରଫ

ଖପ୍ରାଖୋଲ,୧୧।୪ (ଅଭୟ ତ୍ରିପାଠୀ)



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ତେଲେନାପାଲି ପଞ୍ଚାୟତ ଯମୁନାପାଲି ଗାଁରେ ବନ ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ଚଢ଼ାଉ କରାଯାଇ ଏକ କଲରାପତରିଆ ବାଘ ଚମଡ଼ା ଜବତ ହୋଇଛି । ଏହି ଘଟଣାରେ ଯମୁନାପାଲି ଗାଁର କୈଳାସ କଠାର (୫୫)ଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଅଭିଯୁକ୍ତ ଜଣକ କଲରାପତରିଆ ବାଘ ଶିକାରକରି ଏହାର ଚମଡ଼ା ଘରେ ରଖିଥିବା ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ବଲାଙ୍ଗୀର ଏସିଏଫ୍ ମାନସ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ରେଞ୍ଜ ଅଧିକାରୀ ସୁନୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇ ଅଭିଯୁକ୍ତ କୈଳାସଙ୍କ ଘରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ଏକ କଲରାପତରିଆ ବାଘର ଚମଡା (୧୪୬ ସେମି ଲମ୍ବ ଓ ୫୧ ସେମି ଓସାର) ଜବତ ହୋଇଥିଲା। ଏନେଇ ଏକ ମାମଲା (ଓଆର୍ ୧୧/୨୦୨୪-୨୫) ରୁଜୁ ହୋଇଛି । ଏହି ଘଟଣାରେ ଲିପ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତଦନ୍ତ ଚାଲିଥିବା ବନ ବିଭାଗ ସୂଚନା ଦେଇଛି। ମୃତ ବାଘର ବୟସ ୧୦ ବର୍ଷ ହେବ ବୋଲି ଜଣାଯାଇଛି। ଏହି ଚଢ଼ାଉରେ ଖପ୍ରାଖୋଲ ଫରେଷ୍ଟର ସୁଧୀର କୁମାର ଜେନା, ରେଙ୍ଗାଲି ଫରେଷ୍ଟର ବିପିନ ବିହାରୀ ସାହୁ, ବେଦେର ଫରେଷ୍ଟର ସନ୍ଧ୍ୟାରାଣୀ ସେଠ, ହରିଶଙ୍କର ଫରେଷ୍ଟର ରଞ୍ଜିତ କୁମ୍ଭାର, ବନରକ୍ଷୀ ସଞ୍ଜୀବ ପଧାନ, ଉମାବତୀ ଭୁଇ, ସଞ୍ଜୀବ ନାଏକ, ମଞ୍ଜୁ କୁମ୍ଭାରଙ୍କ ସମେତ ବନ୍ୟଜନ୍ତୁ ସ୍କାଡ୍ ସାମିଲ ଥିଲେ। ଖପ୍ରାଖୋଲ ଅଞ୍ଚଳରେ ପ୍ରଥମ କରି ବନ୍ୟଜନ୍ତୁ ସୂଚୀ -୧ର ଏକ ପ୍ରାଣୀର ଚମଡା ଜବତ ହୋଇଛି । ଖପ୍ରାଖୋଲ ଅଞ୍ଚଳରେ ପାହାଡ଼, ଜଙ୍ଗଲ ରହିଥିବା ବେଳେ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ରହିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ଜୀବନଗଲା

ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଶୁକ୍ରବାର ସକାଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବାସନ୍ତୀ ରାଉତରାୟ(୬୦)।

ସୂଚନା ମୁତାବକ, ବାସନ୍ତୀ ସକାଳ ପ୍ରାୟ ୬ଟାରେ କୌଣସି କାମରେ ବାହାରକୁ ଯାଇଥିଲେ। ସେ ଶୌଚ କାର୍ଯ୍ୟ ପାଇଁ ଯାଇଥିଲେ ବୋଲି କେହି କହୁଥିବା ବେଳେ ନିଜର କାଜୁ ବଗିଚାକୁ ମଞ୍ଜି ତୋଳିବାକୁ ଯାଉଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ ଗ୍ରାମ ନିକଟରେ ବିଚରଣ କରୁଥିବା ଏକ ହାତୀ ହଠାତ୍ ବାସନ୍ତୀଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲା। ହାତୀ କବଳରୁ ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁକରି ତଦନ୍ତ ଚଳାଇଛି।



## Tender Call Notice

**No.CAD-91:** Odisha Rail Infrastructure Development Limited (ORIDL) invites sealed tenders for hiring of passenger cars (03 Nos.) for a period of two years from reputed transport agencies/ firms. Tender document and details of the work are available in website **http://oridl.in/current-tenders/.**

Last date for submission of tender is **13.05.2025 at 03.00 P.M.**

OIPR-13228/11/0002/2425 — Sd./- Director (BD & F)

## OFFICE OF THE DEAN & PRINCIPAL
## FAKIR MOHAN MEDICAL COLLEGE & HOSPITAL, BALASORE

Remuna, Balasore, Odisha - 756019
E-mail: dean.fmmchb@gmail.com Tel.: 06782-224901, Web: blsmch.nic.in

**WALK-IN-INTERVIEW FOR ENGAGEMENT OF THE POST OF JUNIOR RESIDENT, SENIOR RESIDENT & TUTOR ON CONTRACTUAL BASIS AT FM MCH, BALASORE**

No. E-16: Eligible candidates are invited for Walk-in-Interview for the Posts of Junior Resident, Senior Resident & Tutor on contractual basis at FMMCH, Balasore. The Walk-in-Interview is scheduled to be held on 15.04.2025 at 11.00 A.M. in the Office of the Dean & Principal, FMMCH, Balasore. The details eligibility criteria, selection procedure, application form along with other terms & conditions are available in district website i.e. **www.balasore.odisha.gov.in** as well as our official website i.e. **www.blsmch.nic.in**.

Sd./- Dean & Principal
Fakir Mohan Medical College & Hospital, Balasore
OIPR-10134/11/0042/2425

## STATE SELECTION BOARD
### Higher Education Department
Unit-II, Ashok Nagar, Bhubaneswar-9
Web-site: - www.ssbodisha.ac.in/ E-mail:-ssbdeptofhe@gmail.com

### NOTICE
**No.SSB(EX)32/2025 600/SSB Dated 09.04.2025**

**No.N-06:** It is for information of all concerned that, the Common PG Entrance Test (CPET)-2025 is scheduled to held from 05.05.2025 (Monday) to 13.05.2025 (Tuesday) in different subjects as per the following schedule.

**Common P.G. Entrance Test-2025 (Examination Schedule)**

| Date | 1st Sitting 09.00 A.M.-10.20 A.M. (10.50 A.M. for PwD Candidates) | 2nd Sitting 11.30 A.M.- 12.50 P.M. (1.20 P.M. for PwD Candidates | 3rd Sitting 3.00 P.M.-4.20 P.M. (4.50 P.M. for PwD Candidates) |
|---|---|---|---|
| | Subjects | Subjects | Subjects |
| 5-May-25 Monday | Commerce, Economics, Electronic Science | Environmental Science Education | Physics Microbiology |
| 6-May-25 Tuesday | English, Geology, Wildlife & Biodiversity, Conservation | Psychology | Zoology, History |
| 7-May-25 Wednesday | Odia, Atmospheric Science, Marine Science-Marine Biology | Public Health Marine Science Oceanography Women Studies | Philosophy |
| 8-May-25 Thursday | Home Science | Food Science & Nutrition Linguistics | Rural Development |
| 9-May-25 Friday | Public Administration | Computer Science | Political Science |
| 10-May-25 Saturday | Chemistry | Biotechnology | Library & Information Science |
| 11-May-25 Sunday | Mathematics, Botany | Journalism and Mass Communication | Tourism and Travel Studies Urdu, Santali, Sanskrit |
| 12-May-25 Monday | PMIR/IRPM | Social Work | Yoga & Naturopathy |
| 13-May-25 Tuesday | Anthropology (Arts) Anthropology (Science), Statistics | Geography, Hindi, Sociology, Law | Business Administration Population Studies |

1. State Selection Board, Odisha reserves every right to change the dates without mentioning any reasons thereof. Any change in the dates will be published in the newspapers as well as in the official website of State Selection Board, Odisha: www.ssbodisha.ac.in. 2. Candidates can download their Hall Tickets (Admit Cards) from the official website of State Selection Board w.e.f. **28.04.2025** (11.00 A.M. onwards) by entering their **Roll No.** and **Date of Birth.**

OIPR-11015/11/0019/2425 — **Sd./- Secretary**

## ODISHA PUBLIC SERVICE COMMISSION
19, DR. P.K. PARIJA ROAD, CUTTACK-753001
**ADVERTISEMENT NO. 01 OF 2025-26**
NO.D-08 — **Website - https://opsc.gov.in**

| | |
|---|---|
| I. | Assistant Director of Factories and Boilers (Group-A) (JB) Odisha Factories and Boilers Inspection Service Cadre under the Labour and Employees' State Insurance Department |
| II. | No. of Vacancies-02 |

Online applications are invited from the prospective candidates through the Proforma Application Form to be made available on the WEBSITE (http://opsc.gov.in). The link for registration and submission of online application shall be available from **16.04.2025 to 15.05.2025 (Note- 15.05.2025 is the last date/closing date for submission of Registered Online Application)** for recruitment to **02** posts of Assistant Director of Factories & Boilers in the Group-A (JB) of Odisha Factories and Boilers Inspection Service Cadre under Labour & ESI Department in the scale of pay Rs. 56100/- in Level-12, Cell-1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government from time to time. The Examination will be conducted in accordance with the provisions of the Odisha Factories and Boilers Inspection Service (Recruitment and Conditions of Service) Rules, 1984 as amended from time to time.

2. **VACANCY POSITION** :
As per requisition filed by the Labour and ESI Department, Government of Odisha, **the vacancy position for the post of Assistant Director of Factories and Boilers is 02 i.e. UR-01 & SEBC- 01.**

3. **AGE** :
A candidate must have attained the age of 21 years and must not be above the age of 32 years as on the **1st August, 2025,** i.e. he/ she must not have been born earlier than **2nd August, 1993** and not later than **1st August, 2004**.

4. **EDUCATIONAL QUALIFICATION** :
A candidate **should hold a Degree in Mechanical Engineering** of a recognised University or any qualification declared by the Union or State Public Service Commission as equivalent thereto and **should have practical experience of at least 2 years** in a workshop or manufacturing concern of good standing or in design, construction, operation or maintenance of boilers.

Note :
**1. The degrees/ subjects which are equivalent to a Degree in Mechanical Engineering are :**
- A Mechanical Engineering Degree obtained from any institute, which is recognized by AICTE or
- A Mechanical Engineering Degree obtained from "The Institution of Engineers" or
- A Mechanical Engineering Degree obtained from "Institution of Mechanical Engineers (India)".

**2. The Certificate showing Practical Experience of at least 2 years must have been obtained after completion of Degree in Mechanical Engineering.**
**3. The Authority competent to issue the Practical Experience Certificate shall be :**
- Owner of the unit in case of a proprietorship firm ;
- Any one of the partner, in case of a partnership firm;
- Anyone of the Director or Unit Head or HR Head in case of a Private Limited firm.
- The unit Head or HR Head in case of a Public Limited firm

**4. Candidates are to upload their Practical Experience Certificate along with the online application form.**

5. **METHOD OF SELECTION** :
The method of selection will consist of the following stages :
a. Written Examination (Objective Type) - 300 marks
i. Paper-I – 100 marks - 100 questions } Each paper
ii. Paper-II - 200 marks - 100 questions } duration - 2 hours
(Negative markings for wrong answers - **25 (twenty-five) percent** of marks allotted to a particular item (question) will be deducted as negative marking for every wrong response (answer).
b. Interview - 30 (thirty) marks (No minimum qualifying mark)
**The details of Plan of Examination, Scheme, Subjects & Syllabus for the Written Examination is available in the Long Advertisement.**

6. **WRITTEN EXAMINATION** :
The Written Examination will be conducted on 3rd August, 2025 (Sunday). The detailed schedule and centers for the Examination will be intimated in due course.

7. **HOW TO APPLY** :
Candidates must go through the details of this Advertisement available on the website of OPSC before filling up of online application form.
Candidates must apply online though the website of OPSC http://opsc.gov.in. Applications received through any other mode would not be accepted and summarily be rejected.

CUTTACK
DT - 10.04.25
OIPR-12002/11/0184/2425
Sd./- SECRETARY
ODISHA PUBLIC SERVICE COMMISSION
CUTTACK

## OFFICE OF THE DEPUTY DIRECTOR
## NANDANKANAN ZOOLOGICAL PARK
P.O.:BARANG, DIST-KHURDA,PIN-754005
PHONE NO.-9437022023
Email: deputydirector.kanan@gmail.com
Web: www.nandankanan.org
NANDANKANAN CONSERVE | EDUCATE | INSPIRE

### TENDER NOTICE
**Notice No.12/NKZP/2025-26, Date:10.04.2025**

**No.MM-06:** The Nandankanan Zoological Park Authority, Bhubaneswar invites Tender in sealed cover from individuals/firms etc. for the supply of Animal Feed & Fodder to Nandankanan Zoological Park, Bhubaneswar for one financial year 2025-26 for Zoo animals. The detailed terms and conditions alongwith tender documents shall be available at the website: www.nandankanan.org from **10.04.2025** onwards. The last date of submission of bid is upto 24.04.2025 at 05.00 PM and date of opening is on **25.04.2025 at 11.00 AM.**

Nandankanan Zoological Park Authority reserves the right to cancel this invitation and issue fresh Bid with or without amendments to this invitation, without any liability/ obligation for such invitation and assigning any reason. NKZP reserves the right to accept or reject any or all proposals without assigning any reason whatsoever.

Sd./- Deputy Director
OIPR-08070/11/0063/2425 — Nandankanan Zoological Park

## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.
Utkalika
ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼,
ଭବନେଶ୍ୱର-୭୫୧୦୧୦ (ଓଡ଼ିଶା), ଫୋନ୍: ୦୬୭୪-୨୯୭୫୩୯୦
GSTN: 21AAAAO0096K2ZQ
E-mail: oschcutkalika@gmail.com, Website: www.utkalikaodisha.com

ଚିଠି ନଂ. ୧୧୮୪ — ତାରିଖ: ୧୦।୦୪।୨୫

### ଶାଣ ପଥର ନିମନ୍ତେ ବିଜ୍ଞପ୍ତି

No. CAD-95: ଏତଦ୍ୱାରା ଓଡ଼ିଶାର ସମସ୍ତ ବ୍ୟକ୍ତିଗତ ପ୍ରସ୍ତର ଶିଳ୍ପୀ/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ/ରେଜିଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ସୁଲଭ ମୂଲ୍ୟରେ ଶାଣ ପଥର କଞ୍ଚାମାଲ ଯୋଗାଇ ଦେଉଅଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ଆବଶ୍ୟକ ହେଉଥିବା ସାଇଜ ଶାଣ ପଥର କଞ୍ଚାମାଲ ନିମ୍ନ ପ୍ରଦତ୍ତ ସାରଣୀରେ ପୂରଣ କରି ପରିଚାଳନା ନିର୍ଦ୍ଦେଶିକା, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଡି-୨/୩ ଏବଂ ୪, ରସୁଲଗଡ଼ ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ ଠିକଣାରେ ତା୩୦।୦୪।୨୦୨୫ରିଖ ସୁଦ୍ଧା ଆବେଦନ କରିପାରିବେ।

**ଆବେଦନ ପତ୍ର**

| କ୍ରମିକ ନଂ. | ବିବରଣୀ | ସାଇଜ | ପରିମାଣ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

ଆବେଦନକାରୀଙ୍କ ନାମ ଓ ଠିକଣା:
ଦୂରଭାଷ/ମୋବାଇଲ ନଂ.:
ସ୍ୱାକ୍ଷର:
ସ୍ୱା./- ପରିଚାଳନା ନିର୍ଦ୍ଦେଶିକା
ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଭୁବନେଶ୍ୱର
OIPR-31041/11/0054/2425

## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.
Utkalika
ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼,
ଭବନେଶ୍ୱର-୭୫୧୦୧୦ (ଓଡ଼ିଶା), ଫୋନ୍: ୦୬୭୪-୨୯୭୫୩୯୦
GSTN: 21AAAAO0096K2ZQ
E-mail: oschcutkalika@gmail.com, Website: www.utkalikaodisha.com

ଚିଠି ନଂ. ୧୧୮୩ — ତାରିଖ: ୧୦।୦୪।୨୫

### ଚୂନାର ପଥର ନିମନ୍ତେ ବିଜ୍ଞପ୍ତି

No. CAD-94: ଏତଦ୍ୱାରା ଓଡ଼ିଶାର ସମସ୍ତ ବ୍ୟକ୍ତିଗତ ପ୍ରସ୍ତର ଶିଳ୍ପୀ/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ/ରେଜିଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ସୁଲଭ ମୂଲ୍ୟରେ ଚୂନାର ପଥର କଞ୍ଚାମାଲ ଯୋଗାଇ ଦେଉଅଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ଆବଶ୍ୟକ ହେଉଥିବା ସାଇଜ ଚୂନାର ପଥର କଞ୍ଚାମାଲ ନିମ୍ନ ପ୍ରଦତ୍ତ ସାରଣୀରେ ପୂରଣ କରି ପରିଚାଳନା ନିର୍ଦ୍ଦେଶିକା, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଡି-୨/୩ ଏବଂ ୪, ରସୁଲଗଡ଼ ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ ଠିକଣାରେ ତା୩୦।୦୪।୨୦୨୫ରିଖ ସୁଦ୍ଧା ଆବେଦନ କରିପାରିବେ।

**ଆବେଦନ ପତ୍ର**

| କ୍ରମିକ ନଂ. | ବିବରଣୀ | ସାଇଜ | ପରିମାଣ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

ଆବେଦନକାରୀଙ୍କ ନାମ ଓ ଠିକଣା:
ଦୂରଭାଷ/ମୋବାଇଲ ନଂ.:
ସ୍ୱାକ୍ଷର:
ସ୍ୱା./- ପରିଚାଳନା ନିର୍ଦ୍ଦେଶିକା
ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଭୁବନେଶ୍ୱର
OIPR-31041/11/0055/2425

See Career Appointment on every Wednesday & Saturday

## O/O CHIEF DISTRICT MEDICAL & PUBLIC HEALTH OFFICER
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION, BALASORE
e-mail : dpmubal@gmail.com

**No.E-13** : Sealed Tenders are invited by the CDM & PHO cum District Mission Director, NHM, Balasore from the established and reputed Printers/ Agencies for the following purposes.

**All kinds of Printing Activities & Erection of Hoarding**

Interested bidders may send their completed bids in double cover system (Technical & Financial) super scribing the Tender Notification No : 5420 and Date : 10.04.25 on the top of the Bid envelope addressing clearly to the CDM & PHO, Balasore. PIN : 756001. Bidders are advised to visit the District website www.baleswar.odisha.gov.in for detailed tender requirements. Last date for receipt of Tender is 05.05.2025 latest by 5.30 P.M. through Speed Post/Regd. Post (India post only) and the bids so received will be opened on 06.05.2025 at 11.30 A.M. in the official chamber of the CDM & PHO, Balasore. The bidders are advised to keep in touch with the district website for addendum or corrigendum if at all required till the last date. No publication in the newspaper will further be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director, NHM, Balasore
OIPR-10032/11/0015/2425

## Government of Odisha "e" procurement Notice
**Bid Identification No. TENDER ONLINE**
No.O-39 — **SNPR - 01 OF 2025-26**
Letter No. 1869 — Dated : 09.04.2025

| | | |
|---|---|---|
| 1. | Name of the Work | : Building Works as per DTCN available in the website www.tendersodisha.gov.in |
| 2. | Total No. of Work | : 06 (Six) Nos. |
| 3. | Approximate Estimated Cost | : Vary from Rs. 29.02 lakh to Rs. 39.24 lakh |
| 4. | Period of Completion | : 6 (Six) Calendar months |
| 5. | Period and time of availability of bid document in the portal for bidding | : 11.04.2025 at 11.00 A.M. to 22.04.2025 up to 5.00 P.M. |
| 6. | Date and time of opening of Tender | : 23.04.2025 at 11.00 A.M. (Technical Bid) & (Financial Bid will be intimated later on) |
| 7. | Name and address of the Officer Inviting Bid | : S.E.,R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in the website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
OIPR-25054/11/0030/2425 — Rural Works Division, Sonepur

## OFFICE OF THE EXECUTIVE ENGINEER, P.H. DIVISION, ANGUL
No. C-69
Ph. (06764) 296431, Email: eephangul@yahoo.in
**GOVERNMENT OF ODISHA**
**Bid Identification No. SE PH Division Angul - 01/2025-26 Dt.05.04.2025**

| | | |
|---|---|---|
| 1. | Name of the Work | 01 (One) No. |
| 2. | Type of Bid | Double Bid System |
| 3. | Estimated Cost | Rs.83.12 Lakhs |
| 4. | Period of Completion | 03 (Three) Months |
| 5. | Date & time of availability of Bid document in the Portal | From 10.00 A.M. of 11.04.2025 to 5.00 P.M. of 25.04.2025 |
| 6. | Last date/time of receipt of bids in the Portal | 5.00 P.M. of 25.04.2025 |
| 7. | Date & time of Opening of Technical Bids | At 11.00 A.M. of 28.04.2025 |
| 8. | Name & address of the Officer Inviting Bid | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website. | |

Sd./- (Er. Prasanta Behera)
Superintending Engineer, P.H. Division, Angul
OIPR-13056/11/0017/2425

# ଏଏନ୍‌ଏମ୍‌, ଆଶାକର୍ମୀଙ୍କ ମାଧ୍ୟମରେ ଦିଆଯିବ କାର୍ଡ

ବ୍ରହ୍ମପୁର,୧୧।୪(ସୁବାସ ଚନ୍ଦ୍ର ପାଢ଼ୀ)

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମଜେଏୱାଇ) ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନା (ଜିଜେଏୱାଇ)ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କଟକଠାରେ କରିଛନ୍ତି। ବ୍ରହ୍ମପୁରର ଆସିକା ରୋଡସ୍ଥିତ ସରକାରୀ ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ବାଣିଜ୍ୟ, ଖଣି, ପରିବହନ ଓ ଇସ୍ପାତ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦଘାଟନ କରିଛନ୍ତି। ମନ୍ତ୍ରୀ ଜେନା କହିଥିଲେ ଯେ, ଏହି କାର୍ଡ ସମନ୍ୱିତ ଯୋଜନାର ଏକକ କାର୍ଡ । ଉକ୍ତ ଯୋଜନାରେ ଗଞ୍ଜାମ ଜିଲାରେ ୨୮.୯୨ ଲକ୍ଷ ହିତାଧିକାରୀ ଉପକୃତ ହୋଇପାରିବେ। ବିଶେଷ କରି ବର୍ଷକୁ ପରିବାର ପିଛା ୫ ଲକ୍ଷ ଓ ମହିଳା ସଦସ୍ୟାଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ମିଳିପାରିବ। ବୟୋ ବନ୍ଦନା ଯୋଜନା ଅନ୍ତର୍ଭୁକ୍ତ ବରିଷ୍ଠ ନାଗରିକମାନଙ୍କୁ (୭୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ବ୍ୟକ୍ତି) ମଧ୍ୟ ଦେଶର ୨୯,୦୦୦ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପାଇପାରିବେ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳିଥିଲା। କିନ୍ତୁ ଏହି ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ଉପଲବ୍ଧ ହେବ। ଏହି ଯୋଜନାରେ କେନ୍ଦ୍ରୀୟ ଅନୁଦାନ ଯୋଗାଇ ଦିଆଯିବ। ହିତାଧିକାରୀଙ୍କ ପାଇଁ ଇକେୱାଇସି ସହ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ହେବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ପ୍ରାୟ ୩.୫ କୋଟିରୁ ଅଧିକ ପଛୁଆ ବର୍ଗ ଲୋକ ଏହି ଯୋଜନାରେ ସୁବିଧା ପାଇବାକୁ ଯୋଗ୍ୟ। ନିଜର ଚିହ୍ନଟ ନିମନ୍ତେ ହିତାଧିକାରୀ ଉଭୟ କାର୍ଡ ସହିତ ଆଧାର କାର୍ଡ, ରାସନ କାର୍ଡ ନେଇ ହସ୍ପିଟାଲକୁ ଯିବା ଆବଶ୍ୟକ। ଏହି କାର୍ଡ ପ୍ରତି ପରିବାରକୁ ପର୍ଯ୍ୟାୟକ୍ରମେ ଏଏନଏମ ଓ ଆଶା ଦିଦିଙ୍କ ମାଧ୍ୟମରେ ଯୋଗାଇ ଦିଆଯିବ। ତେଣୁ ଏଥିପାଇଁ କୌଣସି ବ୍ୟସ୍ତ ହେବା ଆବଶ୍ୟକ ନୁହେଁ ବୋଲି ମନ୍ତ୍ରୀ ଜେନା କହିଥିଲେ। ମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି କାର୍ଡ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଯଦି କୌଣସି ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସେବା ଦରକାର ହୁଏ ତେବେ ସେମାନେ ନିଜ ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନଚେତ ଆଧାର କାର୍ଡ କିମ୍ବା ରାଶନ କାର୍ଡ ବ୍ୟବହାର କରି ଏହି ସୁବିଧା ପ୍ରତ୍ୟେକ ପଂଜିକୃତ ହସ୍ପିଟାଲରେ ପାଇପାରିବେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ପରିଚାଳନା କରିଥିଲେ। ଜିଲାର ୯୩ ଗ୍ରାମୀଣ ପ୍ରାଥମିକ ଓ ୮ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

**ଏବିପିଏମଜେଏୱାଇ ଓ ଜିଜେଏୱାଇର ଶୁଭାରମ୍ଭ**



ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କାର୍ଯ୍ୟକ୍ରମକୁ ଉଦଘାଟନ କରୁଛନ୍ତି।

## ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ପରେ ଫଟୋ ଭାଇରାଲ ଘଟଣା: ଅଭିଯୁକ୍ତ ଗଲେ ଜେଲ,ମୋବାଇଲ ଜବତ

ବ୍ରହ୍ମପୁର,୧୧।୪(ସୁବାସ ଚନ୍ଦ୍ର ପାଢ଼ୀ) ବାଙ୍ଗାଲୋରରେ ରହୁଥିବା ଗୋଷାଣିନୁଆଗାଁ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ପରେ ଫଟୋ ଭାଇରାଲ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ବାଙ୍ଗାଲୋରରୁ ଗିରଫ କରି ବ୍ରହ୍ମପୁର ଆଣିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଜେଲରୋଡର କ୍ରିଷ୍ଣା ନାୟକ(୩୯) । ପୋଲିସ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତ କ୍ରିଷ୍ଣା ମଧ୍ୟ ଭିନ୍ନକ୍ଷମ। ତାଙ୍କୁ ବ୍ରହ୍ମପୁର ଏସଡ଼ିଜେଏମ କୋର୍ଟରେ ହାଜର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ମହିଳା ନିଜ ଦିବ୍ୟାଙ୍ଗ ସ୍ୱାମୀଙ୍କ ସହ ବେଙ୍ଗାଲୋରରେ ରହି କାମ କରୁଥିଲେ । ସେମାନଙ୍କ ସହ କ୍ରିଷ୍ଣାଙ୍କ ପୂର୍ବରୁ ପରିଚୟ ରହିଥିଲା । ଅଭିଯୋଗକାରୀ ମହିଳା ଓ ତାଙ୍କ ସ୍ୱାମୀ ବେଙ୍ଗାଲୋରର ଯେଉଁ ଆପାର୍ଟମେଣ୍ଟରେ ରହୁଥିଲେ ସେଠାରେ କ୍ରିଷ୍ଣା ନିଜ ପରିବାର ସହ ରହୁଥିଲେ। କିଛି ଦିନ ତଳେ କ୍ରିଷ୍ଣା ସଂପୃକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ । ସେ ସମୟରେ ସେ ନିଜ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ । ପରେ କ୍ରିଷ୍ଣା ପୁଣି ଥରେ ଶାରୀରିକ ସମ୍ପର୍କ ରଖିବାକୁ ତାଙ୍କୁ ବାଧ କରିଥିଲେ । ହେଲେ ମହିଳା ଜଣଙ୍କ ସମ୍ପର୍କ ରଖିବାକୁ ମନା କରିବାରୁ ଫଟୋଗୁଡ଼ିକୁ ଭାଇରାଲ କରି ଦେଇଥିଲେ। ଅଭିଯୋଗକାରୀ ମହିଳା ଜଣଙ୍କ ବ୍ରହ୍ମପୁର ନିଜ ଘରକୁ ଆସିଥିବା ବେଳେ ତାଙ୍କ ଫଟୋ ଭାଇରାଲ ହେଉଥିବା ଜାଣିବା ପରେ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

## ଆକ୍ରମଣ ଅଭିଯୋଗରେ ବାପପୁଅ ଗିରଫ

ବୁଗୁଡା,୧୧।୪(କାଳିଚରଣଦାଶ): ବୁଗୁଡା ଥାନା ଅନ୍ତର୍ଗତ ବରଡିପଲ୍ଲୀ ଗ୍ରାମରେ ଜନୈକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଶୁକ୍ରବାର ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ବରଡିପଲ୍ଲୀ ଗ୍ରାମର ଯୋଗୀ ପ୍ରଧାନ ଓ ତାଙ୍କ ପୁଅ ଦିବ୍ୟଲୋଚନ ପ୍ରଧାନ ଓରଫ ବାବୁଲା। ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ସୁଶାନ୍ତ ବେହେରା ବରଡିପଲ୍ଲୀ ରାସ୍ତାକଡରେ ଥିବା ଏକ ଦୋକାନ ପାଖରେ ଠିଆ ହୋଇଥିଲେ। ଏହି ସମୟରେ ଯୋଗୀ ପ୍ରଚୁର ମଦ୍ୟପାନ କରି ସୁଶାନ୍ତଙ୍କୁ ଗାଳି ଗୁଲଜ କରି ଧମକ ଦେଇଥିଲେ। ସୁଶାନ୍ତ ଏହାର ପ୍ରତିବାଦ କରିବାରୁ ବାପା ଯୋଗୀ ଓ ପୁଅ ବାବୁଲା ଉଭୟେ ମିଶି ତାଙ୍କୁ ଟାଣିନେଇ ପାଖରେ ଥିବା ପୋଖରୀର ଚନ୍ଦିନୀକୁ ନେଇଥିଲେ। ସେଠାରେ ସୁଶାନ୍ତଙ୍କୁ ପୁଅ ବାବୁଲା ଭିଡି ଧରିଥିବା ବେଳେ ବାପା ଯୋଗୀ ଏକ କଟୁରୀରେ ସୁଶାନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ରକ୍ତରେ ଜୁଡୁବୁଡୁ ଅବସ୍ଥାରେ ସୁଶାନ୍ତଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସୁଶାନ୍ତଙ୍କ ବଡଭାଇ ସନ୍ତୋଷ ବେହେରା ବୁଗୁଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୨୨୯/୨୫ରେ ଏକ ମାମଲା ରୁଜୁ କରିଥିଲା। ତେବେ ଏହି ଘଟଣାରେ ଜଡିତ ବାପା ଓ ପୁଅକୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି।

## ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ ଘଟଣା, ଜଣେ ଗିରଫ

ବ୍ରହ୍ମପୁର, ୧୧।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ତାଙ୍କ ପକେଟରୁ ଟଙ୍କା ଲୁଟ ଘଟଣାରେ ଗୋଶାଣିନୁଆଗାଁ ପୋଲିସ ନେହୁରୁନଗରର ରଞ୍ଜିତ ବାହାଦୂର(୪୧)ଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ବ୍ୟବସାୟୀଙ୍କ ନିକଟରୁ ଲୁଟ ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ୭୫୦ଟଙ୍କା ଓ ଘଟଣାରେ ବ୍ୟବହୃତ ଅଭିଯୁକ୍ତଙ୍କ ବାଇକ ଜବତ କରିଛି। ମାମଲା ନଂ ୧୧୫/୨୫ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଅନ୍ୟ ଦୁଇ ସହଯୋଗୀ ଫେରାର ଅଛନ୍ତି। ଉକ୍ତ ଥାନା ଅନ୍ତର୍ଗତ ଜଳେଶ୍ୱର ବିହାର ତୃତୀୟ ଲାଇନରେ ରାଧାଶ୍ୟାମ ଗୁପ୍ତା ରୁହନ୍ତି। ସେ ପ୍ଲଟ ବ୍ୟବସାୟ କରିବା ସହ ଜଣ କବାଡିବାଲା। ଗତ ମାସ ୨୯ ତାରିଖରେ ରଞ୍ଜିତ ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ରଧାଶ୍ୟାମଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ଦାଦାବଟି ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିବା ସହ ଭୟଭୀତ କରିଥିଲେ। ପରେ ଉକ୍ତ ବ୍ୟବସାୟୀଙ୍କ ପକେଟରେ ଥିବା ୨୦ହଜାର ଟଙ୍କା, ଗାଡି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ଲୁଟି ନେଇଥିଲେ। ଘଟଣା ପରେ ନିଜ ଜୀବନ ପ୍ରତି ବିପଦ ଥିବା ନେଇ ଆହତ ବ୍ୟବସାୟୀ ଜଣଙ୍କ ଥାନାରେ ଏତଲା ଦେଇଥିଲେ।

## ଛତ୍ରପୁର ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ

ଛତ୍ରପୁର,୧୧।୪(ସନ୍ତୋଷ ପାଢ଼ୀ/ଦିଲିପ ସାମଲ): ଛତ୍ରପୁର ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ଼. ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ ଉତ୍ସବ ଏକ ଆତ୍ମ ସମୀକ୍ଷାର ଦିବସ ବୋଲି ବିବେଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଗାର୍ଗୀ ବାନାର୍ଜୀ ଯୋଗଦେଇ ଛାତ୍ର ଶକ୍ତି ରାଷ୍ଟ୍ର ଶକ୍ତି ଭାବେ ଗ୍ରହଣ କରି ରାଷ୍ଟ୍ର ନିର୍ମାଣରେ ଛାତ୍ରଙ୍କ ଅବଦାନ ଥିବା କହିଥିଲେ। ଅନ୍ୟତମ ଅତିଥି ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ତାଙ୍କ ବକ୍ତବ୍ୟରେ କଲେଜର ଉନ୍ନତୀ ପାଇଁ ଶିକ୍ଷକଙ୍କ କର୍ମ ତତ୍ପରତା ଆବଶ୍ୟକ ବୋଲି କହିଥିଲେ। ଡ଼. ମିଲିମିତା ପାଢ଼ୀ ସ୍ୱାଗତ ସମ୍ଭାଷଣ ଓ ଡ଼. ଲକ୍ଷ୍ମୀ ନାରାୟଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ଼. ବିଷ୍ଣୁ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ଚଞ୍ଚକତା କରି ସେନା କର୍ମଚାରୀଙ୍କ ୧୨ ଲକ୍ଷ ଠକେଇ

ବ୍ରହ୍ମପୁର,୧୧।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାର ଜଣେ ସେନା କର୍ମଚାରୀଙ୍କୁ ଚଞ୍ଚକତା କରି କରି ୧୨ ଲକ୍ଷ ୩୩ ହଜାର ଟଙ୍କା ଠକେଇ କରିଛନ୍ତି । ଏ ନେଇ ନିମଖଣ୍ଡି ଥାନାରେ ନଂ.୧୦୯/୨୫ ରେ ଏକ ମାମଲା ରୁଜୁ ହୋଇଛି । ଲୋଚାପଡା ଖଞ୍ଜିପଡିଆ ସାହି ବାସିନ୍ଦା ସେନା କର୍ମଚାରୀ ଶିବରାମ ବେହେରା ଅକ୍ଟୋବର ୨୦୨୪ରେ ଲୋଚପଡା ମୌଜାର ପ୍ଲଟ ନଂ ୫୪୨ରେ ଥିବାଏକ ଜମି କ୍ରୟ କରିଥିଲେ । ସେ ଏହି ଜମିଟି ଚିଙ୍କିଟି ଅଞ୍ଚଳର ସୁଧାଂଶୁ ଶେଖର ବେହେରାଙ୍କ ଠାରୁ କିଣିଥିବା ବେଳେ ଲୋଚାପଡାର କୀର୍ତ୍ତନ ସାହୁ ଏଥିରେ ମଧ୍ୟସ୍ଥି ସାଜିଥିଲେ। ତେବେ ଜମି କିଣିବା ବେଳେ ଶିବରାମ ଘରେ ଥିବା ସୁନା ବନ୍ଧା ପକାଇବା ସହ ବ୍ୟକ୍ତିଗତ ଋଣ କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ସେ ମଧ୍ୟସ୍ଥି କୀର୍ତ୍ତନ ସାହୁଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିବା ବେଳେ ଅନଲାଇନରେ ୨ ଲକ୍ଷ ୩୩ ହଜାର ଟଙ୍କା ଦେଇଥିଲେ । କିଛି ଦିନ ପରେ ଶିବରାମ ସେହି ଜମିକୁ ନିଜ ନାମରେ ପଞ୍ଜିକରଣ ମଧ୍ୟ କରାଇଥିଲେ। ହେଲେ ଗତ ଜାନୁଆରୀ ମାସରେ ନକଲି କାଗଜପତ୍ରରେ ଜମି ବିକ୍ରି ଅଭିଯୋଗରେ ମଧ୍ୟସ୍ଥି କୀର୍ତ୍ତନଙ୍କୁ ପୋଲିସ ଗିରଫ କରିଥିଲା । ଏହାପରେ ନିମଖଣ୍ଡି ପୋଲିସ ପକ୍ଷରୁ ଶିବରାମଙ୍କୁ ଫୋନ କରି ଏ ବିଷୟରେ ସୂଚନା ଦିଆଯିବା ସହ ସେ କିଣିଥିବା ଜମିର ଦଲିଲ ଆଣି ଥାନାରେ ଜମା କରିବାକୁ କୁହାଯାଇଥିଲା । କିନ୍ତୁ ଶିବରାମ ରାଜ୍ୟ ବାହାରେ ଡ୍ୟୁଟିରେ ଥିବାରୁ ସେତେବେଳେ ଓଡିଶା ଆସିପାରିନଥିଲେ । କିଛି ଦିନ ତଳେ ସେ ନିଜ ଗ୍ରାମକୁ ଫେରିବା ପରେ ସେ କିଣିଥିବା ଜମିଟି ନକଲି ବୋଲି ଜାଣିବାକୁ ପାଇଥିଲେ । ଅଭିଯୁକ୍ତ କୀର୍ତ୍ତନ ଓ ସୁଧାଂଶୁ କାଜଗପତ୍ର ଜାଲିଆତି କରି ତାଙ୍କୁ ଠକେଇ କରିବା ଉଦ୍ଦେଶ୍ୟ ରଖି ଏହି ଜମିଟି ବିକ୍ରି କରିଥିଲେ ବୋଲି ସେ ଜାଣିବାକୁ ପାଇଥିଲେ । ଉଭୟେ ତାଙ୍କ ଠାରୁ ୧୨ ଲକ୍ଷ ୩୩ ହଜାର ଟଙ୍କା ଠକେଇ କରିଥିବା ନେଇ ଶିବରାମ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି ।

## ସ୍ୱାସ୍ଥ୍ୟ କାର୍ଡ ଦାବି କଲେ ହସ୍ପିଟାଲ କର୍ମଚାରୀ

ଛତ୍ରପୁର,୧୧।୪(ସନ୍ତୋଷ ପାଢ଼ୀ):

ସରକାରୀ କର୍ମଚାରୀଙ୍କୁ କ୍ୟାଶଲେସ୍ ସ୍ୱାସ୍ଥ୍ୟ ବୀମାରେ ସାମିଲ ସହ ପୁରୁଣା ହାରରେ ପେନସନ ପ୍ରଦାନ କରିବାକୁ ଛତ୍ରପୁର ହସ୍ପିଟାଲର ସରକାରୀ କର୍ମଚାରୀମାନେ ଦାବି କରିଛନ୍ତି। ଶୁକ୍ରବାର ହସ୍ପିଟାଲର ସରକାରୀ କର୍ମଚାରୀମାନେ ପ୍ଲାକାର୍ଡ ଧରି ଦାବି ଉପସ୍ଥାପନ କରିଥିଲେ। ସରକାର ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡର ଶୁଭାରମ୍ଭ କରିଛନ୍ତି। କିନ୍ତୁ ଏହି ଯୋଜନାରୁ ସମସ୍ତ ୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ୩ ଲକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବାଦ ଦିଆଯାଇଛି। ଯୋଜନା ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରିବା ପାଇଁ ଜିଲା ତଥା ରାଜ୍ୟର ସମସ୍ତ କର୍ମଚାରୀ ଏକ ଡିଜିଟାଲ କ୍ୟାମ୍ପେନ କରିଥିବା ଛତ୍ରପୁର ହସ୍ପିଟାଲ କର୍ମଚାରୀ ସୂଚନା ଦେଇଛନ୍ତି ।

## ମା' ଆସିଛନ୍ତି, ବାପା ଘରକୁ ଆସୁଛନ୍ତି ବିବାହିତ ଝିଅ



ଅସ୍ଥାୟୀ ମଣ୍ଡପରୁ ମା'ଙ୍କ ଘଟ ସାହି ପରିକ୍ରମା ପାଇଁ ବାହାରିଛନ୍ତି ।

**ଠାକୁରାଣୀ ଯାତ୍ରାର ୯ମ ଦିନ**

ବ୍ରହ୍ମପୁର,୧୧।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ବୁଢ଼ି ଠାକୁରାଣୀ ଯାତ୍ରା ଶୁକ୍ରବାର ୯ ମ ଦିନରେ ପହଂଚିଛି। ଅସ୍ଥାୟୀ ମଣ୍ଡପରେ ଦର୍ଶନ ପାଇଁ ଭିଡ ଜମୁଥିବା ବେଳେ ସମଗ୍ର ସହର ଉତ୍ସବମୁଖର ହୋଇ ଉଠିଛି। ଏହି ଅବସରରେ ସହରବାସୀଙ୍କ ବହୁ ଦୂରାଦୂରାନ୍ତରେ ଥିବା ବନ୍ଧୁ ବାନ୍ଧବ ସଂପର୍କୀୟମାନେ ଯାତ୍ରାରେ ସାମିଲ ହେଉଛନ୍ତି। ଠାକୁରାଣୀ ବାପା ଘରକୁ ଆସିଥିବା ବେଳେ ପରମ୍ପରା ଅନୁଯାୟୀ ଯାତ୍ରା ସମୟରେ ବାପା ଘରକୁ ଆସିଥିବା ଝିଅ ଯାତ୍ରା ସରିବା ପର୍ଯ୍ୟନ୍ତ ବାପା ଘରେ ରହିବା ପ୍ରଥା ଚଳିଆସୁଛି। ବିଶେଷ କରି ସାନ ବଜାର, ବଡ ବଜାର, ଖାସ୍ପା ସାହି ଓ ପୁରୁଣା ବ୍ରହ୍ମପୁର ଭଳି ଆଖପାଖ ଅଂଚଳରେ ବହୁ ପରିବାରର ବିବାହିତ ଝିଅମାନେ ବାପା ଘରକୁ ଆସିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବନ୍ଧୁ ବାନ୍ଧବ ପରିବାର ପରିଜନ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତେବେ ରାତ୍ରି ୮ଟା ପରେ ଠାକୁରାଣୀଙ୍କ ମୁଖ୍ୟ ଘଟ ସମେତ ପାର୍ଶ୍ୱ ଘଟ ଦେଶୀ ବେହେରା ସାହିରୁ ସାହି ପରିକ୍ରମା ନିମନ୍ତେ ଅସ୍ଥାୟୀ ମଣ୍ଡପରୁ ବାହାରିଥିଲେ। ପରମ୍ପରା ଅନୁଯାୟୀ ମହୁରୀ ରାଜବାଟୀରେ ଠାକୁରାଣୀଙ୍କ ମୁଖ୍ୟ ଘଟ ପୂଜାର୍ଚ୍ଚନା ପରେ ଘଟ ଚିନା ବଜାରକୁ ଯାଇଥିଲା। ଏହାପରେ ସାନ୍ତାରାଣୀ ସାହି, ଲାଲା ସାହି, ଭୁତ ସାହି, ନୂଆ ସାହି, ବନ୍ଧ ସାହି, କପିଳେଶ୍ୱର ପେଟା, ବାଲାଜୀପେଟା ଗୌଡ ସାହି, ବାଲାଜୀପେଟା ସାହି, କୁମ୍ଭାର ସାହି, କେଉଟ ସାହିକୁ ଘଟ ପରିକ୍ରମା କରିଥିଲା। ଏହାପରେ ପୁଣି କେଉଟ ସାହି ଦେଇ ଘଟ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ମାଙ୍କ ଆଳତୀ କରାଯାଇ ରାତ୍ରିରେ ରାଜଭୋଗ କରାଯାଇଥିଲା। ଆଜି ଘଟ ପରିକ୍ରମା ସମୟରେ ଲାଲା ସାହିରେ କଳାକୁଞ୍ଜ, ନୂଆ ସାହିରେ କଳାକୁଞ୍ଜ, କପିଳେଶ୍ୱର ପେଟାରେ କଳାକୁଞ୍ଜ, ବାଲାଜୀପେଟା ଗୌଡ ସାହିରେ ଶ୍ରୀକୃଷ୍ଣ ରଥ, ବାଲାଜୀ ପେଟା ସାହିରେ ଈଶ୍ୱର ରଥ ଏବଂ କୁମ୍ଭାର ସାହିରେ ମା' ଲକ୍ଷ୍ମୀ ରଥକୁ ନିମନ୍ତ୍ରଣ କରାଯାଇଥିଲା। ଘଟ ପରିକ୍ରମା ସମୟରେ ଭିଡକୁ ଦୃଷ୍ଟିରେ ରଖି ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷା ଦିଗରେ ଯୁବପିଢ଼ିଙ୍କ ଦାୟିତ୍ୱ ରହିଛି




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୧।୪(ଅଶୋକ କୁମାର ସାହୁ) ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଥିବା ଓଡିଆ ପକ୍ଷ-୨୦୨୫ ଅବସରରେ ଜିଲାସ୍ତରୀୟ ଯୁବ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ବ୍ରହ୍ମପୁର ସ୍ଥିତ ଶଶୀ ଭୂଷଣ ରଥ ମହିଳା ମହାବିଦ୍ୟାଳୟ ପରିସରରେ ଜିଲାର ସମସ୍ତ କଲେଜର ଛାତ୍ରୀଛାତ୍ରଗଣ ଚୟନ ହୋଇ କବିତା, ଗଳ୍ପ ଓ ପ୍ରବନ୍ଧ ଲିଖନରେ ଅଂଶ ଗ୍ରହଣ କରିଥିଲେ । ପରେ ବିଜୁ ପଟ୍ଟ ନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମରେ ଯୁବ ପ୍ରତିଭାଧାରୀ ଲେଖକ ଗଣ କବିତା, ଗଳ୍ପ ଓ ପ୍ରବନ୍ଧ ସମ୍ବନ୍ଧୀୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଓଡିଆ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଂକର ପାଢୀ ଉପସ୍ଥିତ ରହି ଓଡିଆ ଭାଷା, ସାହିତ୍ୟର ସୁରକ୍ଷା ଦିଗରେ ଛାତ୍ରୀଛାତ୍ର ଓ ଯୁବପୀଢୀଙ୍କ ଦାୟିତ୍ୱ ରହିଛି ବୋଲି କହିଥିଲେ। ସେମାନେ କିଭଳି ଏହି ଦିଗରେ ଅଗ୍ରସର ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରିବେ ତାହା ଉପରେ କହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ନିର୍ଦ୍ଦେଶକ ଡ ସୁଶାନ୍ତ କୁମାର ଦାଶ, ଶଶୀ ଭୂଷଣ ରଥ ମହିଳା ମହାବିଦ୍ୟାଳୟ ତେଲୁଗୁ ସାହିତ୍ୟ ବିଭାଗ ମୁଖ୍ୟ କେ. ନାରାୟଣ ରାଓ, ସଂଗଠକ ନାରାୟଣ ମହାଙ୍କୁଡ ପ୍ରମୁଖ ମଞ୍ଚାସୀନ ଥିଲେ। ନରେନ୍ଦ୍ରପୁର କ୍ଷେତ୍ର ମୋହନ ବିଜ୍ଞାନ ମହା ବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଡ. ହୃଷୀକେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଦତ୍ତ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଖାରିକୁଆରେ ଜଳ ସଙ୍କଟ

ମୋହନା,୧୧।୪(ମନ୍ମଥ ମିଶ୍ର)

ନଳକୁଅରୁ ବାହାରୁଛି ନାଲି ପାଣି । ସେହି ଦୂଷିତ ପାଣିପିଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି ଗ୍ରାମବାସୀ । ଆବଶ୍ୟକତା ମେଣ୍ଟାଇବା ପାଇଁ ବାଧ ହୋଇ ଗ୍ରାମବାସୀ ସେହି ପାଣି ବ୍ୟବହାର କରୁଛନ୍ତି। ଗ୍ରୀଷ୍ମ ଦିନେ ଏଭଳି ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଖାରିକୁଆ ଗାଁରେ। ଗାଁରେ ରହୁଥିବା ୨୫ ପରିବାର ପାଇଁ ରହିଛି ଗୋଟିଏ ନଳକୂଅ । କୁଅ ପାଣି ଶୁଖିଯାଇଛି । ନଳକୂଅରୁ ମାତ୍ର ଦୁଇ ମାଠିଆ ପାଣି ବାହାରିବା ପରେ ଆଉ ପାଣି ବହାରୁନି । ଯେଉଁ ପାଣି ବହାରୁଛି ତାହା ନାଲିପାଣି। ପିଇବା ଯୋଗ୍ୟ ହେଉନାହିଁ । ଫଳରେ ପିଇବା ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ। ଏନେଇ ବିଡ଼ିଓ ରାଜୀବ ଦାସଙ୍କୁ ପଚାରିବାରୁ ସେ କହିଲେ, ଦୁଇ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ।

## ପୁଣି ଉଠିଲା ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ୍‌ ବାତିଲ ଦାବି

ବ୍ରହ୍ମପୁର,୧୧।୪(ନରସିଂହ ସାହୁ): ପୁଞ୍ଜିପତିଙ୍କ ଗୋପାଳପୁର ଓ ଛତ୍ରପୁର ଅଞ୍ଚଳରେ ଥିବା ଶିଳ୍ପ କରିଡ଼ରକୁ ଜଳ ଯୋଗାଣ ପାଇଁ ଋଷିକୁଲ୍ୟା ନଦୀର ଉପର ମୁଣ୍ଡରେ ପିପଲପଙ୍କା ଡ୍ୟାମ ନିର୍ମାଣ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେବାରୁ ସରକାରୀ ଅଧିକାରୀମାନେ ବିଭ୍ରାନ୍ତିକର ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ନେତାମାନେ ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପ ବାତିଲ କରିବାକୁ କମିଟି ପୁନର୍ବାର ଦାବି କରିଛି। ନଚେତ ବିସ୍ଫୋରକ ସ୍ଥିତି ସୃଷ୍ଟି କରାଯିବ ବୋଲି ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ଖରବଦାତା ସମ୍ମିଳନୀରେ ଆହୁରି କୁହାଯାଇଛି ୩୦ ବର୍ଷ ତଳେ ଟାଟାର ଗୋପାଳପୁର ବନ୍ଦର ଭିତ୍ତିକ ମେଗା ଇସ୍ପାତ କାରଖାନା କରାଯିବାର ପ୍ରସ୍ତାବ ଥିଲା। ଆବଶ୍ୟକ ପାଣି ନିମନ୍ତେ ପିପଲପଙ୍କା ପ୍ରକଳ୍ପ କରାଯିବାର ନକ୍ସା ପ୍ରସ୍ତୁତ ହେଲା। ଏହାକୁ ପରିବେଶ ପ୍ରେମୀ ଓ ସଚେତନ ଲୋକେ ପ୍ରବଳ ବିରୋଧ କରିଥିଲେ। ତତ୍କାଳୀନ ସରକାର ଜନ ଆକ୍ରୋଶର ଶିକାର ହୋଇଥିଲେ। ଫଳରେ ପିପଲପଙ୍କା ଡ୍ୟାମ ସମେତ ଇସ୍ପାତ ପ୍ରକଳ୍ପ ମଧ୍ୟ ବାତିଲ ହୋଇଥିଲା। ଏବେ ପୁଣି ପିପଲପଙ୍କା ଡ୍ୟାମ ବାତିଲ ଦାବି ନେଇ ୧୦ ଦିନ ପଦଯାତ୍ରା ହୋଇଥିଲା। ତଥାପି ସରକାରଙ୍କ ଚେତା ପଶିନି। କମିଟିଆବାହକ ତଥା ପରିବେଶବିତ୍ ସୁଧୀର ରାଉତ ଏବଂ ସଂଯୋଜକ ତଥା ଦଳିତ ଓ ଆଦିବାସୀ ଏବଂ କୃଷକଙ୍କ ସ୍ୱାର୍ଥରକ୍ଷା ଲାଗି ଲଢ଼େଇ କରୁଥିବା ଭାଲଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମାଗତା ବେହେରା, ଆଦିତ୍ୟ ରଥ, କବିରାଜ ସାହୁ, ସଂଜିତ ରେଡ଼ି, ବିଜୟ ସ୍ୱାଇଁ, ସୁବାସ ରାଉତ, ଲକ୍ଷ୍ମୀନୃସିଂହ ରଥ, କେ. ନାନ୍ଦେଶୁ ସେନାପତି ପ୍ରମୁଖ କ୍ରିୟାନୁଷ୍ଠାନ କମିଟି ନେତାମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତାମାନେ।

## ଶୁଦ୍ଧିକ୍ରିୟା ସରିଥିଲା, ୩୭ ବର୍ଷ ପରେ ଫେରିଲେ ସାମେଲ

ଦାରିଙ୍ଗବାଡ଼ି, ୧୧।୪ (ଅରୁଣ ସାହୁ)

ଶୁଦ୍ଧିକ୍ରିୟା ଶେଷ ହେବାର ୩୭ ବର୍ଷ ପରେ ଜନ୍ମ ମାଟିକୁ ଫେରିଲେ ପୁଅ। ପରିବାର ଗ୍ରାମବାସୀ ଦେଖି ହୋଇଯାଇଥିଲେ ଆଶ୍ଚର୍ଯ୍ୟ ଓ ଖୁସି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତ କୁତୁବାଡ଼ି ଗ୍ରାମରେ। ସେ ହେଉଛନ୍ତି ଗ୍ରାମର ସାମେଲ ପ୍ରଧାନ। ସାମେଲଙ୍କୁ ବାପା ତାପିଲା ପ୍ରଧାନ ମଦ ପିଇ ଆସି ପ୍ରତିଦିନ ମାଡ଼ ମାରୁଥିଲେ। ଏଥିରେ ଅତିଷ୍ଠ ହୋଇ ମାତ୍ର ୧୫ ବର୍ଷ ବୟସରୁ ସାମେଲ ଘର ଛାଡି ଚାଲି ଯାଇଥିଲେ। ପୁଅକୁ ମାଆ ବାପା ଓ ଅନ୍ୟମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା କିଛି ପାଇ ନ ଥିଲେ। ଶେଷରେ ମାଆ ବାପା ନିରାଶ ହୋଇ ପୁଅର ଶୁଦ୍ଧିକ୍ରିୟା କରି ଦେଇଥିଲେ। ସାମେଲ ଯେଉଁଠି ଥିଲେ ମଧ୍ୟ ଗାଁକୁ ଭୁଲିପାରିନାହାନ୍ତି। ଦୀର୍ଘବର୍ଷ ପରେ ସେ ୫୦ ବର୍ଷ ବୟସରେ ଗାଁକୁ ଏକୁଟିଆ ଫେରିନାହାନ୍ତି। ସାଙ୍ଗରେ ତାଙ୍କ ସ୍ତ୍ରୀ ପୁତୁଲି ପ୍ରଧାନ ଓ ପୁଅ ଆନନ୍ଦଙ୍କୁ ଧରି ଆସିଛନ୍ତି। ସେ ଗାଁରେ ପହଞ୍ଚିବା ପରେ ପରିବାର ଓ ଗାଁରେ ଆନନ୍ଦର ବାତାବରଣ ଖେଳିଯାଇଛି। ତାଙ୍କୁ ଦେଖିବା ପାଇଁ ଗ୍ରାମବାସୀ ଘରେ ଭିଡ ଲଗାଇଛନ୍ତି। ୩ ଦଶନ୍ଧି ପରେ ପୁଅ ଫେରିଥିବାରୁ ମା'ବଡଭାଇ ଓ ସାନଭାଇ ଖୁସରେ ଆତ୍ମହରା ହୋଇପଡିଛନ୍ତି। ଘର ଛାଡିବା ପରେ ସେ ଟ୍ରେନ ଯୋଗେ ଅରୁଣାଞ୍ଚଳ ପ୍ରଦେଶକୁ ପଳାଇଥିଲେ। ସେଠାରେ ବହୁ ବର୍ଷ ଧରି କୁଲି ମଜୁରି କରି ଚଳୁଥିଲେ। କିଛି ବର୍ଷ ପରେ ସେ ସେଠାରେ ମିସ୍ତ୍ରୀ ଭାବେ କାମ କଲେ। ସମୟକ୍ରମେ ସେ ମା' ବାପା ଛେଉଣ୍ଡ ପୁତୁଲିଙ୍କୁ ବିବାହ କରିଥିଲେ। ଗୋଟିଏ ପୁଅ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ପରିବାର। କିଛି ଦିନ ପରେ ସେ ପୁଣି ଅରୁଣାଚଳ ପ୍ରଦେଶ ଫେରିଯିବେ ବୋଲି ସାମେଲ କହିଛନ୍ତି।



ପରିବାର ସହ ଗାଁକୁ ଫେରିଥିବା ସାମେଲ।



ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ସ୍ମାରକପତ୍ର ଦେବାକୁ ଯାଉଥିବା କଂଗ୍ରେସ ନେତା କହ୍ନେୟା କୁମାର, ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଉଦୟ ଭାନ୍ ଓ ଅନ୍ୟମାନଙ୍କୁ ପୋଲିସ ଉଠାଇ ନେଉଛି।

# କଂଗ୍ରେସ ରାଲିରେ ପୋଲିସର ଲାଠିମାଡ଼

ପାଟନା, ୧୧।୪ (ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଟନାସ୍ଥିତ ସରକାରୀ ବାସଭବନ ଅଭିମୁଖେ ଯାଉଥିବା କଂଗ୍ରେସ କର୍ମୀଙ୍କ ରାଲି ଉପରେ ଶୁକ୍ରବାର ପୋଲିସ ଲାଠିଚାଳନା କରିବା ସହ ପାଣିମାଡ଼ କରିଛି। କହ୍ନେୟା କୁମାରଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀଙ୍କୁ ପୋଲିସ ଅଟକ ରଖିଛି। 'ପଳାୟନ ରୋକୋ, ନୌକରି ଦୋ' ପଦଯାତ୍ରା ଶେଷ କରିବା ଅବସରରେ ଏହି ରାଲିର ଆୟୋଜନ କରାଯାଇଥିଲା। ଦଳୀୟ କର୍ମୀମାନେ ସଡକତ ଆଶ୍ରମସ୍ଥିତ ବିହାର ପିସିସି ମୁଖ୍ୟାଳୟରୁ ଶୋଭାଯାତ୍ରାରେ ବାହାରିଥିଲେ। ରାଜା ପୌଲ ଛକରେ ବାରିକେଡ୍ ଅତିକ୍ରମ ଉଦ୍ୟମ କରିବାରୁ ପୋଲିସ ବଳପ୍ରୟୋଗ କରିଥିଲା। ସେମାନେ ସ୍ମାରକପତ୍ର ଦେବା ଲାଗି କଡ଼ା ସୁରକ୍ଷା ଜୋନ୍‌ରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯିବାକୁ ଚାହୁଁଥିଲେ।

ବିହାରରେ କିଛି ମାସ ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ରାଜ୍ୟରେ ସ୍ଥିତି ମଜଭୁତ କରିବା ପାଇଁ ଉଦ୍ୟମ ଚଳାଇଛି। ଏଥିପାଇଁ ଛାତ୍ର ଏବଂ ଯୁବକଂଗ୍ରେସ ପକ୍ଷରୁ ପଦଯାତ୍ରାର ଆୟୋଜନ କରାଯାଇଥିଲା। ସଡକତ୍ ଆଶ୍ରମଠାରେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ ଏବଂ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇଲଟ୍ କହିଥିଲେ ବିହାରରେ ଶାସକ ଏନ୍‌ଡିଏର ଡବଲ ଇଞ୍ଜିନ୍ କେବଳ ଧୂଆଁ ଛାଡୁଛି କିନ୍ତୁ ଆଗକୁ ଯାଉନାହିଁ। କେନ୍ଦ୍ରରେ କ୍ଷମତାରେ ରହିବା ପାଇଁ ଭାଜପା ଜେଡିୟୁ ଉପରେ ନିର୍ଭର କରୁଥିବାବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ପାଇଁ ସୁବିଧା ହାସଲ କରିବାରେ ବିଫଳ ହୋଇଥିବା ପାଇଲଟ୍ ଅଭିଯୋଗ କରିଥିଲେ। ମହାମେଣ୍ଟ ବିହାରରେ କ୍ଷମତାକୁ ଆସିଲେ ସରକାରୀ ବିଭାଗରେ ଖାଲିପଡ଼ିଥିବା ପଦବୀ ପୂରଣକୁ ସର୍ବାଧିକ ପ୍ରାଥମିକତା ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ବିଜେଡିର ଭୀଷ୍ମ ମହାନ୍ତି କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ

କେନ୍ଦ୍ରାପଡ଼ା, ୧୧।୪ (ଜଗନ୍ନାଥ ଧଳ)

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଫାଙ୍କା ରହିଥିବା କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ପଦ ଶୁକ୍ରବାର ପୂରଣ ହୋଇଛି। ଏହି ପଦ ପାଇଁ ନିର୍ବାଚନ ପରେ ଆଳି ଜୋନ ଅନ୍ତର୍ଗତ ୪ ନଂ. ଜିଲା ପରିଷଦ ସଭ୍ୟ ବିଜେଡିର ଭୀଷ୍ମ ମହାନ୍ତି ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିଲେ। ପୂର୍ବାହ୍ନ ୧୦ଟା ୪୨ ମିନିଟରେ ସେ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଧାର୍ଯ୍ୟ ସମୟରେ ଅନ୍ୟ କୌଣସି ପ୍ରାର୍ଥିପତ୍ର ଆସି ନ ଥିବା ନିର୍ବାଚନ ପରିଚାଳନା ଅଧିକାରୀ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରାର୍ଥିପତ୍ର ଯାଞ୍ଚ ପରେ ପ୍ରାର୍ଥୀ ମହାନ୍ତିଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲା ପରିଷଦରେ ମୋଟ ୩୨ଟି ଜୋନ ରହିଛି। ଏଥିମଧ୍ୟରୁ ଭାଜପା ଗୋଟିଏ ଆସନ ପାଇଥିବା ବେଳେ ଅବଶିଷ୍ଟ ୩୧ ସଭ୍ୟ ପଦ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଜିତିଥିଲେ।

# ନାଲିଆଖି ଦେଖାଇପାରିବେନି, ଆମେ ଚାକିରି କରିନୁ: ପ୍ରଫୁଲ୍ଲ

ଭୁବନେଶ୍ୱର, ୧୧।୪ (ସୁନିତ୍ ମିଶ୍ର)

**ନବୀନଙ୍କୁ ବରିଷ୍ଠଙ୍କ ପାଲଟା ଚ୍ୟାଲେଞ୍ଜ**

- ଆମ ସ୍ୱାଧୀନତାରେ କେହି ହସ୍ତକ୍ଷେପ କରିପାରିବେ ନାହିଁ: ନୃସିଂହ
- ଦଳ ନବୀନଙ୍କ ନେତୃତ୍ୱରେ ଚାଲିଛି : ଅଶ୍ୱିନୀ

ଦିନ ଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାହା କହୁଥିଲେ ଏହା ଉପରେ କେହି ପଦାରେ ମଧ୍ୟ ଆଲୋଚନା କରିବାକୁ ସାହସ ଜୁଟାଇପାରୁ ନ ଥିଲେ। ଯଦି ଦଳର କୌଣସି ବିଷୟରେ କେହି ପଚାରୁଥିଲେ ତେବେ ନ ଜାଣିଲା ଭଳି ପୂର୍ବରୁ ନେତାମାନେ ସ୍ଥାନ ଛାଡ଼ି ଚାଲିଯାଉଥିଲେ। ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ। ନବୀନଙ୍କ ନିୟନ୍ତ୍ରଣରେ ଦଳ ଆଉ ନ ଥିବା ସ୍ପଷ୍ଟ ହେବାରେ ଲାଗିଲାଣି। ନବୀନଙ୍କ ନିର୍ଦ୍ଦେଶକୁ ମଧ୍ୟ ତାଙ୍କ ଦଳର ନେତାମାନେ ପୂର୍ବଭଳି ଖାତିର କରୁନାହାନ୍ତି। ସିଧାସଳଖ ନବୀନଙ୍କ ନାଁ ନେଇ ତାଙ୍କ ଦଳର ନେତାମାନେ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେଇଛନ୍ତି। ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ଏବଂ ନୃସିଂହ ସାହୁ ବାହାରେ ବୈଠକ କରିବା ନେଇ ନବୀନ ଦେଇଥିବା ମନ୍ତବ୍ୟକୁ ଶୁକ୍ରବାର ସିଧାସଳଖ ଚ୍ୟାଲେଞ୍ଜ କରିଛନ୍ତି। କିଏ କେଉଁଠି ବସିବ ସେକଥା ଦଳର ସଭାପତି କହିପାରିବେନାହିଁ ବୋଲି ଉଭୟ ନେତା ଖୋଲାଖୋଲି ମନ୍ତବ୍ୟ ରଖିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଫୁଲ୍ଲ କହିଛନ୍ତି, ଆମେମାନେ କେତେବେଳେ ସାଙ୍ଗସାଥୀରେ ବସି କିଛି ଆଲୋଚନା କରିବୁ, ସେଥିରେ କ'ଣ ଅଛି। ଆମେମାନେ କ'ଣ ଦଳ ପାଇଁ ଅନ୍ତର୍ଘାତୀ କାର୍ଯ୍ୟ କରୁଛୁ। ଆମେ କ'ଣ ହୋଟେଲରେ ବସିପାରିବୁ ନାହିଁ। ଆମେ କ'ଣ କାହା ପାଖରେ ଚାକିରି କରିଛୁ! ଦଳ ବିଶ୍ୱାସରେ ଚାଲେ, କେହି କାହାକୁ ଏଠାରେ ନାଲିଆଖି ଦେଖାଇପାରିବେନାହିଁ। ଗଣତନ୍ତ୍ର ଉପରେ ଆମେ ବିଶ୍ୱାସ କରୁଛୁ। ନବୀନବାବୁ ସବୁବେଳେ କହିଛନ୍ତି, ବିଜେଡି ଏକ ଧର୍ମନିରପେକ୍ଷ ଦଳ। ପାଣ୍ଡିଆନ୍ ଫ୍ୟାକ୍ଟରକୁ ଲୋକମାନେ ଗ୍ରହଣ କରୁନାହାନ୍ତି। ଯଦି ପାଣ୍ଡିଆନ୍ ଦଳର କୌଣସି କଥାରେ ନାହାନ୍ତି ତେବେ ସେ ନିଜେ ଆସି ସିଧାସଳଖ ସେକଥା କୁହନ୍ତୁ ବୋଲି ପ୍ରଫୁଲ୍ଲ କହିଛନ୍ତି।

ଅନ୍ୟପଟେ ନୃସିଂହ ସାହୁ କହିଛନ୍ତି, ପାଣ୍ଡିଆନ୍ ସରକାରୀ ଅଫିସର ଭାବେ ଭଲ କାମ କରିଛନ୍ତି, ହେଲେ ସେ ଦଳରେ ଯୋଗଦେବା ପରେ ଲୋକମାନେ ତାଙ୍କୁ ଗ୍ରହଣ କଲେ ନାହିଁ। ୨ରୁ ୪ଟା ବିଷୟକୁ ନେଇ ବିଜେଡି ହାରିଲା। ସେଥିରୁ ଗୋଟିଏ କାରଣ ହେଉଛି ନବୀନବାବୁ ଦୁଇଟି ଜାଗାରୁ ଠିଆହେଲେ। ପ୍ରଚାର କରାଗଲା ଗୋଟିଏ ଆସନ ନବୀନବାବୁ ଜିତିବା ପରେ ଛାଡ଼ିବେ, ସେଠାରୁ ପାଣ୍ଡିଆନ୍ ଲଢ଼ିବେ ଏବଂ ରାଜ୍ୟର ଦାୟିତ୍ୱ ନେବେ। ପାଣ୍ଡିଆନ୍ ଏବେ ବି ନବୀନ ନିବାସ ଯାଉଛନ୍ତି। ଆମେମାନେ ବାହାରେ ଯେଉଁ ମିଟିଂ କଲୁ, ନବୀନବାବୁ ଭାବିଲେ ପଲିଟିକାଲ ଆଫେୟାର୍ସ କମିଟି ଯାଇକି ବସିଥିଲା। ହେଲେ ସେମିତି ନୁହେଁ, ସେ ଭୁଲ୍ ବୁଝିଛନ୍ତି। ଆମେ ଯେମିତି ବସିବା କଥା ଯାଇ ବସିବୁ। ଯିଏ ଯାହା ଘରକୁ ଡାକିବେ ଆମେ ଯିବୁ, ଚା, ଜଳଖିଆ ଖାଇ ଆଲୋଚନା କରିବୁ। ଆମ ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କରିପାରିବେ ନାହିଁ। ଯେତେବେଳେ ଯାଇ ବାହାରେ ବସିଥାଉ ଦଳର ହିତ ବିଷୟରେ ଆଲୋଚନା କରିଥାଉ। ୱାକ୍‌ଫ ବିଲ୍ ନେଇ ଏ ପର୍ଯ୍ୟନ୍ତ ନବୀନବାବୁ କିଛି ସ୍ପଷ୍ଟ କରିନାହାନ୍ତି। ପୂର୍ବରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ମଧ୍ୟ ମିଟିଂ କରିଥିଲେ। ହେଲେ ଦଳର କାର୍ଯ୍ୟକ୍ରମ ଶଙ୍ଖ ଭବନରେ ହେବା ଦରକାର ବୋଲି ସେ କହିଛନ୍ତି।

ଏହି ଦୁଇ ନେତାଙ୍କ ମନ୍ତବ୍ୟକୁ ନେଇ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ଦଳ କ୍ଷମତାରେ ଥାଉ କି ନ ଥାଉ କେବଳ ଶୃଙ୍ଖଳା ପାଇଁ ଏହି ଦଳ ତିଷ୍ଠିରହିଛି। ଓଡ଼ିଶାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଏଭଳି ଦାୟିତ୍ୱ ତୁଲାଇଛନ୍ତି ସାରା ଭାରତବର୍ଷ ପାଇଁ ସିଏ ଉଦାହରଣ ହୋଇ ରହିବେ। ଦଳ ତାଙ୍କ ନେତୃତ୍ୱରେ ଚାଲିଛି। କିଛି ବାଦବିବାଦ ଆସିପାରେ, କିନ୍ତୁ ଆଗକୁ ଦଳ ପୁଣି ୟୁନାଇଟେଡ୍ ହେବ ବୋଲି ଅଶ୍ୱିନୀ କହିଛନ୍ତି।

# ସସ୍ମିତଙ୍କ ଉପରେ ଦ୍ୱିତୀୟ କ୍ଷମତାକେନ୍ଦ୍ରର ଚାପଥିଲା:ସପ୍ତଗିରି

ଭୁବନେଶ୍ୱର, ୧୧।୪ (ରବିନାରାୟଣ ଜେନା)



ସପ୍ତଗିରି ଉଲାକା

ରାଜ୍ୟ ସଭାରେ ୱାକ୍‌ଫ ବିଲ୍ ପାରିତ ବେଳେ ବିଜେଡି ସଦସ୍ୟ ଡ. ସସ୍ମିତ ପାତ୍ରଙ୍କ ଉପରେ ଦ୍ୱିତୀୟ କ୍ଷମତା କେନ୍ଦ୍ରର ଚାପ ଥିଲା ବୋଲି କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଶୁକ୍ରବାର ଭି. କେ ପାଣ୍ଡିଆନଙ୍କୁ ଆକ୍ଷେପ କରି କହିଛନ୍ତି।

ସପ୍ତଗିରି ଗଣମାଧ୍ୟମରେ କହିଛନ୍ତି, ରାଜ୍ୟ ସଭାରେ ମତଦାନ ବେଳେ ସସ୍ମିତ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ତଥା ପାଣ୍ଡିଆନ ଚାପ ପକାଇଥିଲେ; ଯେଉଁଥିପାଇଁ ସେ ଗଣମାଧ୍ୟମ ସମ୍ମୁଖରେ ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ପ୍ରସଙ୍ଗରେ ବିବେକାନୁମୋଦିତ ଭୋଟଦେବାକୁ କହିଥିଲେ। ତେବେ ସଂସଦୀୟ ଗଣତନ୍ତ୍ରରେ ପ୍ରଥମଥର ପାଇଁ ବିଜେଡି ସଦସ୍ୟଙ୍କ ଏଭଳି ମନ୍ତବ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୱାକ୍‌ଫ ବିଲ୍‌କୁ ବିରୋଧ କରିବାପାଇଁ କହିସାରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସସ୍ମିତଙ୍କ ୟୁଟର୍ନ କେବଳ ଦ୍ୱିତୀୟ କ୍ଷମତା କେନ୍ଦ୍ରଙ୍କ ଚାପ ଯୋଗୁ ସମ୍ଭବ ହୋଇଛି ବୋଲି ସପ୍ତଗିରି କହିଛନ୍ତି।

## ଅପରାଧ

# ୩ ହାର୍ଡକୋର ମାଓବାଦୀ ଗିରଫ

ମାଲକାନଗିରି, ୧୧।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ପୋଲିସ ୩ ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛି। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ଇନାମୀ ମାଡକାମ ଭୀମା, ୧ ଲକ୍ଷ ଇନାମୀ ମାଡକାମ ନନ୍ଦା ଓ ହେମଲା ନନ୍ଦା। ଉକ୍ତ ୩ ମାଓବାଦୀ ଛତିଶଗଡର ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବାବେଳେ ହତ୍ୟା, ଲୁଟ୍ ଭଳି ଘଟଣାରେ ସମ୍ପୃକ୍ତ ଥିଲେ। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ସୁକୁମା ଏସ୍‌ପି ସୂଚନା ଦେଇଛନ୍ତି।

**ସ୍ତ୍ରୀ ପୁଅକୁ ମାରିବା ପାଇଁ ଘରେ ଡିଟୋନେଟର ଖଞ୍ଜିବା ଘଟଣା**

# ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି, ୧୧।୪ (ଅଶେଷନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ କାଳିଞ୍ଜୀ ସାହିରେ ବୁଧବାର ଅପରାହ୍ନରେ ଘରେ ଡିଟୋନେଟର ଖଞ୍ଜି ମା' ପୁଅଙ୍କୁ ମାରିବାକୁ ଉଦ୍ୟମ କରିବା ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଗୌଡ଼ପଲ୍ଲୀ ଡୁଡୁକା ଗ୍ରାମର ସୁରେନ୍ଦ୍ର ଦୋରା। ଜାମିନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ତଦନ୍ତକାରୀ ଅଧିକାରୀ ଦିଗପହଣ୍ଡି ଆଇଆଇସି ପ୍ରଶାନ୍ତ ପାତ୍ର ଏହାର ତଦନ୍ତ କରୁଥିଲେ। କେସ୍ ନଂ. ନଂ.୧୩୮/୨୫। ଗ୍ରାମର ଗୌଡ଼ ସାହି ବାସିନ୍ଦା ବି. ଲାଲୁ ଦୋରାଙ୍କ ଝିଅ ବି. ଗୀତାଞ୍ଜଳିଙ୍କୁ ସୁରେନ୍ଦ୍ର ବିବାହ କରିଥିଲେ। ସୁରେନ୍ଦ୍ର ଭୁବନେଶ୍ୱରରେ ଦିନମଜୁରିଆ ରୂପେ କାମ କରୁଥିବା ବେଳେ ପ୍ରାୟ ୬ ମାସ ତଳେ ଶ୍ୱଶୁର ଘର କୁଶପଡ଼ା ଗ୍ରାମକୁ ଆସି ଅନିଲ ସାହୁଙ୍କ ଘରେ ଭଡ଼ାରେ ରହୁଥିଲେ। ମଙ୍ଗଳବାର ରାତିରେ କୌଣସି କାରଣରୁ ସ୍ତ୍ରୀଙ୍କ ସହ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସୁରେନ୍ଦ୍ର ଭଡ଼ା ଘରେ ସ୍ତ୍ରୀ ଓ ପୁଅକୁ ମାରିବା ଉଦ୍ଦେଶ୍ୟରେ ବୁଧବାର ଦ୍ୱିପ୍ରହରରେ ଡିଟୋନେଟର ଖଞ୍ଜି ଦେଇଥିଲେ। ମାତ୍ର ଏହା ପୂର୍ବରୁ ସ୍ତ୍ରୀ ଓ ପୁଅ ଗ୍ରାମରେ ହେଉଥିବା ଦଣ୍ଡକାଳୀ ଯାତ୍ରା ଦେଖିବାକୁ ଚାଲିଯାଇଥିଲେ। ଏହା ସୁରେନ୍ଦ୍ର ଜାଣି ନ ଥିଲେ।

# ବ୍ରାଉନ୍‌ସୁଗାର ବେପାରୀ ସେକ୍ ଜାମସେଦ୍‌ଙ୍କୁ ଏନ୍‌କାଉଣ୍ଟର

ଭୁବନେଶ୍ୱର, ୧୧।୪ (ସତ୍ୟଜିତ୍ ରାଉତ)



ଏନ୍‌କାଉଣ୍ଟରରେ ଆହତ ସେକ୍ ଜାମ୍‌ସେଦ୍।

**୨୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର, ବନ୍ଧୁକ, ଗୁଳି, ବାଇକ୍ ଜବତ**

- ୨୦୨୨ରେ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିଲେ
- ପୂର୍ବରୁ ୧.୩୨ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଥିଲା

ପେସାଦାର ବ୍ରାଉନସୁଗାର ବେପାରୀ ସେକ୍ ଜାମ୍‌ସେଦ୍ (୩୨)ଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ) ଏନ୍‌କାଉଣ୍ଟର କରିଛି। ଭୁବନେଶ୍ୱର ଜୟଦେବ ବାଟିକା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଜାମସେଦ୍ ଓ ପୋଲିସ ଟିମ୍ ମଧ୍ୟରେ ଗୁଳି ବିନିମୟ ବେଳେ ଏହି ଘଟଣା ଘଟିଛି। ଜାମସେଦ୍‌ଙ୍କ ବାମଗୋଡ଼ରେ ପୋଲିସ ଗୁଳି ବାଜିଥିବା ବେଳେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଜାମସେଦ୍ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିରେ ରହୁଥିବା ବେଳେ ଠିକଣା ବଦଳାଇ କଟକ-ପୁରୀ ବାଇପାସ୍ ରୋଡ୍ ମଙ୍ଗରାଜ ପଏଣ୍ଟ ପାଖରେ ରହୁଛନ୍ତି। ତେବେ ଜାମ୍‌ସେଦ ଧରାପଡ଼ିବା ପରେ ତାଙ୍କ ପାଖରୁ ୨୦ ଲକ୍ଷ ଟଙ୍କାର ୨୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଗୁଳି, ବାଇକ (ଓଡି୦୨ଏଜେଡ୍‌୫୨୪୬) ଓ ନଗଦ ୬ ହଜାର ଟଙ୍କା ଜବତ କରିଛି ପୋଲିସ। ଏହି ଘଟଣାରେ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୨୫/୨୦୨୫) ରୁଜୁ କରାଯାଇଛି। ଜାମସେଦ୍ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତ ଜାମସେଦଙ୍କ ନାଁରେ କଟକ ଲାଲ୍‌ବାଗ ଥାନା, ଭୁବନେଶ୍ୱରର ବାଲିଅନ୍ତା ଓ ବଡ଼ଗଡ ଥାନାରେ ଗୋଟିଏ ଲେଖାଏ ନିଶା କାରବାର ମାମଲା ରହିଥିବା ବେଳେ ଲକ୍ଷ୍ମୀସାଗର ଥାନାରେ ଏକ ଆକ୍ରମଣଜନିତ ମାମଲା ରହିଛି। ଏହାପୂର୍ବରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାମସେଦ୍‌ଙ୍କୁ ୨୦୨୨ ଏପ୍ରିଲ ୨୨ରେ ହଳଦୀପଡ଼ିଆ ବସ୍ତିରୁ ଗିରଫ କରିଥିଲା।

ସୂଚନା ଅନୁଯାୟୀ, ଜାମ୍‌ସେଦ ଦୀର୍ଘଦିନ ହେବ ବ୍ରାଉନସୁଗାର କାରବାରରେ ଲିପ୍ତ ରହିଛନ୍ତି। ବିଭିନ୍ନ ରାଜ୍ୟରୁ ବ୍ରାଉନ୍‌ସୁଗାର ଆଣି ଲୋକାଲ ଡିଲରଙ୍କୁ ଦେଉଛନ୍ତି। ଏପରିକି ବଡ଼ ବଡ଼ ନିଶା ବେପାରୀଙ୍କ ସହ ମଧ୍ୟ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ପୂର୍ବରୁ ସେ ଏକାଧିକଥର ଜେଲ ଯାଇଥିଲେ ମଧ୍ୟ ଧଳା ଜହର କାରବାର ବନ୍ଦ କରୁ ନ ଥିଲେ। କିଛିଦିନ ହେବ ଜାମସେଦ୍ ବଡ଼ ପରିମାଣର ବ୍ରାଉନସୁଗର କାରବାର କରୁଥିବା ଓ ଭୁବନେଶ୍ୱରର ସ୍ଥାନୀୟ ବେପାରୀଙ୍କୁ ଦେବାକୁ ଚେଷ୍ଟା କରୁଥିବା ସୂଚନା ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ତାଙ୍କ ଉପରେ କଡ଼ା ନଜର ରଖିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଟିମ୍ ଜାମସେଦଙ୍କୁ ଖଣ୍ଡଗିରି ଜଙ୍କ୍‌ଶନ ପାଖରେ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ସେ ପୋଲିସକୁ ଚକ୍‌ମା ଦେଇ ସେଠାରୁ ଜୟଦେବ ବାଟିକା ଆଡକୁ ଦ୍ରୁତଗତିରେ ବାଇକ୍ ମୁହାଁଇଥିଲେ। ପୋଲିସ ଟିମ୍ ପିଛା କରି କାବୁ କରିବାକୁ ଉଦ୍ୟମ କରିବାରୁ ସେ ଜୟଦେବ ବାଟିକା ନିକଟ ରାସ୍ତାରେ ଗୁଳି ଚଳାଇଥିଲେ। ଏପଟେ ଆମ୍ରରକ୍ଷା ପାଇଁ ପୋଲିସ ଟିମ୍ ଜାମସେଦଙ୍କୁ ଗୁଳିମାଡ଼ କରିଥିଲା। ଗୋଡ଼ରେ ଗୁଳି ବାଜିବା ପରେ ସେ ବାଇକ୍‌ରୁ ଖସି ତଳେ ପଡ଼ିଯିବାରୁ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

ଉଲ୍ଲେଖଯୋଗ୍ୟ, ଜାମ୍‌ସେଦ ନିଶା କାରବାରରୁ ବହୁ କୋଟିର ସମ୍ପତ୍ତି ଠୁଳ କରିଥିଲେ। ୧.୩୨ କୋଟି ଟଙ୍କାର ୩ ମହଲା ବିଲ୍ଡିଂ ସହ ଏକାଧିକ ପ୍ଲଟ୍ ସମ୍ପତ୍ତିକୁ ଏସ୍‌ଟିଏଫ୍ ପୂର୍ବରୁ ଜବତ କରିବା ସହ ବାଜ୍ୟାପ୍ତ କରିଥିଲା। ଏନେଇ ୨୦୨୨ ଜୁଲାଇରେ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟି ଏସ୍‌ଟିଏଫ୍‌କୁ ଅନୁମତି ଦେଇଥିଲେ।

**ନାବାଳିକା ବଳାତ୍କାର ମାମଲା**

# ନାବାଳିକାଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୧।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲା (ନଂ. ୩୪୧/୨୩)ର ଫଇସଲା ଶୁକ୍ରବାର ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ କମ୍ ସିଆଇସିଏଲ (ଚିଲ୍‌ଡ୍ରେନ ଇନ୍ କନ୍‌ଫ୍ଲିକ୍ଟ ୱିଥ୍ ଦ ଲ) ମାମଲାର ଶୁଣାଣି କରି ୧୮ ବର୍ଷୀୟା ନାବାଳିକାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା, ଅନାଦାୟେ ୧ ବର୍ଷ ଜେଲ ଅଧିକ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୭.୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପି.ପି. ଆଇନଜୀବୀ ମନୋଜ ସାହୁ କହିଛନ୍ତି, ୨୦୨୩ ଅକ୍ଟୋବର ୧୭ରେ ଏହି ଘଟଣା ଘଟିଥିଲା। ପୀଡ଼ିତା ଓ ଦୋଷୀ ନାବାଳିକା ଦୁହେଁ ପାଟକୁରା ଥାନା ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ପଢୁଥିଲେ। ଅକ୍ଟୋବର ୧୭ରେ ଦୋଷୀ ନାବାଳିକାଙ୍କ ଭାଇ ଜିଲା ବାହାରୁ ଆସୁଛି, ତାଙ୍କୁ ଆଣିବାକୁ ଯିବା କହି ସାଙ୍ଗରେ ପୀଡିତାଙ୍କୁ ନେବାକୁ ଅନୁରୋଧ କରିଥିଲେ। ପ୍ରଥମ ଥର ମନା କରିବା ପରେ ଦ୍ୱିତୀୟ ଅନୁରୋଧରେ ଦୁହେଁ ଏକ କାରରେ ଯାଇଥିଲେ। ବାଟରେ ଦୋକାନରୁ ଆଣିଥିବା ଥଣ୍ଡା ପାଣି ପିଇବା ପରେ ପୀଡ଼ିତା ବେହୋସ ହୋଇଥିଲେ। ଆଖି ଖୋଲିବା ପରେ ଏକ ବନ୍ଦ କୋଠରିରେ ପୀଡ଼ିତା ଥିବାବେଳେ ଦୋଷୀ ନାବାଳିକା ଓ ଅନ୍ୟ ୪ ଜଣ ଏହି ଘରେ ରହିଥିବା ସେ ଦେଖିଥିଲେ। ୪ ଜଣ ବଳାତ୍କାର କରିବା ସମୟରେ ପୀଡ଼ିତା ଗୋଡ଼ ବାଡେଇବାରୁ ସାଙ୍ଗ ନାବାଳିକା ଜଣକ ଜୋର୍ କରି ଧରିଥିଲେ। ଫଳରେ ୪ ଜଣଙ୍କୁ ବଳାତ୍କାର କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ସମୟରେ ବଳାତ୍କାରୀମାନେ ମାଡ଼ ମାରିବାରୁ ପୀଡ଼ିତା ପୁଣିଥରେ ବେହୋସ ହୋଇଯାଇଥିଲେ। ଏହି ବେହୋସ ଅବସ୍ଥାରେ ପୀଡ଼ିତାଙ୍କୁ ବଳାତ୍କାରୀମାନେ ପାଟକୁରା ଥାନା ଅଞ୍ଚଳର ନରେନ୍ଦ୍ରପୁର ବ୍ରିଜ ନିକଟରେ ଫୋପାଡି ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ପୀଡ଼ିତା ଘରେ କହିବା ସହ ୧୮ ତାରିଖରେ କୁଦାନଗରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ସମୟରେ ସାଙ୍ଗ ନାବାଳିକା ଦୋଷୀ ହୋଇଥିବାରୁ ଜୁଭେନାଇଲ କୋର୍ଟକୁ ବିଚାର ପାଇଁ ଯାଇଥିଲେ। ତେବେ ଅପରାଧ ଓ ବୟସ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅନୁଧ୍ୟାନ ପରେ ପୋକ୍‌ସୋ କମ୍ ସିଆଇସିଏଲ୍ ବିଚାର ହୋଇଥିଲା ବୋଲି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ଗାଁ ରାସ୍ତା ମଝିରେ ଯୁବକଙ୍କୁ ହତ୍ୟା, ବାପ ପୁଅ ଗିରଫ

ବଲାଙ୍ଗୀର, ୧୧।୪ (ବୀରେନ୍ଦ୍ର କୁମାର ଝାଙ୍କର)



ହତ୍ୟାକାଣ୍ଡରେ ବ୍ୟବହୃତ କାଠପଟା, ବାଡି।

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସରଗାଡ଼ ଗାଁରେ ଗୁରୁବାର ରାତିରେ ବଚସାକୁ କେନ୍ଦ୍ର କରି ବାପ ପୁଅ ଗାଁ ରାସ୍ତାରେ ଜଣେ ଯୁବକଙ୍କୁ କାଠପଟାରେ ପିଟି ପିଟି ହତ୍ୟା କରିଛନ୍ତି। ମୃତ ଯୁବକ ସେହି ଗାଁର ଅରୁଣ ସାଏ ପଟେଲ (୩୭)। ଅଭିଯୁକ୍ତଙ୍କ ଆକ୍ରମଣରେ ମୃତ ଯୁବକଙ୍କ ସାଙ୍ଗ ଯୁଗେଶ୍ୱର ସରାପ (୨୫) ଓ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଦୁଇ ଅଭିଯୁକ୍ତ ପ୍ରେମାନନ୍ଦ ଓରଫ ଉମାକାନ୍ତ ନାଏକ (୩୨) ଓ ତାଙ୍କ ବାପା ଲିଙ୍ଗରାଜ ଓରଫ ପରସାଦୁ ନାଏକ (୬୧)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅପରାହ୍ନର ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ସ୍ଥାନୀୟ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ, ଦୁଇ ଅଭିଯୁକ୍ତ ପରସାଦୁ ଏବଂ ତାଙ୍କ ପୁଅ ପ୍ରେମାନନ୍ଦ ସରଗାଡ଼ ଗାଁ ନିକଟରେ ଏକ ଢାବା ଖୋଲିଛନ୍ତି। ଗୁରୁବାର ଅପରାହ୍ନ ୪ଟାରେ ଗାଁର ଅରୁଣ ଓ ତାଙ୍କ ସାଙ୍ଗ ଯୁଗେଶ୍ୱର ଉକ୍ତ ଢାବାକୁ ଯାଇ ମଦ ପିଇବା ସହ ସେଠାରେ ଟଙ୍କା ମାଗି ଗଣ୍ଡଗୋଳ କରିଥିଲେ। ସନ୍ଧ୍ୟାରେ ଯୁଗେଶ୍ୱର ଗାଁ ଦାଣ୍ଡରେ ଯାଉଥିବା ବେଳେ ଢାବା ମାଲିକ ପରସାଦୁ ତାଙ୍କୁ ଅଟକାଇ କାହିଁକି ଗଣ୍ଡଗୋଳ କରିଥିଲ କହି କାଠ ପଟାରେ ମାଡ ମାରିଥିଲେ। ଯୁଗେଶ୍ୱର ନିଜ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ମାଡ ଘଟଣା ସମ୍ପର୍କରେ କହିବାରୁ ଉଭୟ ସ୍ୱାମୀ-ସ୍ତ୍ରୀ ତାଙ୍କ ଘରୁ ବାହାରି ପରସାଦୁଙ୍କ ଘର ସମ୍ମୁଖକୁ ଆସି କାହିଁକି ମାଡ଼ ମାରିଲ ବୋଲି ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ପରସାଦୁ ଉତ୍ତ୍ୟକ୍ତ ହୋଇ କାଠପଟାରେ ପୁଣି ଥରେ ଯୁଗେଶ୍ୱର ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଆହତ ହୋଇଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଅରୁଣ ସେଠାକୁ ଆସି ପରସାଦୁଙ୍କୁ ମାଡ ମାରିବାକୁ ମନା କରିଥିଲେ। ପରେ ପରସାଦୁଙ୍କ ପୁଅ ପ୍ରେମାନନ୍ଦ ସେଠାରେ ପହଞ୍ଚି ଯାଇଥିଲେ। ଉଭୟ ବାପପୁଅ କାଠପଟା ଓ ବାଉଁଶ ବାଡିରେ ଅରୁଣଙ୍କୁ ମାଡ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ନାତୁଣୀଙ୍କ ଅଶ୍ଳୀଳ ଫଟୋ ପ୍ରଘଟ କରି ସମ୍ପର୍କୀୟ ଅଜା ଗିରଫ

ନୀଳଗିରି, ୧୧।୪ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଶ୍ଳୀଳ ଫଟୋ ପ୍ରଘଟ କରିବା ଅଭିଯୋଗରେ ସମ୍ପର୍କୀୟ ଅଜାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ବ୍ୟକ୍ତି ହେଲେ ଅଯୋଧ୍ୟା ଫାଣ୍ଡି ଅଞ୍ଚଳର ନାରାୟଣ ଖମାରୀ (୫୦)। ଉକ୍ତ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ନାରାୟଣ ବଳପୂର୍ବକ ଅଶ୍ଳୀଳ ଆଚରଣ ସହ ମୋବାଇଲରେ ଅଶ୍ଳୀଳ ଫଟୋ ଉତ୍ତୋଳନ କରି ପ୍ରଘଟ କରିଥିଲେ। ବାରମ୍ବାର ଏଭଳି ଆଚରଣ କରିବା ସହ ଅଭିଯୁକ୍ତ ନାବାଳିକାଙ୍କୁ ମଧ୍ୟ ଧମକ ଚମକ ଦେଇଆସୁଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଜାଣିବା ପରେ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀମାଇନା ପରେ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୧୨୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଭୀରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଏମ୍ଏନ୍ଏସ୍ ଇଣ୍ଡିଆରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଭୁବନେଶ୍ୱର,୧୧।୪ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ମଧ୍ୟ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍) ଇଣ୍ଡିଆର କାର୍ଯ୍ୟ ପରିସରଗୁଡ଼ିକରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିଭଳି ଚଳିତ ବର୍ଷ 'ସୁସ୍ଥ ଆରମ୍ଭ, ଆଶାବାଦୀ ଭବିଷ୍ୟତ' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ସହ ସଚେତନତା କର୍ମଶାଳା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବିଭିନ୍ନ ପରାମର୍ଶମୂଳକ ଅଧିବେଶନ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା କର୍ମଚାରୀ ଏବଂ ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି।



ଠାକୁରାଣୀ ଖଣି ପରିସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାରେ କମ୍ପାନୀ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ସେହିପରି କମ୍ପାନୀର ମେଡିକାଲ ଟିମ୍ ପକ୍ଷରୁ ପାରାଦୀପ ପ୍ଲାଣ୍ଟ ପରିସରରେ କର୍ମଚାରୀ ଓ ପରିବାରବର୍ଗଙ୍କ ପାଇଁ ଏକ ୱାକାଥନର ଆୟୋଜନ କରାଯାଇଥିଲା। ପାୱାର ପ୍ଲାଣ୍ଟର ସୁରକ୍ଷା ବିଭାଗରେ ଏକ ଫିଟ୍ନେସ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ରାସାୟନିକ ବିପଦ ଆକଳନ ଉପରେ ଏକ ୱେବିନାର ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟସେବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପ୍ରୋଜେକ୍ଟ ଟିମ୍ ଯୋଗ ଅଭ୍ୟାସ କର୍ମଶାଳା ଏବଂ ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟ ଉପରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ସହିତ ଏହି ଦିବସ ପାଳନ କରିଥିଲେ। ଡାବୁନା ଓଏଚ୍ସିର ଡାକ୍ତରଙ୍କ ନେତୃତ୍ୱରେ ଡିଡି ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ମଚାରୀ ଓ ଅଂଶୀଦାରଙ୍କ ପାଇଁ ଏକ ସଚେତନତା କର୍ମଶାଳା ସହ କେନ୍ଦୁଝରର ଡାବୁନା ବେନେଫିସିଏସନ ପ୍ଲାଣ୍ଟ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା। ଏଏମ୍ଏନ୍ଏସ୍ ଇଣ୍ଡିଆର ଖଣି ଟିମ୍ ହେଲ୍ପ ଏଜ୍ ଇଣ୍ଡିଆ ଫାଉଣ୍ଡେଶନ ସହଯୋଗରେ ଠାକୁରାଣୀ ଖଣି ନିକଟସ୍ଥ ଡାଲକି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥ ଜୀବନଶୈଳୀ ଏବଂ ରୋଗ ନିରାକରଣ ଉପରେ ଗୁରୁତ୍ୱାରୋପକରି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୧।୪


ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୩୧୦ (୧୩୧୦.୧୧) ପଏଣ୍ଟ ବୃଦ୍ଧି ଘଟି ୭୫,୧୫୭ (୭୫,୧୫୭.୨୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୨୯ (୪୨୯.୪୦) ପଏଣ୍ଟ ବଢ଼ି ୨୨,୮୨୯(୨୨,୮୨୮.୫୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଏଆର୍ସି ନେଟ୍ୱର୍କର ସମ୍ପ୍ରସାରଣ

ଭୁବନେଶ୍ୱର,୧୧।୪

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ଆଶ୍ରୟ ରେଷ୍ଟ ସେଣ୍ଟର' (ଏଆର୍ସି)ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ୨୦୨୫ରେ ଭାରତବ୍ୟାପୀ ଏହାର ଆଶ୍ରୟ କେନ୍ଦ୍ରଗୁଡ଼ିକର ନେଟ୍ୱର୍କକୁ ୧୦୦ ୟୁନିଟ୍କୁ ବୃଦ୍ଧିକରିବା ପାଇଁ ଯୋଜନା ରଖିଛି। ଏହି ଉତ୍ସର୍ଗୀକୃତ ବିଶ୍ରାମସ୍ଥଳୀଗୁଡ଼ିକରେ ଇ-କମର୍ସ ଓ ଲଜିଷ୍ଟିକ୍ସ ଇକୋସିଷ୍ଟମର ଡେଲିଭରି ସହଯୋଗୀମାନଙ୍କୁ ଏୟାର-କଣ୍ଡିସନ୍ଡ ସିଟିଂ, ସ୍ୱଚ୍ଛ ପାନୀୟ ଜଳ, ଇଲେକ୍ଟ୍ରୋଲାଇଟ, ମୋବାଇଲ ଚାର୍ଜିଂ ପଏଣ୍ଟ, ୱାଶ୍ରୁମ, ଫାଷ୍ଟ-ଏଡ୍ କିଟ୍ ଓ ରିଫ୍ରେଶମେଣ୍ଟ ସୁବିଧା ପ୍ରଦାନ କରାଯାଉଛି। ସେହିଭଳି ଏହି ପ୍ରୟାସ ଏକ ଶିଳ୍ପ ପ୍ରଥମ ପଦକ୍ଷେପ ହୋଇଥିଲାବେଳେ ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଡେଲିଭରି ଆସୋସିଏଟ୍ ଓ ଲଜିଷ୍ଟିକ୍ସ ପାର୍ଟନରଙ୍କୁ ଉତ୍ସର୍ଗୀକୃତ ବିଶ୍ରାମ କେନ୍ଦ୍ର ପ୍ରଦାନ କରିବା ପାଇଁ ଏହାକୁ ଡିଜାଇନ କରାଯାଇଛି। ବିଶେଷ କରି ପେଟ୍ରୋଲ ପମ୍ପ ଓ କମର୍ସିଆଲ ରେଣ୍ଟାଲ ସ୍ପେଶରେ ଅବସ୍ଥିତ ଏହି କେନ୍ଦ୍ରଗୁଡ଼ିକ ଜରୁରୀ ସୁବିଧାଗୁଡ଼ିକରେ ସୁସଜ୍ଜିତ ରହିଛି। ଏହି ଆଶ୍ରୟ କେନ୍ଦ୍ରଗୁଡ଼ିକ ସକାଳ ୯ ରୁ ରାତି ୯ ପର୍ଯ୍ୟନ୍ତ ସପ୍ତାହକୁ ୭ଦିନ ପରିଚାଳିତ ହେଉଛି, ଯାହା ପରିଦର୍ଶନ କରୁଥିବା ସମସ୍ତ ସହଯୋଗୀଙ୍କ ପାଇଁ ପ୍ରତି ଭିଜିଟ ପିଛା ୩୦ ମିନିଟ୍ ପର୍ଯ୍ୟନ୍ତ ସମୟ ପାଇଁ ମାଗଣା ଉପଲବ୍ଧ ରହିଛି। ଏକ ସମୟରେ ୧୫ ଜଣ ପର୍ଯ୍ୟନ୍ତ ଲୋକଙ୍କ ରହଣି କ୍ଷମତା ଥିବା ଏହି କେନ୍ଦ୍ରଗୁଡ଼ିକ ସୁବିଧାଜନକ ପାର୍କିଂ ସ୍ଥାନ ମଧ୍ୟ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ ଆମାଜନ.ଇନ୍ର ଇଣ୍ଡିଆ ଓ ଅଷ୍ଟ୍ରେଲିଆ ଭିପି ଅପରେଶସନ ଅଭିନବ ସିଂହ କହିଛନ୍ତି, ଆମର ଡେଲିଭରି ଆସୋସିଏଟ୍ମାନଙ୍କର ସ୍ୱାସ୍ଥ୍ୟ, ସୁସ୍ଥତା ଓ ଆରାମ ଆମର ଶୀର୍ଷ ପ୍ରାଥମିକତା ହୋଇଥିଲାବେଳେ ଆଶ୍ରୟ କେନ୍ଦ୍ରଗୁଡ଼ିକ ସ୍ୱଚ୍ଛ ପାନୀୟ ଜଳ, ଫାଷ୍ଟଏଡ୍ କିଡ୍ ଓ ଚାର୍ଜିଂ ପଏଣ୍ଟ ଭଳି ଜରୁରୀ ସୁବିଧା ସହିତ ବାତାନୁକୂଳିତ (ଏସି) ବିଶ୍ରାମ ସ୍ଥାନ ପ୍ରଦାନ କରୁଛନ୍ତି।


## ନିରୁଦ୍ଦିଷ୍ଟ



ନାମ: ରମେଶ ଚନ୍ଦ୍ର ମହାପାତ୍ର, (୭୫) ବର୍ଷ, ସାବନା ରଙ୍ଗ, ୫'୬'' ଉଚ୍ଚ, ପିତା- ସ୍ୱର୍ଗତ ସଦାଶିବ ମହାପାତ୍ର, ପୂବାଶାସନ, କୌଶଲ୍ୟାଗଙ୍ଗ, ପୁରୀ (ଓଡ଼ିଶା), ପିନ- ୭୫୧୦୦୨, ୨୦।୦୬।୧୯୭୩ରୁ ନିଖୋଜ ଅଛନ୍ତି। ଯଦି କୌଣସି ବ୍ୟକ୍ତି ସୂଚନା ପାଆନ୍ତି ତେବେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ- ୭୦୦୮୬୮୮୭୮୩। ଧ-୧୩୩


# ବେଦାନ୍ତ ଆଲୁମିନିୟମରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଭୁବନେଶ୍ୱର,୧୧।୪

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମର କାର୍ଯ୍ୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିଭଳି ଚଳିତ ବର୍ଷର 'ସ୍ୱାସ୍ଥ୍ୟକର ଆରମ୍ଭ, ଆଶାଜନକ ଭବିଷ୍ୟତ'ଶୀର୍ଷକ ବିଶ୍ୱସ୍ତରୀୟ ବିଷୟବସ୍ତୁ ସହ ସଂଯୁକ୍ତ ରହିଛି। ଏପରିକି ଏହି ପଦକ୍ଷେପଗୁଡ଼ିକ କମ୍ପାନୀର କର୍ମଚାରୀ ଏବଂ ପଡ଼ୋଶୀ ସମ୍ପ୍ରଦାୟ ଉଭୟଙ୍କ ପାଇଁ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ କମ୍ପାନୀର ଝାରସୁଗୁଡ଼ା ୟୁନିଟ୍ (ବେଦାନ୍ତର ମେଗା ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟ) ନିକଟସ୍ଥ ସୁନାରିମୁଣ୍ଡା




ଗ୍ରାମଠାରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ୧୩୦ ରୁ ଅଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ାର ଅଣ-ସଂକ୍ରାମକ ରୋଗ ବିଭାଗ ମୁଖ୍ୟ ଡା. ଡୋଲାମଣି ପଟେଲ ଯୋଗଦେଇ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନ ମଧ୍ୟରେ ଏମ୍ଏଚ୍ୟୁ ଡା. ଜୟନାରାୟଣ ପୂଜାରୀଙ୍କ ସମେତ ସୁନାରିମୁଣ୍ଡାର ଅଙ୍ଗନୱାଡି କର୍ମୀ ସୁରୁଚି ପାଢ଼ୀ ଏବଂ ସୁନାରିମୁଣ୍ଡାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବିଶି ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ଲାଞ୍ଜିଗଡ଼ ୟୁନିଟ୍ (ବେଦାନ୍ତର ଆଲୁମିନା ରିଫାଇନେରି)ରେ ଏକ ମଲ୍ଟିସ୍ପେଶାଲିଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ୪୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ମାଗଣା ଚିକିତ୍ସା ପରାମର୍ଶ ଏବଂ ଚେକ୍ଅପ୍ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ସ୍ୱୀକାର କରୁଛୁ ଯେ ଭଲ ସ୍ୱାସ୍ଥ୍ୟ କେବଳ ଏକ ବ୍ୟକ୍ତିଗତ ଆବଶ୍ୟକତା ନୁହେଁ ବରଂ ଏକ ସାମୂହିକ ଦାୟିତ୍ୱ ଯାହା ସମାଜର ଗଠନକୁ ମଜଭୁତ କରିଥାଏ।

# ମିଲେଟ ମାର୍ଭଲ୍ସର ଶୁଭାରମ୍ଭ

ଭୁବନେଶ୍ୱର,୧୧।୪

ତେନାଲୀ ଡ଼ବଲ ହର୍ଷଗ୍ରୁପ୍ର ନୂତନ ଭେଞ୍ଚର 'ମିଲେଟ ମାର୍ଭଲ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଆପୋଲୋ ହସ୍ପିଟାଲ ଗ୍ରୁପର ପରିଚାଳନା ନିର୍ଦ୍ଦେଶିକା ଡା. ସଙ୍ଗୀତା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୁପର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିଭଳି ବଜାରରେ ବୃଦ୍ଧି ପାଉଥିବା ମିଲେଟ ଉତ୍ପାଦ ସହ ସୁପର ଫୁଡ ସେଗମେଣ୍ଟର ବିଶେଷ ଉଦ୍ଦେଶ୍ୟ ସାଧନକାରୀ ପଦକ୍ଷେପକୁ ଏହା ଚିହ୍ନିତ କରିବା ସହିତ ମିଲେଟ-ଆଧାରିତ ଉତ୍ପାଦନର ଅନେକ ଗୁଡ଼ିଏ ସମ୍ଭାରରେ ଏହା ଅଫର ପ୍ରଦାନ କରିବା ସହିତ ସ୍ୱାସ୍ଥ୍ୟ-ସଚେତନକାରୀ ଗ୍ରାହକ ମାନଙ୍କ ପାଇଁ ଏହା ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଛି। ସେହିପରି କମ୍ପାନୀ ପ୍ରାରମ୍ଭିକ ଭାବେ ୪ ବିଭାଗ ମଧ୍ୟରେ ୧୯ ସାମଗ୍ରୀର ଶୁଭାରମ୍ଭ କରିବାକୁ ଯାଉଛି। ଯାହା ମଧ୍ୟରେ ଡ଼ାଲି, ନୁଡୁଲ, କୁକିସ୍ ତଥା ରନ୍ଧନ ପ୍ରସ୍ତୁତକାରୀ ଖାଦ୍ୟ ସାମିଲ ରହିଛି, ଯାହାର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୯୫ ଟଙ୍କା ପ୍ରତି ୟୁନିଟ୍ ରଖାଯାଇଛି। ଏହି ବ୍ରାଣ୍ଡ ଖୁବଶୀଘ୍ର ନବୀକରଣୀୟ ବିଭାଗ ଗୁଡ଼ିକର ସଂପ୍ରସାରଣ କରିବାକୁ ଯାଉଛି, ଯାହା ମଧ୍ୟରେ ସ୍ୱାସ୍ଥ୍ୟକର ମିଶ୍ରଣ, ମଧୁମେହ ଉପଯୋଗୀ ଖାଦ୍ୟ, ସିମୋଲିନା, ପାସ୍ତା, ସ୍ୱାସ୍ଥ୍ୟକର ମଇଦା, ବାଦାମ, ଅର୍ଗାନିକ୍ ଖାଦ୍ୟ, ଫ୍ରିଜ୍ୟୁକ୍ତ-ଶୁଖା ଫଳ ତଥା ପନିପରିବା ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ତେନାଲୀ ଡ଼ବଲ ହର୍ଷ ଗ୍ରୁପ୍ର ଅଧ୍ୟକ୍ଷ ତଥା ଏମଡି ମୋହନ ଶ୍ୟାମା ପ୍ରସାଦ ମୁନାଗାଲା କହିଥିଲେ, ଆମେ ଆମର ନୂତନ ଭେଞ୍ଚରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ।

# ବଜାରରେ ଟ୍ୟୁନ ସିରିଜ ୨

ନୂଆଦିଲ୍ଲୀ,୧୧।୪

ଜେବିଏଲ୍ର ବହୁ ପ୍ରତୀକ୍ଷିତ ତଥା ଏହାର ଗେମ୍-ଚେଞ୍ଜିଂ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ସିରିଜ ୩ଟି ସ୍ୱତନ୍ତ୍ର ଷ୍ଟାଇଲ ଯଥା ବଡ୍ସ ୨, ବିମ୍ ୨ ଓ ଫ୍ଲେକ୍ସ ୨ ମଡଲରେ ଉପଲବ୍ଧ। ଏ ସମ୍ପର୍କରେ ହର୍ମାନ ଇଣ୍ଡିଆ ଲାଇଫଷ୍ଟାଇଲ ବିଭାଗର ଉପାଧ୍ୟକ୍ଷ ବିକ୍ରମ ଖେର କହିଛନ୍ତି, ଭାରତରେ ଜେବିଏଲ ଟ୍ୟୁନ ସିରିଜର ସମ୍ପ୍ରସାରଣ ସହିତ ଆମେ ଆଡପ୍ଟିଭ ନଏଜ କ୍ୟାନ୍ସେଲିଂ ଓ ଭଏସଆୱେର ଭଳି ଫିଚର ସହ ଏକ ଉନ୍ନତ ନିମଜ୍ଜିତ ଅଡିଓ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯାହା ଉପଭୋକ୍ତାଙ୍କୁ ଉନ୍ନତ ସାଉଣ୍ଡ କ୍ୱାଲିଟି ଓ ସାରାଦିନର ଆରାମ ସହ ନିଜର ଶ୍ରବଣ ଅନୁଭୂତିକୁ ପର୍ସନାଲାଇଜ କରିବା ପାଇଁ ଅନୁମତି ଦେଉଛି। ସେହିଭଳି ଟ୍ୟୁନ ୨ ସିରିଜ ଆଡପ୍ଟିଭ ନଏଜ କ୍ୟାନ୍ସେଲିଂ, ଉନ୍ନତ ଡ୍ରାଇଭର ଓ ସ୍ପାଟିଆଲ ସାଉଣ୍ଡ ଭଳି ପ୍ରଥମ ଥରର ଫିଚରଗୁଡ଼ିକ ସହ ଆସୁଛି। ମଲ୍ଟି-ପଏଣ୍ଟ କନେକ୍ସନ ଓ ଗୁଗଲର ଫାଷ୍ଟ ପେୟାର ସହିତ ଉପଭୋକ୍ତାମାନେ ସହଜରେ ଡିଭାଇସଗୁଡ଼ିକ ମଧ୍ୟରେ ସ୍ୱିଚ କରିପାରିବେ ଏବଂ ଆଣ୍ଡ୍ରଏଡ ଡିଭାଇସଗୁଡ଼ିକ ସହ ଇନ୍ଷ୍ଟାଣ୍ଟ ପେୟାରିଂ ଉପଭୋଗ କରିପାରିବେ। ଜେବିଏଲ୍ର ନୂଆ ଟ୍ୟୁନ ସିରିଜ ୨ ତିନୋଟି ସ୍ୱତନ୍ତ୍ର ଡିଜାଇନ ସହ ପର୍ସନାଲ ଅଡିଓକୁ ପୁନଃବ୍ୟାଖ୍ୟା କରିଛି, ଯେଉଁଥିରେ ଏର୍ଗୋନୋମିକ ବଡ୍-ଷ୍ଟାଇଲ ଡିଜାଇନ ସହ ଟ୍ୟୁନ ବଡ୍ସ୨, ସ୍ଲିକ କ୍ଲୋଜ୍ଡ-ଟାଇପ ଷ୍ଟିକ ଡିଜାଇନ ସହ ଟ୍ୟୁନ ବିମ୍ ୨ ଏବଂ ଉନ୍ନତ ସାଉଣ୍ଡ କ୍ୱାଲିଟି ପାଇଁ ବୃହତ ୧୨ ଏମଏମ ଡ୍ରାଇଭର ସହ ଓପନ-ଟାଇପ ଷ୍ଟିକ ଡିଜାଇନ ସହ ବହୁମୁଖୀ ଟ୍ୟୁନ ଫ୍ଲେକ୍ସ ୨ ସାମିଲ ରହିଛି।

# ଡିଏସ୍ ଗ୍ରୁପ୍ର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୧୧।୪

ଧରମପାଲ ସତପାଲ ଗ୍ରୁପ (ଡିଏସ ଗ୍ରୁପ)ର ନୂତନ ଉତ୍ପାଦ ରେଞ୍ଜ (ଶୃଙ୍ଖଳ) ପଲ୍ସ ଗୋଲମୋଲ ଇମିଲି ଫ୍ଲେଭର ଗୋଲି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପିଢି ପିଢି ଧରି ଲୋକଙ୍କୁ ଆମୋଦିତ କରୁଥିବା ପରିଚିତ ତେନ୍ତୁଳି (ଇମିଲି) ସ୍ୱାଦ ଦ୍ୱାରା ଅନୁପ୍ରାଣିତ ହୋଇ ପଲ୍ସ ଗୋଲମୋଲର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଯାହାର ପ୍ରତି ପାଉଚ ପାଇଁ ମୂଲ୍ୟ ମାତ୍ର ୧ ଟଙ୍କା ରହିଛି।

ଏ ସମ୍ପର୍କରେ ଡିଏସ ଗ୍ରୁପର କନଫେକ୍ସନାରୀ ବିଜନେସ ହେଡ ଜ୍ୟୋତିରୂପ ବରୁଆ କହିଛନ୍ତି, ଡିଏସ ଗ୍ରୁପର ନୂତନ ଉତ୍ପାଦ ରେଞ୍ଜ ପଲ୍ସ ଗୋଲମୋଲକୁ ଶୁଭାରମ୍ଭ କରି ଆମେ ବେଶ ଉତ୍ସାହିତ ଅଛି।


# Classified Everyday
0674-2580101, 9692975378



REAL ESTATE

SALE

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439

ଭିଙ୍ଗାରପୁର ଛକଠାରୁ **7** କି.ମି. ଆଗରେ ମୌଜା ପ୍ରତାପରୁଦ୍ରପୁରଠାରେ କେନାଲ ପିଚୁ ରାସ୍ତାକୁ ଲାଗି **24500** ବର୍ଗଫୁଟ ଜମି ବିକ୍ରି ହେବ। ପ୍ରତି ବର୍ଗଫୁଟକୁ **300** ଟଙ୍କା। ଯୋଗାଯୋଗ: **9439688844.** D-136

**Duplex sale with gated Society near Aiims Hospital, Bhubaneswar. 9777433701.** D-76256


FOR RENT

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377


Healthcare

All types hair cutting, body massage by smart lady room services available. Contact: 7077240328. D-71396

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Newly open Jyoti SPA positively health benefits (Expert therapist). 8458067955. D-76908

Full body massage by odia therapist in homely atmosphere. 9556498382. D-75378

Positively health benefited SPA by expert female therapist. 9114559860. D-76907

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Jatani, I, Pulumari Manga Raju, S/o- Pulumari Appel Naidu, At- Plot No.- 356, Khasmahal Colony, P.O./P.S.- Jatani, Dist.- Khordha, PIN- 752050, (Odisha) declared by this Affidavit No.- 72AA794932, Slno.- 8, dtd-02.04.2025, that in my daughter's Birth Certificate my name was wrongly mentioned as P.Mangaraju instead of actual name Pulumari Manga Raju and my wife name was wrongly mentioned as P. Nookalaksmi instead of actual name Pulumari Nooka Lakshmi in the Birth Certificate of daughter Pulumari Vishnupriya. By the above mentioned affidavit I have changed my name as Pulumari Manga Raju and my wife name has changed as Pulumari Nooka Lakshmi in the Birth Certificate of my daughter's Pulumari Vishnupriya. Henceforth, my daughter is known as Pulumari Vishnupriya, D/o- Pulumari Manga Raju and Pulumari Nooka Lakshmi for all future purposes. D-132

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Muniguda on dated 08.04.2025 (Sl no.- 491/25) I, Krushna Chandra Pusika of Village- Jamaraguda, P.O./M.- Patraguda, P.S.- Muniguda, Dist.- Rayagada, Date of Birth is 05.01.1988, declare that I have changed my name to Krushna Pusika. Henceforth, I shall be known as Krushna Chandra Pusika for all purpose and my date of birth is 05.01.1988. D-131

By virtue of an affidavit sworn before Executive Magistrate, Angul, on dated 10.04.2025. I, Puspalata Mohapatra wife of Birendra Nath Mohapatra. At- Susuda, P.O.- Ankula, Dist.- Angul, declare that I have changed my name from Puspa Mohapatra to Puspalata Mohapatra. Henceforth, she shall be known as Puspalata Mohapatra for all purposes.
Puspalata Mohapatra D-128

I, Kabita Patra, W/o-Late Basudeva Patra, resident of Nilanchal Bazar, Main Road, Semiliguda, Dist.- Koraput, PIN- 764036, Odisha declare by this affidavit No.- 15, dtd. 09.04.25 before the Notary, Semiliguda that now onwards I shall be known as KABITA PATRO for all future purposes. D-137

By the virtue of affidavit sworn before the Notary Magistrate, Nuapada, District- Nuapada, Odisha, dated 11.04.2025, I, Dilip Debnath, S/o- Hemachandra Debanath and resident of Village: At/P.O.- Kandetara, Via- Komna, Dist.- Nuapada declare that I have changed my name from Dilip Debnath to Dilip Debanath. Henceforth, I shall be known as Dilip Debanath to all purposes.
Dilip Debanath D-139

By the virtue of affidavit sworn before the Notary Magistrate, Nuapada, District- Nuapada, Odisha, dated 11.04.2025, I, Rina Debnath, D/o- Naresh Debanath, W/o- Dilip Debanath, and resident of Village: At/P.O.- Kandetara, Via- Komna, Dist.- Nuapada declare that I have changed my name from Rina Debnath to Rina Debanath. Henceforth I shall be known as Rina Debanath to all purposes.
Rina Debanath D- 138

By virtue of an affidavit sworn before the Executive Magistrate, Dharmasala, dated- 08.04.2025, I, Mahammad Jakir Hosen, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha, declare that I have changed my son name from Mojakir Hosen to Mojakkir Hussain. Henceforth, he shall be known as Mojakkir Hussain for all future purposes. D-135

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମନ୍ମିକ୍ ଦାସ
ତିରୋଧାନ: ୨୩।୦୪।୨୦୨୪
(ଚୈତ୍ରମାସ, ପୂର୍ଣ୍ଣମୀ ତିଥି)
ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୋର ପବିତ୍ର ନିଷ୍କପଟ ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆଜି ତୋର ଆତ୍ମା ଆରପାରିରେ ରହି ମଧ୍ୟ ଆମମାନଙ୍କ ହୃଦୟରେ ସଦା ସର୍ବଦା ଜୀବିତ ହୋଇ ରହିଛି ଓ ରହିବ। ଧ-୧୨୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଯମ ଦର୍ଶନ

ବ୍ୟଙ୍ଗ ଗଳ୍ପ

**ରଞ୍ଜନ ସାହୁ**



ଗତ ରାତିରେ ଯମ ଆସିଥିଲେ। କହିଲେ, ରିଟାୟାରମେଣ୍ଟ ହେଲା ଏବେ ଚାଲ।

– ଏତେ ଶୀଘ୍ର! ସେମିତି ବି ଆଉରି ତିନି ମାସେ ଅଛି ଚାକିରି। ମୁଁ ସହସା ଜଣେଇଲି।

: ମୁଁ କ'ଣ ଜାଣିନାହିଁ? ତମମାନଙ୍କର ଟିକିନିଖି ବିବରଣୀ ଚିତ୍ରଗୁପ୍ତ ରଖିଛନ୍ତି। ତେବେ କ'ଣ ତିନି ମାସ ପରେ ଯିବ?

– ନା। ଆଉ କିଛିଦିନ ଯାଉ। ମୋତେ ମହଲତ କିଛି ଦିଅ। ଅନେକ କାମ ବାକି ଅଛି। ସେସବୁ ସାରିଦେବି। ତା'ପରେ...

: କି କାମ ସବୁ ଅଛି? ଆର ଥର ହସ୍ପିଟାଲରେ ପଡ଼ିଥିଲ, ଆସିଥିଲି ନେବା ପାଇଁ। ତମ ଛାତି କଟାହେଇଥିଲା। ଅନୁନୟ ବିନତି କଲ। ଗୁଡ଼ାଏ ମିଛ ବି କହିଲ। ଗାଲୁ କଥା ଶୁଣାଇଲ। ଅବସର ନେଲା ପର୍ଯ୍ୟନ୍ତ ସମୟ ମାଗିଲ।

– କେତେବେଳେ ମାଗିଲି? ମୁଁ ତ ତମକୁ ଦେଖିନାହିଁ।

: ଏତେ ମିଛ! ମନେପକା। ସେ ଛୋଟ କ୍ୟାବିନ୍‌ଟାରେ ତମେ ଶୋଇଥିଲ। ସାଲାଇନ ଲାଗିଥିଲା। ଜଣେ ସ୍ତ୍ରୀ ଲୋକ ମୁହଁ ଶୁଖେଇ ଚାହିଁଥିଲା। ସେ ବୋଧେ ତମ ଘରଣୀ। ମୁହଁରେ ଦୁଃଖ ଥିଲେବି ମନେମନେ ଖୁସି ହଉଥିଲା ଅବଳାଟି। ଭାବୁଥିଲା, ଏଥର ଈଶ୍ୱର ଏ ଜିଦିଆ ମର୍ଦ୍ଦଟାଠାରୁ ମୁକ୍ତି ଦେଇଦେବେ। ବାଇଶ ବର୍ଷ ହେଲା ବାହାଘର। ଦିନଟିଏ ବି ତା' ଧମକରୁ ତ୍ରାହି ମିଳିଲାନାହିଁ।

– ସେସବୁ ମୋତେ ଶୁଣିବାକୁ ଭଲ ଲାଗୁନାହିଁ। ଆମ ଘରୋଇ ବ୍ୟାପାରରେ ମୁଣ୍ଡ ନ ଖେଳେଇଲେ ବରଂ ଭଲ।

: ହଉ ଛାଡ଼। ଯମ କଥା ବଦଳେଇ ପୁଣି କହିଲେ– ମନେପଡ଼ିଲା ତ ଏବେ? ଦୟାକରି ସେଦିନ ଛାଡ଼ିଦେଇଗଲି। ଏବେ ଆସିଛି ବାହାର, ଯିବା।

– ଯାଆନ୍ତି ଯେ! ହେଲେ...

: ହେଲେ ପୁଣି କ'ଣ?

– କ'ଣ କହୁଥିଲି କି, ଅନେକ ଇମ୍ପୋଟାଣ୍ଟ କାମ ବାକି ରହିଯାଇଛି। ସେ ସବୁ ନ ସାରିଲେ ଅବସୋସ ରହିଯିବ। ଜଗୁ ଷଡ଼ଙ୍ଗୀ ଉପରେ ମୋର ବହୁତ ରାଗ। ପ୍ରତିଶୋଧ ନେବି ନେବି ବୋଲି ବୁଢ଼ା ହେଇଗଲି। ତାକୁ ପାନେ ଦେବାକୁ ଓର ଉଣ୍ଡୁଛି।

ଗଲା ସନ ଅବଶ୍ୟ ଭୁବନୀ ପରିଡ଼ାର ଚେର କାଟିଦେଇଛି। ଉପର ପାହ୍ୟାକୁ ଯିବ ବୋଲି ରାସ୍କେଲଟା ଭାରି ଚେଷ୍ଟା କରୁଥିଲା। ମୋ' ପଛରେ ପଦସ୍ଥ ଅଫିସରମାନଙ୍କୁ ତୋଷାମଦ କରୁଥିଲା। ହେଲେ ମୁଁ ବାଟ ଛାଡ଼ିଲିନି। ମୋତେ ନ ପଚାରି କୋଉ ଅଫିସର ମଞ୍ଜୁରୀ ଦେବ ହୋ! ଏ କ'ଣ ଗେଲ କଥା! ତଳିଆ କର୍ମଚାରୀ ହୋଇ ମୁଣ୍ଡରେ ଚଢୁଛି ଶଃ!

: ପରିଡ଼ା ଉପରେ ଏତେ କ୍ରୋଧ କିଆଁ? କ'ଣ କଲାକି?

– କ'ଣ କଲାକି କହୁଛ? କ'ଣ ନ କଲା କୁହ! ସେଇଟା ମୋତେ ଆଦୌ ଖାତିର କଲାନି। ଚକାଚକ୍ ପ୍ୟାଣ୍ଟ ଶାର୍ଟ ପିନ୍ଧି, ଉଡ୍‌ଲ୍ୟାଣ୍ଡ ଜୋତା ପିନ୍ଧି ଓଟ ଭଳିଆ ମୋ' ଆଗରେ ପଳେଇବ। କୋଣ ଆଖିରେ ଚାହିଁବନି। ଏଗୁଡା କ'ଣ ସହି ହେବ? ସେଦିନ ନୀଳଶାର୍ଟ ଉପରେ ମୋଦି ଜ୍ୟାକେଟ୍ ପିନ୍ଧି ଯାଉଥିଲା। ମୋତେ ଦେଖିଲାମାତ୍ରେ ଜ୍ୟାକେଟ୍‌ର ବେକ ପାଖ ବୋତାମ ଦେଇ ଛାତି ଫୁଲେଇଦେଲା। ଯେଟା କ'ଣ ମୋ' ପ୍ରତି ଅବମାନନା ନୁହଁ? ପିନ୍ଧିଲା ତ ପିନ୍ଧିଲା, ଜ୍ୟାକେଟ୍‌ଟାର ବୋତାମ ସବୁକୁ ଟାଇଟ୍ କରି ଦେଇ ଛାଣ୍ଟ କାଣ୍ଟ କାହିଁକି ଦେଖେଇଲା! ଆଉ ପୁଣି ମୋ' ପାହ୍ୟାକୁ ଆସିବ ବୋଲି ଲାଗିଛି ବଦମାସଟା। ମୋ' ପୋଜିଶନକୁ ଆସିଗଲେ ଆଉ ମାନିବଟି! ତାକୁ ଛାଡ଼ିବି ନାହିଁ। ଆଉ କିଛିଦିନ ଦିଅ ତା' ବାପଗୋସାଁପ ନାଁ ମନେପକେଇଦେବି। କଥାରେ ଅଛି: ''ଶତ୍ରୁକୁ ମାରିବ ବଳମରେ, ତଳତଳିଆଙ୍କୁ ମାରିବ କଲମରେ।''

ଆଉ ଜଣେ ଅଛି। ଦିବାକର ଖଣ୍ଡୁଆଳ। ମୋ' ପଡ଼ୋଶୀ। ତାକୁ ଔଷଧ ଚଖେଇବି। ତା' ନାଆଁରେ କୋର୍ଟରେ ମାମଲା ରୁଜୁ କରିଛି। ଛୋଟଲୋକଟାକୁ ସମୂଳେ ଧ୍ୱଂସ କରିଦେବି। ତିନିହାତ ଜାଗା ମୋର ମାଡ଼ି ବସିଛି। ଦି'ବର୍ଷ ହେଲାଣି କଚେରି ଯାଉଛି। ଓକିଲ କହୁଛି ତାରିଖ ପଡ଼ିନି। ଆଉ କିଛି ବର୍ଷ ଲାଗିବ।

: ଆଚ୍ଛା କୁହ, ଏସବୁ କାମ ସାରିବାକୁ କେତେଦିନ ଲାଗିବ? ଯମ ନିର୍ବିକାର ସ୍ୱରରେ ପ୍ରଶ୍ନ କଲେ।

– ଠିକ୍‌ରେ କହିହେଉନି। ତଥାପି... ହଁ ମନେପଡ଼ିଲା। ମର୍ନିଂୱାକ୍ ବେଳେ ମାଳତୀକୁ ଦେଖିଲି। ବୁଢ଼ୀ ପରି ଦିଶିଲାଣି। ବହୁତ ପ୍ରେମ ଥିଲା ତା' ପାଖରେ। ସେତେବେଳେ ମୋତେ ରିଜେକ୍ଟ କରିଦେଇଥିଲା। ଏବେ ଦେଖି ହସୁଛି। ନୟନପ୍ରୀତି ବି ହେଲାଣି କେତେଥର। ଆଗରୁ କୋଉଠିଥିଲା କେଜାଣି! ଏବେ ପୁଅ ପାଖରେ ଆସି ରହୁଛି। ଚାଳିଶ ବର୍ଷ ପରେ ଦେଖା।

: ହଉ ଦେଖା ହଉ। ଆଉ ଏବେ ସେ ନୁଉଁଛୁଣା କଥାରେ କାହିଁ ମାତୁଛ? ସମୟ ଯିବ, ଅର୍ଥ ଯିବ। ତା' ସହିତ ମାନମହତ ବି ପଦାରେ ପଡ଼ିବ। ବରଂ...

– ନା ଆପଣ ଜାଣିନାହାନ୍ତି। କିଛି ହେବନି। କିଏ କାହିଁକି ଜାଣିବ କି! ମୁଁ ଭାବୁଛି ଏଇ ବର୍ଷକ ଭିତରେ ତାକୁ କରାୟତ୍ତ କରିନେବି।

: ହଉ ଯାହା ଭାବୁଛ କର। ଏ ସବୁ କାମ ସାରିବାକୁ ଆଉ କେତେ ବର୍ଷ ଦରକାର କୁହ।

– ବେଶୀ ନୁହେଁ। ଆଉ ଦଶ କିମ୍ବା ଏଗାର ବର୍ଷ। ଏବେ ଷାଠିଏ ହେଲା। ସତୁରିବେଳକୁ ସବୁ ସାରିଦେବି।

: ତେବେ ମୁଁ ଯାଉଛି। ସେତେବେଳେ ଆସିବି।

– ଆଜ୍ଞା ଯାଆନ୍ତୁ। ମୋର କାମ ସରିଲେ ମୁଁ ହ୍ୱାଟ୍‌ସଆପ୍‌ରେ ମେସେଜ୍ ଦେଇଦେବି।

: ମେସେଜ୍ କିଛି ଦରକାର ନାହିଁ। ତମର ଜନ୍ମପଞ୍ଜିକା ଚିତ୍ରଗୁପ୍ତ ପାଖରେ ଅଛି। ସେ ମନେପକେଇଦେଲେ ମୁଁ ନବାକୁ ଆସିବି। ଅନ୍ୟ କଥାହେଲା ମେସେଜ୍ ମୁଁ ଜାଣିପାରିବିନି। ଏଯାଏଁ ମୁଁ ବୋତାମ ଫୋନ୍ ବ୍ୟବହାର କରୁଛି। ସ୍ମାର୍ଟ ଫୋନ୍ କିଣିନାହିଁ। ସତ କଥାହେଲା ସେଟା ମୁଁ ଚଳେଇ ପାରୁନାହିଁ। ତମେ ମେସେଜ୍ କରିବା ଦରକାର ନାହିଁ। ହବ ଯଦି ମିସ୍ କଲ୍‌ଟିଏ ମାରିଦବ।

ଯମ ପ୍ରସ୍ଥାନ କଲେ। କାନ୍ଥଘଣ୍ଟାକୁ ଚାହିଁଲି। ସମୟ ରାତି ଦୁଇ। ମାଳତୀର ଯୁବାବେଳର ମୁହଁଟା ମନେପଡ଼ିଲା। ଆହାଃ କି ସୁନ୍ଦର ଥିଲା ସେ! କ'ଣ କରୁଥିବ ସେ ଏବେ! ଶୋଇପଡ଼ିଥିବ ନା ମୋ' ପରି ଯମ ସହିତ ବାର୍ତ୍ତାଳାପ କରୁଥିବ!

ଆଉ ନିଦ ହେଲାନାହିଁ। ସକାଳ ହେଉ। ମର୍ନିଂୱାକ୍‌ରେ ଶୀଘ୍ର ଗଲେ ଭେଟ ହେବ ସେଠି।

ମୋ: ୯୮୬୧୦୬୦୮୦୩

# ମୋକ୍ଷ ପ୍ରାପ୍ତି


କଥାଟିଏ | **ଶିବ ମିଶ୍ର**



ବଗ-ବଗୁଲୀ ଥଣ୍ଟକୁ ଥଣ୍ଟ ଲଗାଇ ବସିଲା ପରି ସ୍ୱାମୀ-ସ୍ତ୍ରୀ ଦୁହେଁ ଆଖିରେ ଆଖି ମିଶାଇ କଥା ହେଲାବେଳେ ସ୍ୱାମୀ କହିଲେ– ତମେ ମୋ' କଥା ମାନିଲନି, ଦରଖାସ୍ତ ଦେଲନି। ଯେଉଁ ମହିଳାମାନେ ଦରଖାସ୍ତ ଦେଇଥିଲେ, ଏବେ ସରକାର ସେମାନଙ୍କୁ ମାଗଣା ଟଙ୍କା ଦେଲେ ନା ନାହିଁ? ତମେ ଜାଣିଶୁଣି ଗୋଟାଏ ସୁଯୋଗ ହରେଇଲ। ସ୍ତ୍ରୀ କହିଲେ– ସରକାର ଟଙ୍କା ପଚାଶ ହଜାର ଦେବେ, ସିଏ ପୁଣି ପାଞ୍ଚ ବର୍ଷରେ, ପାଞ୍ଚ ଥରରେ। କିନ୍ତୁ ତମେ ଯଦି ଇଆଡୁ ସିଆଡୁ ନ କହି ମୋ' କଥା ମାନି ତମ ବାପାଙ୍କୁ ଦଶ ହଜାର ଟଙ୍କା ଦେଇଥା'ନ୍ତ, ସିଏ ମହାକୁମ୍ଭ ମେଳାରେ ବୁଡ଼ ପକାଇବାକୁ ଯାଇଥାନ୍ତେ, ଆଉ ସେଠାରେ ହୋଇଥିବା ଲୋକ ଭିଡ଼ ଦଳାଚକଟାରେ ତାଙ୍କର ନମ୍ବର ଲାଗି ଯାଇଥା'ନ୍ତା, ତେବେ ସରକାରଙ୍କ ଯୋଜନା ମୁତାବକ ଆମକୁ ଗୋଟିଏ ଥରରେ ଦି' ଚାରି ଲକ୍ଷ ଟଙ୍କା ମିଳିଥା'ନ୍ତା, ପୁଣି ଜଣେ ମହାନ୍ ବାବାଙ୍କ ସିଦ୍ଧ ବଚନ ମୁତାବକ ତମ ବାପା ମୋକ୍ଷ ପ୍ରାପ୍ତ ହୋଇଥା'ନ୍ତେ। ସ୍ତ୍ରୀଙ୍କ କଥା ଶୁଣି ସ୍ୱାମୀ କ'ଣ କହିବେ ବୋଲି ଭାବୁଥିଲେ, ହଠାତ୍ ଆର ଘରୁ ବାପାଙ୍କ ହସ ଶୁଭିଲା। ସିଏ ଖୁବ୍ ଜୋର୍‌ରେ ହସୁଥିଲେ। ସ୍ୱାମୀ-ସ୍ତ୍ରୀ ଦୁହେଁ ଏ ଘରୁ ସେ ଘରକୁ ଗଲାବେଳକୁ ବାପାଙ୍କ ହସ ଠପ୍ କିନା ବନ୍ଦ ହୋଇଗଲା। ସେଇ ବସିଲା ଥାନରେ ଟଳିପଡ଼ିଲେ ସିଏ। ଦରକାର ପଡ଼ିଲାନି କୁମ୍ଭମେଳା ଭିଡ଼ର ଦଳାଚକଟା। ନିଜ ଘରେ, ନିଜ ବୋହୂଙ୍କର ସିଦ୍ଧ ବଚନରେ ହୋଇଗଲା ତାଙ୍କର ମୋକ୍ଷ ପ୍ରାପ୍ତି।

ମୋ:୯୮୫୩୦୭୦୦୧୮

କାଳକାଳକୁ



**''ଶବ୍ଦ ହେଉଛି ନୀରବତା ଓ ଶୂନ୍ୟତା ଉପରେ ଅବାଞ୍ଛିତ ଏକ ଦାଗ।''**
**– ସାମୁଏଲ୍ ବେକେଟ୍**

**ସାମୁଏଲ୍ ବେକେଟ୍‌ଙ୍କ** ଜନ୍ମ ୧୩ ଏପ୍ରିଲ ୧୯୦୬ରେ ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଏବଂ ପରଲୋକ ୨୨ ଡିସେମ୍ବର ଫ୍ରାନ୍ସର ପ୍ୟାରିସ୍‌ରେ। ବିଂଶ ଶତକର ଅତ୍ୟନ୍ତ ପ୍ରଭାବଶାଳୀ ଏଇ ଲେଖକ ଏକାଧାରରେ କବି, ନାଟ୍ୟକାର, ଔପନ୍ୟାସିକ ଓ ଗାଳ୍ପିକ। ୧୯୫୩ରେ ରଚିତ 'ୱେଟିଙ୍ଗ୍ ଫର୍ ଗୋଦୋ' ପାଇଁ ସେ ବିଶ୍ୱବିଖ୍ୟାତ। ଉଦ୍ଭଟ ନାଟ୍ୟପରମ୍ପରାର ସେ ଅନ୍ୟତମ ମୁଖ୍ୟ ସୂତ୍ରଧର। ଇଂଲିଶ୍ ଓ ଫରାସୀ– ଉଭୟ ଭାଷାରେ ଲେଖୁଥିବା ଏହି ଲେଖକ ବିଶ୍ୱ ସାହିତ୍ୟକୁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୧୯୬୯ରେ ସମ୍ମାନିତ ହୁଅନ୍ତି ନୋବେଲ ପୁରସ୍କାରରେ।

## ପୁସ୍ତକ ପରିଚୟ


### ପ୍ରିୟ ପଞ୍ଚକ



**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୫୦୦/-

ପୂର୍ବ ପ୍ରକାଶିତ ପାଞ୍ଚୋଟି ଉପନ୍ୟାସ ('ସମ୍ପର୍କର ସୂତାଖିଅ', 'ପ୍ରିୟ ପୃଥିବୀ', 'କଳାଜାଇ', 'ଆଞ୍ଜୁଳାଏ ମୁକ୍ତି' ଓ 'ବେଦନାର ବେଦ')କୁ ଏକାଠି କରାଯାଇଛି ଆଲୋଚ୍ୟ ଗ୍ରନ୍ଥରେ। ପ୍ରକାଶକୀୟ ମନ୍ତବ୍ୟ କହେ– ଲେଖକ ନିପଟ ବାସ୍ତବତାର ନିଖୁଣ ଚିତ୍ରକାର, ତାଙ୍କ ଶୈଳୀ ପ୍ରାଣବନ୍ତ ଓ ରଚନା ମନୋରଞ୍ଜନଧର୍ମୀ ତଥା ଆତ୍ମଚିନ୍ତନରେ ସତ୍ତାଲୀନ, ବିଭୋର। ଆକସ୍ମିକତାରୁ ଯେପରି ଆରମ୍ଭ ହୁଏ ସବୁ ଭଲ ଉପନ୍ୟାସ ଓ ସରେ ସରି ନ ଥିବାର ଅତୃପ୍ତି ଜଗାଇ, ସେହିପରି ଅବିକଳ କ୍ଷୀରୋଦଙ୍କର ଏ ଉପନ୍ୟାସ-ପଞ୍ଚକ। 'ସମ୍ପର୍କର ସୂତାଖିଅ'ର ଆରମ୍ଭ ବାକ୍ୟଟି ଏହିପରି: ''ଗୋଟିଏ ବିସ୍ତୀର୍ଣ୍ଣ ପଡ଼ିଆ ମଝିରେ ଘଞ୍ଚ କିଆବୁଦାଟିଏ ପରି ଦୂରରୁ ଦେଖାଯାଏ ସେ ଗାଁ।'' ଗାଁଟିଏ ଅନୁରୂପ ଭାବେ ଦୃଶ୍ୟମାନ ହେଉ କି ନ ହେଉ, ଘଞ୍ଚ କିଆବୁଦାର ସମ୍ମୋହନରେ ବାନ୍ଧି ହେଇଯାଏ ପାଠକ ଉପନ୍ୟାସର ଆରମ୍ଭରୁ। ଉପନ୍ୟାସଟି ସରେ ପୁଣି ଗୋଟିଏ ଛୋଟିଆ ବାକ୍ୟରେ– ''ବାଡ଼ିପଟୁ ଦିଗହଜା ଚଢ଼େଇଟିଏ ବୋଲୁଥିଲା ମିଳନର ସଂଗୀତ।'' ଏ ସଂଗୀତ ଜମା ସରେନାହିଁ, ଉପନ୍ୟାସଟି ସରିଯିବାର ଅନେକ ଦିନ ପରେ ବି। ପାଞ୍ଚଟିଯାକ ଉପନ୍ୟାସର ବିଷୟବସ୍ତୁ ଆଖିଦେଖା ଅଭିଜ୍ଞତାର ଏକ ଏକ ଅଭିନବ ରୂପାୟନ। ଚରିତ୍ରମାନେ ଲାଗନ୍ତି ଯେମିତି ଏମାନଙ୍କ ସହ ପାଠକଙ୍କର ଭେଟ ହୋଇଛି ବା ହେବାକୁ ବାକି ଅଛି କେଉଁଠି କେଉଁଠି। ଜୀବନ ଏକ ଆହ୍ୱାନ। ଏହି ଆହ୍ୱାନର ଭଉଁରି ଭିତରେ ସମାଧାନର ଯେଉଁ ସୂତ୍ରଟି ଲେଖକ ଧରାଇ ଦିଅନ୍ତି, ତାହା ଉପନ୍ୟାସଗୁଡ଼ିକୁ ଚିର ଜୀବନ୍ତ ପ୍ରତିମା କରି କାଳ ନିର୍ବିଶେଷରେ ଥୋଇଦିଏ। ଆଶା, 'ପ୍ରିୟ ପଞ୍ଚକ' କାହାଣୀ ତଥା ଜୀବନପ୍ରିୟ ପାଠିକାପାଠକଙ୍କ ପାଇଁ ମନନର ଏକ ରମ୍ୟ ଅବକାଶ ସୃଷ୍ଟି କରିବ।

### ନିଜ ଖବର ନେବାର ସମୟ



**କବି:** ଅମରେନ୍ଦ୍ର ଖଟୁଆ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୬୯/-

ମୋଟ ୬୧ଟି କବିତା ସଂକଳନରେ ସ୍ଥାନିତ। କବିତାଠୁଁ ଜୀବନକୁ ବଡ଼ ମନେକରୁଥିବା କବି ଅମରେନ୍ଦ୍ରଙ୍କ କବିତାରେ ଅନୁଭବର ଏକ ଗୂଢ଼ତା ବରାବର ଲୁଚି ରହିଥାଏ, ଯେଉଁ ଗୂଢ଼ତା ଭିତରୁ ମୁହୁର୍ମୁହୁଃ ବଦଳିଚାଲିଥିବା ଅର୍ଥମାନଙ୍କର ନିକ୍ୱଣ ଥାଇଥାଇ ଶୁଭୁଥାଏ। ନିଜକୁ ଓ ନିଜ ପରିପାର୍ଶ୍ୱକୁ ରୂପ ଦେବାକୁ ଯାଇ ଭାଷାକୁ ସେ ସ୍ୱଚ୍ଛନ୍ଦତାର ଅଧିକାର ଦିଅନ୍ତି ଓ ଅତି ଆପଣାର ଲୋକଟିଏ ପାଖରେ ନିଭୃତରେ ବସି ଗପ ଶୁଣାଇଲା ପରି ଚଉପାଶର ନାନା ପ୍ରସଙ୍ଗ କବିତା ପାଲଟି ଯାଆନ୍ତି। ଅନୁଭବ ଓ ଅନୁଭବ୍ୟର ବିବିଧତାରେ ପୂର୍ଣ୍ଣ ଅମରେନ୍ଦ୍ରଙ୍କ କବିପଣକୁ ବୁଝିବା ପାଇଁ ତାଙ୍କ କବିତାରୁ କେତୋଟି ଦୃଷ୍ଟାନ୍ତ ନିଆଯାଇପାରେ– ୧. ''ପୋଷ୍ଟ ଅଫିସ୍‌ରୁ ରବିବାର ସାହିତ୍ୟପୃଷ୍ଠା/ ଖୋଜିବାର ଆବେଗଭର୍ତ୍ତି ଦିନସବୁ ବି ଆଉ ନାହିଁ।/ ଅଛି ଠିକଣା ବଦଳିଯାଇଥିବାର/ ଦୂରତ୍ୱ, ଝାପ୍‌ସା ସ୍ମୃତିର ପାହାଡ଼ ଚୂଳୀ ଓ/ ନିଜକୁ ଖୋଜୁଥିବାର ଏକ ମୁଖାପିନ୍ଧା/ ବୌଦ୍ଧିକ ବର୍ତ୍ତମାନ।'' (ଠିକଣା ବଦଳି ଯାଇଥାଏ, ପୃ:୧୧), ୨. ''ସାଧାରଣ କବିଟିଏ ମୁଁ, ନିଅ, ମୋ ଲଜ୍ଜାର/ ଲଂଗଳା ମୁକୁଳା ବର୍ଷବର୍ଷ, ମୋ କାକୁସ୍ଥ/ ଶବଦଂକ ଦିନରାତି, ଓ ଆସ, ମୋ ସାଂଗରେ/ ଗାଅ ସେଇ ଜାତୀୟ ସଂଗୀତ/ ଏକାଠି ବଂଚିବାର ଆମ ନିଜର, ଏକାଠି/ ଜିଇଥିବାର।'' (ମୋ ଭାରତ ପାଇଁ ଏକ ଗୀତ, ପୃ.୩୮); ପେସାଗତ ବାଧ୍ୟବାଧକତାରେ ଜନ୍ମମାଟି ଓଡ଼ିଶାଠୁଁ ଦୂରରେ ଥାଇ ବି କବି ଭୁଲିପାରନ୍ତି ନାହିଁ, ବେଣାପୁର ପୋଲତଳକୁ ସାଇକେଲରେ ଗଡୁଥିବା ରବିସାର୍‌ଙ୍କୁ। ପାରମ୍ପରିକତାର ପୁନରାବୃତ୍ତିରୁ ବାଟଭାଙ୍ଗି ଗ୍ରନ୍ଥସ୍ଥ କବିତାଗୁଡ଼ିକ ନିଜ ପାଇଁ ନିଜର ଏକ ବାଟ ତିଆରି କରନ୍ତି ଓ ଏହି କାରଣରୁ ଏକ ଅପରିଚିତ ନୂତନତାର ବାହକ ହୋଇଉଠନ୍ତି। ନିଃସନ୍ଦେହ ଯେ, ଆଲୋଚ୍ୟ କବିତାଗ୍ରନ୍ଥଟି ଅସାଧାରଣକୁ ସାଧାରଣ ଓ ସାଧାରଣକୁ ଅସାଧାରଣ କରି ଗଢ଼ି ତୋଳିବାର ଏକ ବିଶ୍ୱସ୍ତ ଦସ୍ତାବିଜ।

## କବିତା

### ନାଁ ଅଜଣା ଚିଠି

**ସେନାପତି ପ୍ରଦ୍ୟୁମ୍ନ କେଶରୀ**

ଡାକବାଲା ଫେରେଇ ନେଲା କ'ଣ?
ପ୍ରେମ ଚିଠି ନା ସୁଇଟ୍ ଗିଫ୍ଟ?
ହେଲେ ସେ ଚିଠି କୋଉଠୁ ଆସିଥିଲା? କାହା ପାଇଁ?
ପ୍ରାପକର ପୂରା ଠିକଣା କାହିଁକି ଲେଖା ନ ଥିଲା?

ସେ ଚିଠି ମୋ' ପାଇଁ ଆସି ନ ଥିଲା ତ?
ଭାବିଦେଲେ ଛାତିରେ
ଏକ ଅଜଣା ହାହାକାର ପିଟି ହେଉଥିଲା!

ଗୋଟେ ନାଁ ଅଜଣା ଚିଠି ଫେରିଗଲେ
ମନରେ କାହିଁକି ଖେଳେ ଏମିତି ଶୂନ୍ୟତା
ଗଳଗଳ ବର୍ଷାରେ
ଯେବେ ଉଜୁଡ଼ିଯାଏ ପାଚିଲା ଧାନ
କେହି କ'ଣ ତା'ର ହିସାବ ରଖିପାରେ?

ଓଦା କଳେଇ ପରି
ଏମିତିକା ଚିଠିର ଭାଗ୍ୟ
ଯେମିତି କେରାଏ ଶୁଖିଲା କୁଟା
ଜଳିଜଳି ପାଉଁଶ ହୁଏ!

ଜଳ ଜମି ଜଙ୍ଗଲକୁ ନେଇ ଆଗରୁ ଥିଲା
ଏମିତି ସଙ୍କଟ
ଶବରୀର ଅଇଁଠା କୋଳି ଭିତରେ ଥିଲା
ମନଛୁଆଁ ଖଟା ମିଠାର ସୁଆଦ
ଶରତ ଆକାଶ ସାରା
ଚିକ୍‌ମିକ୍ ଜ୍ୟୋତ୍ସ୍ନାର
ସଫେଦ ଉତ୍ସବ ଛାଇ ରହୁଥିଲା!

କୋଉ ଅଜଣା ପ୍ରେମିକାର ଚୁମ୍ବନ ପାଇଗଲା ପରି
ଧକଧକ ହେଉଥିଲା ହୃଦୟ
ଯାହା ପାଇଁ ସେ ଚିଠି ଆସିଥାଉ ପଛେ
ଲାଗୁଥିଲା ସତେ କି
ମୋ' ପାଇଁ କେହି ଲେଖିଥିଲା!

ମୋ: ୬୩୭୧୫୨୩୫୯୮

### ପାଦ ସଚଳ ଅଛି ତ...

**ଅକ୍ଷୟ ପାତ୍ର**

ପାଦ ସଚଳ ଅଛି ତ
ଅଛି ରାସ୍ତା
ମଗଜ ତେଜ୍ ଅଛି ତ
ଅଛି ପନ୍ଥା
ହୃଦ ସ୍ପନ୍ଦିତ ହେଉଛି ତ
ଅଛି ମାନବତା!

ରାସ୍ତା ଅଛି ତ
ଜାରି ରହିଛି ଯାତ୍ରା
ରିସ୍ତା ଅଛି ତ
ଅତୁଟ ଅଛି ଏକତା
ରାକା ଅଛି ତ
ରଜନୀରେ ଜାଗ୍ରତ ଅଛି
ତିଳ ତଣ୍ଡୁଳିତ ବିଭୋରତା!

ଜୀବନ ଅଛି ତ
ନିଶ୍ଚେ ଅଛି ଆସଙ୍ଗ ଲିପ୍ସା
ଯଜନ ଅଛି ତ
ଅବଶ୍ୟ ଅଛି ସିଦ୍ଧାନ୍ତିତ ମାର୍ଗଦର୍ଶିକା
ଜ୍ୱଳନ ଅଛି ତ
ପ୍ରକାଶୋନ୍ମୁଖୀ ଅଛି
ମୁକ୍ତିଦାୟୀ ରାସ୍ତା!

ମୋ: ୭୦୭୭୯୮୪୯୬୦

### କାହିଁକିର ପ୍ରତିଧ୍ୱନି

**ରାକେଶ ପଣ୍ଡା**

କେବେ ଦେଖିଛ କି ତୁମେ
ଶ୍ମଶାନରେ ଜଳୁଥିବା ଜୁଇର ନିଆଁକୁ,
କେବେ କରିଛ କି ଅନୁଭବ
ସେ ନିଆଁରୁ ନିର୍ଗତ ଧାସକୁ।
ଲାଗେ, ଖାଲି ମଣିଷର ଦେହଟା ନୁହେଁ
କ୍ଷମତା, ପଦ, ପଦବୀ,
ପ୍ରତିଷ୍ଠା, ସଞ୍ଚୟ, ଅହଂକାର,
ସବୁ ଜଳୁଥାଏ ଗୋଟି ଗୋଟି ହୋଇ
ବିନା ଦ୍ୱିଧା, ବାଧାରେ, ନୀରବତାର।

ନା ସାଙ୍ଗରେ ଥାଏ ଜଳିଲା ବେଳେ
ଦାମୀ ପୋଷାକ, ହୀରା, ସୁନା, ଟଙ୍କା
ନା ଥାଏ ପଲଙ୍କ, ଆଲିଶାନ ଘର,
ପ୍ରୟୋଜନ ଖାଲି ଛଅ ଖଣ୍ଡ ବାଉଁଶ
କିଛି କାଠ ଓ ଘିଅ ଅଧ ପାଏର।

ଧୀରେଧୀରେ ମିଶିଚାଲେ ମାଟିରେ
ହାଡ଼, ମାଂସ, ରକ୍ତର ଶରୀର,
ଶୂନ୍ୟ, ବ୍ରହ୍ମାଣ୍ଡ ଦିଗରେ
ମାଡ଼ିଚାଲେ ଆଗକୁ ଆତ୍ମା ତା'ର,
ପଛରେ ରହିଯାଏ ସବୁ ରୋଜଗାର,
ଉପାର୍ଜନ, ମାଲିକାନା, ପ୍ରତିଷ୍ଠା ସମାଜର।

ଯଦି ଏହା ସତ୍ୟ, ବାସ୍ତବ
ଟଙ୍କା, କ୍ଷମତା, ପାରଦର୍ଶିତାକୁ ନେଇ
କାହିଁକି କରେ ସେ ଗର୍ବ, ଅହଂକାର,
କିପରି ତା' ମନେ ହୁଏନାହିଁ ଉଜାଗର
ନମ୍ରତା, ଶିଷ୍ଟତା, ସଂସ୍କାର।
କରି ଚାଲେ ସେ ଅପରାଧ, ପାପ
ବଡ଼ ହେବାର ପ୍ରତିଯୋଗିତାରେ,
କ୍ଷତିକରେ ଅବଳା, ଅସହାୟର
ଭଦ୍ରତାର ମୁଖା ଓ ବେଶରେ।

ଏ କାହିଁକିର ପ୍ରତିଧ୍ୱନି...!
ଗୁଞ୍ଜରିତ ହୁଏ ବାରମ୍ବାର କାନରେ,
ଆନ୍ଦୋଳିତ ମନ ପ୍ରଶ୍ନବାଚୀର ଗୁନ୍ଥାରେ
ନିରପେକ୍ଷ ଉତ୍ତର ପାଇବା ଆଶାରେ।

ମୋ: ୯୩୩୭୮୯୭୬୫୦

ଲଘୁ-କବିତା

### ସାଙ୍ଗ

**ମନୋରମା ମହାପାତ୍ର**

କାହା ପେଟ ଏବେ ବଡ଼ ତ ହେଲାଣି
ଝଡ଼ିଲାଣି ଚୁଟି କା'ର,
କିଏ ପୁଅ ପାଇଁ ବୋହୂଟେ ଖୋଜୁଛି
କିଏ ଝିଅ ପାଇଁ ବର।

ଚାକିରି ସରୁଛି ବେମାରି ବଢୁଛି
କରିବାକୁ ହେବ ଘର,
ଧାଇଁ ଧାଇଁ ଯିଏ ବୁଲୁଥିଲା ଦିନେ
ଆଜି ଚାଲିବାକୁ ଡର।

ଥକିଲେଣି ସବୁ ସାଥୀମାନେ ଆଜି
ବୟସ ଯାଉଛି ବଢ଼ି,
ପ୍ରେମର କବିତା ଲେଖୁଥିଲା ଯିଏ
ତା' ହାତରେ ଆଜି ବାଡ଼ି।

ଇଏମ୍‌ଆଇ ଆଉ ଦେହର ପରୀକ୍ଷା
କରୁକରୁ ଦିନ ଯାଏ,
ସମୟର ଆଜି ଅଭାବ ସବୁଠି
ଭାବିବା ବେଳ ନ ଥାଏ।

ଥକିଲେଣି ସବୁ ସାଙ୍ଗମାନେ ଆଜି
ବୟସ ରଥରେ ଚଢ଼ି,
ଜାଣେନା କାହାର ସମୟ ସରିବ
କିଏ ଯିବ କେବେ ଛାଡ଼ି।

ତେଣୁ ଚାଲ ସାଙ୍ଗ ଯେତେଦିନ ଅଛେ,
ଭେଟାଭେଟି ହେଉଥିବା,
ବରଷକେ ଥରେ ସବୁ କଥା ଭୁଲି
ନିଜ ପାଇଁ ଜିଇ ଯିବା।

ମୋ: ୭୬୦୯୯୩୧୧୧୪

# ଚକବାଲା ଘର

## ଅନୁବାଦ ଗଳ୍ପ

**ମୂଳ ହିନ୍ଦୀ-ସନ୍ତୋଷ ସୁପେକାର**
**ଅନୁବାଦ-ନୃସିଂହ ଚରଣ ବେହେରା**

ରେଲଷ୍ଟେଶନ ଯିବା ପାଇଁ ଅଟୋରିକ୍ସା ଡାକିବାକୁ ମୁଁ ପାଖରେ ଥିବା ବସ୍ତିରେ ଯାଇ ପହଞ୍ଚିଲି ସକାଳୁ ସକାଳୁ, ଯେଉଁଠି ଜଣେ ରିକ୍ସାଚାଳକର ଘର।

ଯାଉଛି ସାର୍! ଚାହା ପିଉପିଉ କହିଲା ସେ, 'ବାସ୍ କେବଳ ପାଞ୍ଚ-ସାତ ମିନିଟ୍ ଲାଗିବ। ଟିକିଏ ରିକ୍ସାକୁ ସଫା କରିଦିଏ। ତା' ଭିତରେ ଆପଣ ଚାହା ପିଇ ନିଅନ୍ତୁ'।

ନା ନା! ଚାହା ନୁହେଁ, ତୁମେ ଚାହା ପିଇକରି ଜଲ୍‌ଦି ଚାଲ କହି ମୁଁ ଟିକିଏ ଚାରିଆଡ଼େ ନଜର ବୁଲାଇଲି, ହେଲେ କେଉଁଠି ତା' ରିକ୍ସା ଦେଖିବାକୁ ପାଇଲି ନାହିଁ। ତେଣୁ ପଚାରିଲି, 'ତୁମ ରିକ୍ସା କେଉଁଠି ଅଛି'?

ହେଇ ସେହି ସାମ୍ନା ଲାଇନର ସେପଟକୁ ଅନାନ୍ତୁ; ଗଛ ତଳେ ହିଁ ତ ଛିଡ଼ା ହୋଇଛି ମୋ' ଅଟୋ।


ଆରେ, ସେଇଠି ରଖୁଛ ତୁମେ ତୁମ ଅଟୋରିକ୍ସାକୁ? ମୁଁ ଦେଖିଲି ଦୁଇଜଣ ଛୋଟ ପିଲା, ଅଧା ଲଙ୍ଗଳା କାଳିଆ ଛୁଆ ବାହାରକୁ ବାହାରିଲେ ଅଟୋ ଭିତରୁ। ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଇ ପଚାରିଲି, ''ଆରେ ତୁମ ଘର ବାହାରେ ତ ବହୁତ ଜାଗା ଅଛି। ତା'ହେଲେ ସେଇଠି କାହିଁକି ରଖୁଛ ଅଟୋରିକ୍ସାକୁ?'' ଆଉ ଦେଖ, ସେ ଛୁଆମାନେ ତୁମ ଅଟୋକୁ ଅସନା କରୁଛନ୍ତି।

ଅସନା କରୁନାହାନ୍ତି ସାର୍! ସେମାନେ ଶୋଇଥିଲେ ଅଟୋ ଭିତରେ। ପାଣି ଭର୍ତ୍ତି ବାଲ୍‌ଟି ଆଉ ଗୋଟିଏ କନା ଧରି ବାହାରକୁ ଆସି ସେ କହିଲା, ସେଠି ଗୋଟିଏ ଗରିବ ପରିବାର ରହୁଛି ସେହି ଗଛ ତଳେ, ରାସ୍ତାରେ; ଯାହାଙ୍କର ବହୁତ ଛୋଟ ଆଉ ଜରି ପଲିଥିନ୍‌ରେ ଘେରା ଝୁମ୍ପୁଡ଼ି ଘରଟେ ଅଛି। ଛୋଟ ଛୋଟ ଛୁଆ ଅଛନ୍ତି ତାଙ୍କର। ରାତିରେ ସେମାନଙ୍କୁ ଶୀତ ଲାଗେ, ଡର ଲାଗେ ଆଉ ଯଦି ବର୍ଷା ଆସିଯାଏ ତ କେତେବେଳେ ମା'-ପୁଅ, କେତେବେଳେ ବାପ-ପୁଅ ନ ହେଲେ କେତେବେଳେ ଛୁଆ ଦୁଇଜଣ ଆସି ଶୋଇପଡ଼ନ୍ତି ମୋ' ଅଟୋରିକ୍ସାରେ। ତାଙ୍କୁ ଏହି ରିକ୍ସା ଭିତରେ ଟିକିଏ ଗରମ ଆଉ ସୁରକ୍ଷା ଅନୁଭବ ହୁଏ। ସେଥିପାଇଁ ମୁଁ ଅଟୋକୁ ଏଇଠି ରଖୁଛି। ଏହା ମୋର ରିକ୍ସା। ସେ ଟିକିଏ ହସିଲା ଆଉ କହିଲା, ''ସେହି ଘରହୀନଙ୍କ ପାଇଁ ରାତିରେ ଏହା ହିଁ ହେଉଛି ତାଙ୍କର ଘର, ଚକବାଲା ଘର।'' ଯଦି କାହାକୁ ଟିକିଏ ସୁଖ ମିଳୁଛି ସେଥିରେ କ'ଣ ଫରକ... କହୁକହୁ ସେ ନିଜକୁ ସମ୍ଭାଳି ନେଲା ଆଉ କହିଲା, ଦିନେ ମୁଁ ମଧ୍ୟ ଶୋଉଥିଲି ରାସ୍ତାରେ ସାର୍! ଆଉ ତା' ହାତ ଅଟୋରିକ୍ସାରୁ ଧୂଳି ସଫା କରିବାରେ ବ୍ୟସ୍ତ ହେଇଗଲା।



ମୋ: ୯୦୯୦୪୫୯୭୪୫

# କୋଲକାତାର ସହଜ ବିଜୟ



ବୋଲିଂ ଅବସରରେ ସୁନୀଲ ନାରିନ।

## ସୁନୀଲ ନାରିନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

**ଚେନ୍ନାଇ, ୧୧।୪**

ଅଧିନାୟକ ପରିବର୍ତ୍ତନ ହେଲେ ହେଁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ଭାଗ୍ୟ ପରିବର୍ତ୍ତନ ହୋଇନାହିଁ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦଳ ଖରାପ ପ୍ରଦର୍ଶନ ଜାରି ରଖି କ୍ରମାଗତ ୫ମ ପରାଜୟ ବରଣ କରିଛି। ଆହତ ଋତୁରାଜ ଗାଏକ୍‌ୱାଡ୍‌ଙ୍କ ସ୍ଥାନରେ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ଦାୟିତ୍ୱକୁ ଫେରିଥିଲେ ମଧ୍ୟ ଚେନ୍ନାଇ ନିଜ ଘରୋଇ ଗ୍ରାଉଣ୍ଡରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଅତି ଦୟନୀୟ ପ୍ରଦର୍ଶନ କରିଛି। ସୁନୀଲ ନାରିନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୮ ଉଇକେଟରେ ଚେନ୍ନାଇକୁ ପରାସ୍ତ କରିଛି। ଚେନ୍ନାଇ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୦୩ ରନ କରିଥିଲା। କୋଲକାତା ମାତ୍ର ୧୦.୧ ଓଭରରେ ୨ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିବା ସହ ନିଜ ରନ୍ ହାରରେ ଉଲ୍ଲେଖନୀୟ ଉନ୍ନତି ଆଣିଛି। ସୁନୀଲ ନାରିନ ମାତ୍ର ୧୮ ବଲ୍‌ରୁ ସର୍ବାଧିକ ୪୪ ରନ କରିଥିବାବେଳେ କ୍ୱିଣ୍ଟନ ଡିକକ୍ ୨୩ ରନ ସ୍କୋର କରିଥିଲେ। ୫ ମ୍ୟାଚରୁ ତୃତୀୟ ବିଜୟ ସହ କୋଲକାତା ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ କୋଲକାତା ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ଆରମ୍ଭରୁ ଘାତକ ବୋଲିଂ କରିଥିଲେ। ଟପ୍‌ରୁ ଆରମ୍ଭ କରି ମିଡିଲ ଅର୍ଡର ଓ ଲୋୟର ଅର୍ଡରରେ କୌଣସି ଚେନ୍ନାଇ ବ୍ୟାଟର ଭଲ ପ୍ରଦର୍ଶନ କରିପାରି ନ ଥିଲେ। ୭୧ ରନ ମଧ୍ୟରେ ୬ ଉଇକେଟ ପଡ଼ିଯିବାରୁ ଚେନ୍ନାଇ ବାଧ୍ୟ ହୋଇ ବ୍ୟାଟର ଦୀପକ ହୁଡାଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବେ ଖେଳାଇଥିଲେ। ମାତ୍ର ସେ ମଧ୍ୟ ଡକ୍(୦)ରେ ଆଉଟ ହୋଇ ଘରୋଇ ଦର୍ଶକ ଓ ଅଧିନାୟକ ଧୋନୀଙ୍କୁ ନିରାଶ କରିଥିଲେ। ଦଳ ପକ୍ଷରୁ ଶିବମ ଦୁବେ ସର୍ବାଧିକ ୩୧ ରନକରି ଅପରାଜିତ ରହିଥିବାବେଳେ ବିଜୟ ଶଙ୍କର ୨୯ ରନ କରିଥିଲେ। ଓପନର ରାଚିନ ରବୀନ୍ଦ୍ରଙ୍କ ସମେତ ଅଧଡଜନେ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବୈଭବ ଆରୋରାଙ୍କ ଶେଷ ବଲ୍‌କୁ ଦୁବେ ଚୌକାରେ ପରିଣତ କରିବାରୁ ଚେନ୍ନାଇ ସ୍କୋର ୧୦୦ ଅତିକ୍ରମ କରିଥିଲା। କୋଲକାତା ବୋଲରଙ୍କ ମଧ୍ୟରେ ଚମତ୍କାର ବୋଲିଂ କରିଥିଲେ ସୁନୀଲ ନାରିନ। ସେ ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୩ ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ। ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ୨ଟି ଲେଖାଏ ଏବଂ ବୈଭବ ଆରୋରା ଓ ମୋଇନ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୦୩/୯ (ଶିବମ୍ ଦୁବେ-୩୧*, ବିଜୟ ଶଙ୍କର-୨୯, ସୁନୀଲ ନାରିନ-୩/୧୩, ବରୁଣ ଚକ୍ରବର୍ତ୍ତୀ-୨/୨୨, ହର୍ଷିତ ରାଣା-୨/୧୬, ମୋଇନ ଅଲୀ-୧/୨୦, ବୈଭବ ଆରୋରା-୧/୩୧)। କୋଲକାତା ନାଇଟ ରାଇଡର୍ସ ୧୦.୧ ଓଭରରେ ୧୦୭/୨ (ସୁନୀଲ ନାରିନ-୪୪, କ୍ୱିଣ୍ଟନ ଡିକକ୍-୨୩, ଅନସୁଲ କାମ୍ବୋଜ-୧/୧୯, ନୁର୍ ଅହମଦ-୧/୮)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ଗୁଜରାଟ**
ସ୍ଥାନ: ଲକ୍ଷ୍ନୌ
ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ ବନାମ ପଞ୍ଜାବ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପୋଲିସ ହକି ଟୁର୍ନାମେଣ୍ଟରେ ଶୁକ୍ରବାର ବିଜୟୀ ହୋଇଥିବା ଓଡ଼ିଶା ଦଳ।

# ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

### ସର୍ବଭାରତୀୟ ପୋଲିସ ହକି

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଦିବସରେ ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅନ୍ୟ ୬ଟି ମ୍ୟାଚରେ କର୍ଣ୍ଣାଟକ ୪-୨ ଗୋଲରେ ଜମ୍ମୁ କଶ୍ମୀର, ମଣିପୁର ୮-୨ରେ ଛତିଶଗଡ଼, ଝାଡ଼ଖଣ୍ଡ ୩-୨ରେ ପଶ୍ଚିମବଙ୍ଗ, ରାଜସ୍ଥାନ ୧୪-୦ରେ ଚଣ୍ଡିଗଡ଼, ସିଆରପିଏଫ୍ ମହିଳା ଦଳ ୮-୦ରେ ହରିୟାଣାକୁ ହରାଇ ଦେଇଛି। ଶେଷ ମ୍ୟାଚରେ ସିଆରପିଏଫ୍ ୧୨-୦ରେ ହରିୟାଣାକୁ ପରାସ୍ତ କରିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡଙ୍ଗୀ, ଆରକ୍ଷୀ ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଡିଆଇଜି (ଏସଆଇଡବ୍ଲୁ) କନୱର ବିଶାଲ ସିଂ, ଏସ୍‌ପି (କଟକ) ପ୍ରତୀକ ସିଂ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

# ଭାରତୀୟ ଦଳକୁ ଦ୍ୱିତୀୟ ସ୍ଥାନ

**ବୁଏନ୍ସ ଏରିଜ, ୧୧।୪ (ପି.ଟି.)**

ରାଇଫଲ ପିସ୍ତଲ ଓ ଶଟ୍‌ଗନ୍ ଶୁଟରମାନଙ୍କ ଲାଗି ବର୍ଷର ପ୍ରଥମ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ଯୁବ ଟ୍ରାପ୍ ମିକ୍ସଡ ଟିମ୍ ଯୋଡ଼ି ଲକ୍ଷ୍ୟ ଶେଓରାନ ଓ ନୀରୁ ଫାଇନାଲରେ ଗୋଟିଏ ପଏଣ୍ଟ ପାଇଁ ଏକ ପଦକ ହାତଛଡ଼ା କରିଥିଲେ ମଧ୍ୟ ଭାରତୀୟ ଦଳ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଗୁରୁବାର ମିକ୍ସଡ ଟିମ୍ ଏୟାର ପିସ୍ତଲ ଯୋଡ଼ି ସୁରୁଚି ଓ ସୌରଭ ଚୌଧାରୀ ବ୍ରୋଞ୍ଜ ଜିତିବା ପରେ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୮ରେ ପହଞ୍ଚିଥିଲା। ଫଳରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ଚାଇନା ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷରେ ରହିଛି। ଭାରତର ସ୍ୱର୍ଣ୍ଣ ଜିତିଥିବା ପ୍ରତିଯୋଗୀମାନେ ହେଲେ ସିଫ୍ଟ କୌର (ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ), ରୁଦ୍ରାଂକ୍ଷ ପାଟିଲ (ପୁରୁଷ ୧୦ମିଟର ଏୟାର ରାଇଫଲ), ସୁରୁଚି (ମହିଳା ୧୦ ମିଟର ଏୟାର ପିସ୍ତଲ) ଓ ବିଜୟବୀର ସିଦ୍ଧୁ (ପୁରୁଷ ୨୫ ମିଟର ରାପିଡ-ଫାୟାର ପିସ୍ତଲ)। ସିଦ୍ଧୁ ତାଙ୍କ ଇଭେଣ୍ଟରେ ଏକ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି।

# କିଟ୍ ମହିଳା ଦଳକୁ ୪ର୍ଥ ସ୍ଥାନ

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ):** ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ କିଟ୍ ମହିଳା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛି। ଦେଶର ୧୬ଟି ଶ୍ରେଷ୍ଠ ମହିଳା ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଏମଡିୟୁ ରୋହତକ ଚାମ୍ପିୟନ, ୟୁନିଭର୍ସିଟି ଅଫ୍ କାଲିକଟ ରନରଅପ ହୋଇଥିବାବେଳେ ୟୁନିଭର୍ସିଟି ଅଫ୍ ମାଡ୍ରାସ ୩ୟ ଓ କିଟ୍ ୪ର୍ଥ ସ୍ଥାନରେ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଭଲିବଲ ଦଳର ମୁଖ୍ୟ କୋଚ୍ ଜି.ଇ. ଶ୍ରୀଧରନ ମୁଖ୍ୟ ଅତିଥି ଏବଂ କୋଟାୟମସ୍ଥିତ ଏମ୍‌ଜିୟୁର ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ସାଇନ୍ସେସର ନିର୍ଦ୍ଦେଶକ ବିନୁ ଜର୍ଜ ଭର୍ଘେସେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ମନମୋହନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଟଙ୍କଧର ଫାଓ ସଭାପତି ନିର୍ବାଚିତ



**ଭୁବନେଶ୍ୱର, ୧୧।୪ (ବିଜୟ ରଣା):** ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଉପେନ୍ଦ୍ର କୁମାର ଦାସ ଏହା ଘୋଷଣା କରିଛନ୍ତି। ଆସନ୍ତା ୨୦ରେ ଫାଓର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହାର ବିଧିବଦ୍ଧ ଘୋଷଣା କେବଳ ବାକି ରହିଛି। ସୂଚନାଯୋଗ୍ୟ, ସମୀର ଦେ'ଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲି ପଡ଼ିଥିଲା। ନିର୍ବାଚନ ଅଧିକାରୀଙ୍କର ୪ ସେଟ୍ ପ୍ରାର୍ଥୀପତ୍ର ହସ୍ତଗତ ହୋଇଥିଲା।

# ଏଏଫ୍‌ସି ଏସିଆନ କପ୍ ୨୦୩୧ ପାଇଁ ବିଡ୍ ଦାଖଲ କଲା ଭାରତ

**ନୂଆଦିଲ୍ଲୀ, ୧୧।୪ (ପି.ଟି.)**

ଭାରତ ୨୦୩୧ ଏଏଫ୍‌ସି ଏସିଆନ କପ୍ ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରି ଏହାର ବିଡ୍ 'ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଏଲ୍) ଦାଖଲ କରିଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଶୁକ୍ରବାର ପ୍ରକାଶ କରିଛି। ବିଡ୍ ଦାଖଲ କରିବା ଲାଗି ଶେଷ ତାରିଖ ମାର୍ଚ୍ଚ ୩୧ ରହିଥିଲା। ଯେଉଁ ୭ଟି ଫୁଟ୍‌ବଲ ମହାସଂଘ ସେମାନଙ୍କର ଇଓଏଲ୍ ଦାଖଲ କରିଛନ୍ତି, ସେମାନଙ୍କ ମଧ୍ୟରେ ଏଆଇଏଫ୍‌ଏଫ୍ ଅନ୍ୟତମ। ଟୁର୍ନାମେଣ୍ଟ ଆୟୋଜନ ଅଧିକାର ହାସଲ କରିବା ଲାଗି ଭାରତକୁ ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ ଓ ୟୁଏଇ ଭଳି ଫୁଟ୍‌ବଲ ପାୱାର ହାଉସ୍‌ଙ୍କଠାରୁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡ଼ିବ। ଇଣ୍ଡୋନେସିଆ ଓ କୁଏଟ୍ ମଧ୍ୟ ସେମାନଙ୍କ ଇଓଏଲ୍ ଦାଖଲ କରିଥିବାବେଳେ କିରକିଜ୍‌ସ୍ତାନ, ତାଜିକ୍‌ସ୍ତାନ ଓ ଉଜ୍‌ବେକିସ୍ତାନ ମିଳିତ ଭାବେ ବିଡ୍ ଦାଖଲ କରିଛନ୍ତି। ଆୟୋଜକ ଦେଶର ନାମ ୨୦୨୬ରେ ଘୋଷଣା କରାଯିବ। ଏହି ଦେଶ ଆପେ ଯୋଗ୍ୟତା ଅର୍ଜନ କରିବ।

# ଆଡ୍‌ଭାନୀ ଫାଇନାଲରେ

**କାର୍ଲୋ, ୧୧।୪ (ପି.ଟି.)**



ଅନେକଥର ବିଶ୍ୱ ଚାମ୍ପିୟନ ପଙ୍କଜ ଆଡ୍‌ଭାନୀ ୭-୫ରେ ନିଜ ଦେଶର ଶ୍ରୀକ୍ରିଷ୍ଣା ସୁରିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଡବ୍ଲ୍ୟୁବିଏଲ୍ ୱାର୍ଲ୍ଡ ମ୍ୟାଚପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ୨୮ ଥର ବିଶ୍ୱ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିୟନ ସେମିଫାଇନାଲରେ ନିଜ ଦେଶର ସୁରିଙ୍କୁ ୧୦୦-୦, ୧୦୦-୦, ୧୦୦-୬, ୪୭-୧୦୦, ୧୦୦-୪, ୬୪-୧୦୦, ୮୧-୧୦୦, ୧୦୦-୧୧, ୧୨-୧୦୦, ୮-୧୦୦, ୧୦୦-୭, ୧୦୦-୦ରେ ପରାସ୍ତ କରିଥିଲେ। ବେଷ୍ଟ ଅଫ୍ ୧୫ ଫାଇନାଲରେ ସେ ଇଂଲଣ୍ଡର ଡେଭିଡ କଜିରଙ୍କୁ ଭେଟିବେ। ଡେଭିଡ୍ କଜିର ସେମିଫାଇନାଲରେ ସିଙ୍ଗାପୁରର ପିଟର ଗିଲ୍‌କ୍ରିଷ୍ଟଙ୍କୁ ୭-୨: ୧୦୦-୪, ୮୪-୧୦୦, ୧୦୦-୩୮, ୨-୧୦୦, ୧୦୦-୨, ୧୦୦-୧୪, ୧୦୦-୫୫, ୧୦୦-୪, ୧୦୦-୨୦ରେ ପରାସ୍ତ କରିଛନ୍ତି।

# ସେମିରେ ଓଡ଼ିଶା

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ):** କେନ୍ଦୁଝରଠାରେ ଚାଲିଥିବା ୩୯ତମ ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରଥମଥରପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୪-୪ରେ ଦିଲ୍ଲୀକୁ ଓ କ୍ୱାର୍ଟର ଫାଇନାଲରେ ମଣିପୁରକୁ ୨୪-୨୧ରେ ପରାସ୍ତ କରିଛି। ଓଡ଼ିଶା ସେମିଫାଇନାଲରେ ଉତ୍ତର ପ୍ରଦେଶକୁ ଭେଟିବ। ଫାଇନାଲ ଶନିବାର ଅନୁଷ୍ଠିତ ହେବ।

# ସିଏଚ୍‌ଏସ୍‌ଇ ଦଳରେ କିସ୍‌ର ୯ ଖେଳାଳି

### ଜାତୀୟ ସ୍କୁଲ ଗେମ୍ସ

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

ମଣିପୁରର ଇମ୍ଫାଲଠାରେ ୬୮ତମ ଜାତୀୟ ସ୍କୁଲ ଗେମ୍ସ ଚଳିତ ମାସ ୧୫ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୯ ଖେଳାଳି (ସିପକ୍‌ଟାକ୍ର ଓ ଫୁଟବଲ) ସାମିଲ ହୋଇଛନ୍ତି। ବାଳକ ସିପକ୍‌ଟାକ୍ର ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଜୟପ୍ରକାଶ ମୁଣ୍ଡାରୀ, ଗୁରା ମାଝି ଓ ଚନ୍ଦ୍ରାୟ ମୁର୍ମୁ। ସେହିପରି ବାଳିକା ଫୁଟବଲ ଦଳରେ ସାମିଲ ଥିବା ୬ ଖେଳାଳି ହେଲେ ଅଞ୍ଜଳା ମୁଣ୍ଡାରୀ, ଚନ୍ଦ୍ରିକା ସିଂ, ସୀମା ନାଏକ, ବର୍ଷା ଧରୁଆ, ଜୁଲାମି ସାନ୍ତା ଓ ନନ୍ଦିନୀ ଓରାମ। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ଜାତୀୟ ସ୍କୁଲ ଗେମ୍ସ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦଳରେ ସାମିଲ ହୋଇଥିବା କିସ୍‌ର ସିପକ୍‌ଟାକ୍ର ଓ ମହିଳା ଫୁଟବଲ ଖେଳାଳି।

### ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍

# କାପିଲା-କାଷ୍ଟ୍ରୋ ଯୋଡ଼ିଙ୍କ କ୍ୱାର୍ଟରରୁ ବିଦାୟ

**ନିଙ୍ଗବୋ, ୧୧।୪ (ପି.ଟି.):** ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ୍ କାପିଲା ଓ ତନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। କ୍ୱାର୍ଟରଫାଇନାଲରେ ସେମାନେ ୫ମ ସିଡ୍ ହଂକଂର ତାଙ୍ଗ ଚୁନ୍ ମାନ୍ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କଠାରୁ ୨୦-୨୧, ୧୩-୨୧ରେ ପରାଜିତ ହୋଇଯାଇଛନ୍ତି। ସେମାନଙ୍କର ପରାଜୟ ସହ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଯାଇଛି। ପୂର୍ବରୁ ପି.ଭି. ସିନ୍ଧୁ (ମହିଳା ସିଙ୍ଗଲ୍ସ), କିରନ ଜର୍ଜ ଓ ପ୍ରିୟାଂଶୁ ରାଜାୱତ (ପୁରୁଷ ସିଙ୍ଗଲ୍ସ) ଏବଂ ହରିହରନ ଆମସାକାରୁନାନ, ରୁବାନ କୁମାର ରିଥିନାସାବାପାଥି (ପୁରୁ ଡବଲ୍ସ) ପ୍ରମୁଖ ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।

# ଇଣ୍ଡିଆନ ସୁପର ଲିଗ୍ ଫାଇନାଲ ଆଜି

**କୋଲକାତା, ୧୧।୪**

ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୪-୨୫ ଫାଇନାଲ ମ୍ୟାଚ ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏହି ମ୍ୟାଚ ଖୁବ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଆଇଏସ୍‌ଏଲ୍‌ରେ ଦୁଇ ଦଳ ପରସ୍ପରକୁ ୧୧ଥର ଭେଟିଛନ୍ତି। ଏଥିରେ ମୋହନ ବାଗାନ ୭ଥର ଜିତିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସି ଦୁଇଥର ବିଜୟ ଲାଭ କରିଛି। ଉଭୟ ଦଳ ମଧ୍ୟରେ ଦୁଇଟି ମ୍ୟାଚ ଡ୍ର ରହିଛି। ଦୁଇ ଦଳରେ କେତେଜଣ ଷ୍ଟାର ଖେଳାଳି ରହିଛନ୍ତି। ମୋହନ ବାଗାନ ଦଳ ତରଫରୁ ଖେଳୁଥିବା ମନବୀର ସିଂ ରେକର୍ଡ ୫ମ ଥର ଆଇଏସ୍‌ଏଲ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଆହୁରି ମଧ୍ୟ ସବୁଠାରୁ ଅଧିକ ସଂଖ୍ୟକ ୧୮ଥର ଆଇଏସ୍‌ଏଲ୍ ଫାଇନାଲ ଖେଳିଛନ୍ତି। ଆଇଏସ୍‌ଏଲ୍‌ର ଏହି ସିଜନରେ ଏହି ୨୯ ବର୍ଷୀୟ ଖେଳାଳି ୫ ଗୋଲ୍ ସ୍କୋର କରିଥିବା ବେଳେ ୪ଟିରେ ସହାୟତା ପ୍ରଦାନ କରିଛନ୍ତି। ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଖେଳୁଥିବା ସୁନୀଲ ଛେତ୍ରୀ ଏବଂ ମୋହନ ବାଗାନ ଦଳ ତରଫରୁ ଖେଳୁଥିବା ଦିମିତ୍ରିଓସ ଆଇଏସ୍‌ଏଲ୍ ଫାଇନାଲରେ ସର୍ବାଧିକ ବ୍ୟକ୍ତିଗତ ଦୁଇଟି ଲେଖାଏ ଗୋଲ ସ୍କୋର କରି ମିଳିତ ରେକର୍ଡ କରିଛନ୍ତି। ଏହି ସିଜନରେ ଛେତ୍ରୀ ୧୪ ଗୋଲ ସ୍କୋର କରିଥିବା ବେଳେ ପେତ୍ରାତୋସ ୪ଟି ଗୋଲ ଦେଇଛନ୍ତି। ମୋହନ ବାଗାନ ଷ୍ଟ୍ରାଇକର ଜାସନ କୁମିନ୍ସ ଗୋଟିଏ ଗୋଲ ସ୍କୋର ସହ କ୍ରମାଗତ ତାଙ୍କର ୪ଟି ପ୍ଲେ-ଅଫ୍ ଖେଳି ସାରିଛନ୍ତି। ସେ ଖେଳିବାକୁ ଥିବା ୫ମଟିରେ ତାଙ୍କ ସହିତ ରୟ କ୍ରିଷ୍ଣା ଓ ଡେଭିଡ ୱିଲିୟମ୍ସଙ୍କ ଭଳି କିମ୍ବଦନ୍ତୀ ଖେଳାଳି ରହିବେ। ବେଙ୍ଗାଲୁରୁ ଏଫ୍‌ସିର ଡିଫେନ୍ସ ରାହୁଲ ଭେକେ ସମ୍ଭାଳିବେ। ଚଳିତ ଅଭିଯାନରେ ସେ ୧୨୧ କ୍ଲିଅରାନ୍ସ କରିଛନ୍ତି। ପ୍ରତିଯୋଗିତାର କୌଣସି ସିଜନରେ ଏହା ହେଉଛି ୪ର୍ଥ ସର୍ବାଧିକ।



ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଦୁଇ ଦଳର କୋଚ୍ ଓ ଅଧିନାୟକ।


"M.B.K."
Great Eastern® RETAIL
ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
ନୂତନ ବର୍ଷର ନୂତନ ଉପହାର
FREE OUTDOOR BRACKET*
FREE STANDARD INSTALLATION* ON MULTIPLE AC BRANDS
FREE ASSURED GIFT*
FREE EXPRESS DELIVERY* FOR AIR CONDITIONERS
LLOYD upto 53% OFF 1.5 T 3* Inverter AC MRP ₹55990 EMI ₹2325* 1.5 T 5* Inverter AC MRP ₹67990 EMI ₹2830*
Godrej upto 49% OFF 1.5 T 3* Inverter AC MRP ₹45900 EMI ₹2042* 1.5 T 5* Inverter AC MRP ₹54900 EMI ₹2417*
VOLTAS upto 65% OFF 1.5 T 3* Inverter AC MRP ₹60490 EMI ₹2292* 1.5 T 5* Inverter AC MRP ₹77790 EMI ₹2833*
LG upto 66% OFF 1.5 T 3* Inverter AC MRP ₹78990 EMI ₹2542* 1.5 T 5* Inverter AC MRP ₹85990 EMI ₹3208*
Carrier upto 65% OFF 1.5 T 3* Inverter AC MRP ₹78990 EMI ₹2458* 1.5 T 5* Inverter AC MRP ₹78490 EMI ₹3042*
HITACHI upto 57% OFF 1.5 T 3* Inverter AC MRP ₹64850 EMI ₹2458* 1.5 T 5* Inverter AC MRP ₹75850 EMI ₹3125*
DAIKIN upto 51% OFF 1.5 T 3* Inverter AC MRP ₹58400 EMI ₹2542* 1.5 T 5* Inverter AC MRP ₹67200 EMI ₹3292*
Panasonic upto 56% OFF 1.5 T 3* Inverter AC MRP ₹50900 EMI ₹2333* 1.5 T 5* Inverter AC MRP ₹67900 EMI ₹3167*
Whirlpool upto 60% OFF 1.5 T 3* Inverter AC MRP ₹62200 EMI ₹2250* 1.5 T 5* Inverter AC MRP ₹71900 EMI ₹2500*
GENERAL upto 20% OFF 1.5 T 3* Inverter AC MRP ₹56790 EMI ₹3750* 1.5 T 5* Inverter AC MRP ₹70520 EMI ₹4708*
LLOYD upto 44% OFF MRP ₹47990 1.5 T 3* Window AC EMI ₹2250*
Godrej upto 39% OFF MRP ₹41900 1.5 T 3* Window AC EMI ₹2125*
Carrier upto 41% OFF MRP ₹45090 1.5 T 3* Window AC EMI ₹2208*
upto 35% OFF 184 L Single Door MRP ₹17260 EMI ₹933*
upto 35% OFF 235 L Double Door MRP ₹30690 EMI ₹1650*
upto 48% OFF 596L Side By Side + 24L OTG MRP ₹101990 EMI ₹3295*
upto 40% OFF HAVELLS Deseart Cooler MRP ₹22590 EMI ₹1124*
upto 36% OFF USHA Air Cooler MRP ₹13190 EMI ₹708*
upto 27% OFF 230L Deep Freezer MRP ₹32890 EMI ₹1999*
BRING HOME THE GAME
75 (190.5cm) UHD TV upto 55% OFF MRP ₹199900 EMI ₹5333*
65 (165.1cm) Google TV upto 45% OFF MRP ₹101990 EMI ₹4858*
55 (139.7cm) UHD TV upto 49% OFF MRP ₹66990 EMI ₹3083*
43 (109.7cm) Smart TV upto 55% OFF MRP ₹50490 EMI ₹1874*
32 (81.28cm) Smart TV upto 65% OFF MRP ₹22990 EMI ₹666*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA hindware FABER Sunflame USHA
UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.
SCAN FOR MORE OFFERS
Widest Range Of Products* | Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000
ବ୍ରହ୍ମପୁର ଦଳୁଆ ସାହି 9938668181
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.
virtual frame

# ଇଷ୍ଟ ବେଙ୍ଗଲକୁ ପ୍ରଥମ ଟାଇଟଲ



ବିଜୟ ହାସଲ ପରେ ଉଲ୍ଲସିତ ଇଷ୍ଟ ବେଙ୍ଗଲ ଖେଳାଳି।

**କଲ୍ୟାଣୀ, ୧୧।୪ (ପି.ଟି.)**

ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସିକୁ ୧-୦ ଗୋଲ୍‌ରେ ପରାସ୍ତ କରି ଇଷ୍ଟବେଙ୍ଗଲ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଟ୍ରଫି ହାସଲ କରିଛି। ଫଳରେ ୨୧ବର୍ଷ ପରେ ଇଷ୍ଟ ବେଙ୍ଗଲର ଏକ ଦଳ ଭାରତୀୟ ଫୁଟ୍‌ବଲରେ ଏକ ଲିଗ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ସୌମ୍ୟ ଗୁଗୁଲୋଥ ବିଜୟସୂଚକ ଗୋଲ୍‌ଟିକୁ ୬୭ତମ ମିନିଟ୍‌ରେ ସ୍କୋର କରିଥିଲେ। ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଆଉ ଗୋଟିଏ ମ୍ୟାଚ ବାକିଥିବା ସତ୍ତ୍ୱେ ଦଳ ରିଲଗେଶନ ମୁହାଁ ହୋଇଛି। ଜାତୀୟ ଫୁଟ୍‌ବଲରେ ଏହା ପୂର୍ବରୁ ଇଷ୍ଟବେଙ୍ଗଲର ପୁରୁଷ ଦଳ ୨୦୦୩-୦୪ରେ ଆଇ-ଲିଗ୍‌ରେ ଟ୍ରଫି ହାସଲ କରିଥିଲା। ବିଗତବର୍ଷ ଗୁଡ଼ିକରେ ଅନ୍ୟ କେତେକ ଜାତୀୟ ଟାଇଟଲ ନକ୍ ଆଉଟ କିମ୍ବା ଲିଗ୍ କମ୍ ନକ୍‌ଆଉଟ ଟୁର୍ନାମେଣ୍ଟରେ ହାସଲ କରିପାରିଛି। ପୁରୁଷ ଦଳ ଆହୁରି ମଧ୍ୟ ୨୦୦୩ରେ ଏସିଆନ କ୍ଲବ ଚାମ୍ପିୟନଶିପ୍ ଜିତିପାରିଥିଲା। ମହିଳା ଟପ୍ ଡିଭିଜନର ୩ୟ ସିଜନରେ ଇଷ୍ଟବେଙ୍ଗଲ ମହିଳା

### ଆଇଡବ୍ଲ୍ୟୁଏଲ୍

ଦଳ ସମସ୍ତ ଚ୍ୟାଲେଞ୍ଜକୁ ଅତି ସହଜରେ ଅତିକ୍ରମ କରିଛି। ଗୋକୁଲମ କେରଳକୁ ଛାଡ଼ି ଦଳ ସିଜନରେ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଛି। ଏଥର ସେମାନେ ଗୋଟିଏ ମ୍ୟାଚ ବାକିଥାଇ ଟାଇଟଲ ଜିତିପାରିଛନ୍ତି। ଦଳ ଏହାର ଶେଷ ମ୍ୟାଚ ଏପ୍ରିଲ ୧୮ରେ ଗୋକୁଲମକୁ ଭେଟିବ। ସେତେବେଳେ ଦଳକୁ ବିଧିବଦ୍ଧ ଭାବେ ଟ୍ରଫି ଦାଖଲ କରାଯିବ।

# କିସ୍ ଚାମ୍ପିୟନ, କେନ୍ଦୁଝର ରନରଅପ୍



ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ ଆନ୍ତଃଜିଲା ସିନିୟର ମହିଳା ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟ ଓ ଚୟନ ଟ୍ରାଏଲ ସଫଳତାର ସହ ଆଇଆର୍‌ସି ଭିଲେଜସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୬ଟି ମହିଳା ଦଳ ଅଂଶଗ୍ରହଣ କରିଥିବାବେଳେ କିସ୍ ଚାମ୍ପିୟନ ଓ କେନ୍ଦୁଝର ରନରଅପ୍ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲରେ କିସ୍ ୧୦-୫ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୧୦-୫ରେ ମୟୂରଭଞ୍ଜକୁ ହରାଇ ଦେଇଛି। ଉଦ୍‌ଯାପନୀ ସମାରୋହରେ ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ

### ଆନ୍ତଃଜିଲା ସିନିୟର ମହିଳା ରଗ୍‌ବୀ

ଶକ୍ତିରଞ୍ଜନ ମହାନ୍ତି, ଚୟନକର୍ତ୍ତା ସଂଗ୍ରାମ ମହାନ୍ତି, ସଦସ୍ୟ ଭାଗ୍ୟଲକ୍ଷ୍ମୀ ବାରିକ, ଆରପିଏଲ୍ କୋଚ୍ ରାଜୀବ କୁମାର ନାଥ ଓ ମ୍ୟାଚ ଅଫିସିଆଲ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆବଶ୍ୟକୀୟ ସମର୍ଥନ ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ